




## ଆମର ଲକ୍ଷ୍ୟ

ଆମକୁ ଏକ ରାଷ୍ଟ୍ରୀୟ ଶିକ୍ଷା ପ୍ରଣାଳୀର ବିକାଶ କରିବାକୁ ହେବ ଯାହାଦ୍ୱାରା ଏପରି ଯୁବସମାଜ ନିର୍ମିତ ହୋଇପାରିବ ଯିଏ ହିନ୍ଦୁତ୍ୱନିଷ୍ଠ ଏବଂ ରାଷ୍ଟ୍ରଭକ୍ତିରେ ଓତପ୍ରୋତ ହୋଇଥିବ । ଶାରୀରିକ, ପ୍ରାଣିକ, ମାନସିକ, ବୌଦ୍ଧିକ ଏବଂ ଆଧ୍ୟାତ୍ମିକ ଦୃଷ୍ଟିରୁ ପୂର୍ଣ୍ଣ ବିକଶିତ ହୋଇଥିବ ତଥା ଜୀବନର ବର୍ତ୍ତମାନ ଆହ୍ୱାନଗୁଡ଼ିକୁ ସଫଳ ମୁକାବିଲା କରିପାରିବ ଓ ଯାହାର ଜୀବନ ଗ୍ରାମ, ବନ, ଗିରିକନ୍ଦର ଓ କୁଡ଼ିଆରେ ବାସ କରୁଥିବା ଦୀନ, ଦୁଃଖୀ, ଅଭାବଗ୍ରସ୍ତ ଆପଣାର ବନ୍ଧୁମାନଙ୍କୁ ସାମାଜିକ କୁସଂସ୍କାର, ଶୋଷଣ ଏବଂ ଅନ୍ୟାୟରୁ ମୁକ୍ତ କରାଇବା ସହ ରାଷ୍ଟ୍ର ଜୀବନକୁ ସମରସ, ସୁସମ୍ପନ୍ନ ଏବଂ ସୁସଂସ୍କୃତ କରିବା ପାଇଁ ସମର୍ପିତ ହୋଇଥିବ ।

**।। ବିଦ୍ୟା ଭାରତୀ ।।**
**ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ**

*The Swarnadri*

The Swarnadri Vol No-XIV Year-2013-14
Published By:-Secretary, Saraswati Shishu Vidya Mandir, Bhimatangi, Bhubaneswar-2

# ସ୍ୱର୍ଣ୍ଣାଦ୍ରି

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

### ଭୀମଟାଙ୍ଗି, ଭୁବନେଶ୍ୱର







ଶ୍ରୀଯୁକ୍ତ ଶଙ୍କର୍ଷଣ ପାଣିଗ୍ରାହୀ (ପ୍ରଧାନାଚାର୍ଯ୍ୟ)



ଆମ ବିଦ୍ୟାଳୟର ଗାଇଡ୍



ଆମ ବିଦ୍ୟାଳୟର ସ୍କାଉଟ୍

## ଆମ ବିଦ୍ୟାଳୟର ପରିଚାଳନା ସମିତି



(ବସିଥିବା ବାମରୁ ଡାହାଣକୁ) : ଶ୍ରୀମତୀ ରେଣୁ ରାୟ (ଯୁଗ୍ମ ସମ୍ପାଦକ)
ଶ୍ରୀଯୁକ୍ତ ରାମନାରାୟଣ ମିଶ୍ର (ଉପସଭାପତି)
ଶ୍ରୀଯୁକ୍ତ ଭବାନୀ ଭୂଷଣ ପାଣିଗ୍ରାହୀ (ସଭାପତି)
ଶ୍ରୀମାନ୍ ଜଗଦାନନ୍ଦ ପଟ୍ଟନାୟକ (ସମ୍ପାଦକ)
ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ନାୟକ (କୋଷାଧ୍ୟକ୍ଷ)

(ଠିଆ ହୋଇଥିବା ବାମରୁ ଡାହଣକୁ) : ଶ୍ରୀଯୁକ୍ତ ଶଙ୍କର୍ଷଣ ପାଣିଗ୍ରାହୀ (ପ୍ରଧାନାଚାର୍ଯ୍ୟ)
ଶ୍ରୀଯୁକ୍ତ ବିଭୁତି ଭୂଷଣ ନାୟକ (ସଦସ୍ୟ)
ଶ୍ରୀଯୁକ୍ତ ତ୍ରିନାଥ ଦାସ (ସଦସ୍ୟ)
ଶ୍ରୀଯୁକ୍ତ ବିଜୟ କୁମାର ଜେନା (ଆଚାର୍ଯ୍ୟ ପ୍ରତିନିଧି)

## ୨୦୧୨-୧୩ ଶିକ୍ଷାବର୍ଷର୍ ବିଦ୍ୟାଳୟର୍ ଶ୍ରେଷ୍ଠ କୃତି ଛାତ୍ର ଛାତ୍ରୀ



**ନିକସିତା ନନ୍ଦ**

- ସରକାରୀ ବୃତ୍ତି (୩ୟଶ୍ରେଣୀ) ପରୀକ୍ଷାରେ ସମଗ୍ର ଭୁବନେଶ୍ୱର ଶିକ୍ଷା ଜିଲ୍ଲାରେ ୩ୟ ସ୍ଥାନ।
- ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଦ୍ୱାରା ଆୟୋଜିତ ମେଧା ପରୀକ୍ଷାରେ ଓଡ଼ିଶାରେ ୬ଷ୍ଠ ସ୍ଥାନ।
- ଭାରତୀ କୃଷ୍ଣ ଗଣିତ ପରୀକ୍ଷାରେ ସମଗ୍ର ଓଡ଼ିଶାରେ ୫ମ ସ୍ଥାନ।



**ଶ୍ରୀଜା ସାୟନା**

- ସରକାରୀ ବୃତ୍ତି (୩ୟ ଶ୍ରେଣୀ) ପରୀକ୍ଷାରେ ସମଗ୍ର ଭୁବନେଶ୍ୱର ଶିକ୍ଷା ଜିଲ୍ଲାରେ ୮ ସ୍ଥାନ।
- ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଦ୍ୱାରା ଆୟୋଜିତ ମେଧା ପରୀକ୍ଷାରେ ସମଗ୍ର ଓଡ଼ିଶାରେ ୮ମ ସ୍ଥାନ।



**ସୌମ୍ୟ ରଂଜନ ସାହୁ** (ଶ୍ରେଣୀ - ୫ମ)

- ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଦ୍ୱାରା ଅୟୋଜିତ ମେଧା ପରୀକ୍ଷାରେ ଓଡ଼ିଶାରେ ୮ମ ସ୍ଥାନ।



**ସୁମନ ମହାପାତ୍ର** (ଶ୍ରେଣୀ - ୯ମ)

- ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଦ୍ୱାରା ଆୟୋଜିତ ମେଧା ପରୀକ୍ଷାରେ ଓଡ଼ିଶାରେ ୮ମ ସ୍ଥାନ।
- ପଠାଣୀ ସାମନ୍ତ ଗଣିତ ମେଧାବୃତ୍ତି।

## ବାର୍ଷିକ କ୍ରୀଡାର ଶ୍ରେଷ୍ଠ କ୍ରୀଡାବିତ୍



ମଧୁସ୍ମିତା ସାମଲ
୯ମ ଶ୍ରେଣୀ



ଶକ୍ତିପ୍ରସାଦ ପାହାଡ ସିଂ
୯ମ ଶ୍ରେଣୀ






ସଙ୍ଘାଶ୍ରୀ ରାୟ
୮ମ ଶ୍ରେଣୀ



ବିଶାଲ୍ ପ୍ରଧାନ
୯ମ ଶ୍ରେଣୀ



ଆକାଂକ୍ଷା ଦାସ
୫ମ ଶ୍ରେଣୀ



ଆଦିତ୍ୟ ମାର୍ଥା
୫ମ ଶ୍ରେଣୀ



ରାକେଶ କୁମାର ଶୀଟ୍
୮ମ ଶ୍ରେଣୀ

# ଶ୍ରେଷ୍ଠ କ୍ରୀଡ଼ାବିତ୍





**ସୋମନାଥ ପ୍ରଧାନ**

ରାଜ୍ୟସ୍ତରୀୟ ସରକାରୀ ଆନ୍ତଃସ୍କୁଲ୍ ବକ୍ସିଂ ପ୍ରତିଯୋଗିତ (ଏସ୍.ଜି.ଏଫ୍.ଆଇ)ରେ ୫୨କି.ଗ୍ରା ବର୍ଗରେ ଚମ୍ପିଆନ୍ ହୋଇ ଦିଲ୍ଲୀ ଠାରେ ଅନୁଷ୍ଠିତ ଜାତୀୟ ସ୍ତରୀୟ ସରକାରୀ ଆନ୍ତଃସ୍କୁଲ ବକ୍ସିଂ ପ୍ରତିଯୋଗିତାରେ ଅଂଶଗ୍ରହଣ ଓ ଖୋ-ଖୋ ପ୍ରତିଯୋଗିତାରେ ଦଳପକ୍ଷରୁ ପ୍ରତିନିଧିତ୍ୱ ।

**ମନୋରଂଜନ ପ୍ରଧାନ**

ରାଜ୍ୟସ୍ତରୀୟ ସରକାରୀ ଆନ୍ତଃସ୍କୁଲ୍ ଆଥ୍ଲେଟିକ୍ସ (ଏସ୍.ଜି.ଏଫ୍.ଆଇ)ରେ ଗୋଳାଫିଙ୍ଗା ଓ ଥାଳିଆଫିଙ୍ଗା ବିଭାଗରେ ଅଂଶଗ୍ରହଣ ।





**ଶକ୍ତି ପ୍ରସାଦ ପାହାଡ ସିଂ**

ରାଜ୍ୟସ୍ତରୀୟ ସରକାରୀ ଆନ୍ତଃସ୍କୁଲ୍ ଖୋ-ଖୋ ପ୍ରତିଯୋଗିତାରେ ଭୁବନେଶ୍ୱର ପକ୍ଷରୁ ପ୍ରତିନିଧିତ୍ୱ (ଏସ୍.ଜି.ଏଫ.ଆଇ) ଓ ତ୍ରିକୁଦ ବିଭାଗରେ ଅଂଶଗହଣ ।

**ରାକେଶ କୁମାର ଶୀଟ୍**

ରାଜ୍ୟସ୍ତରୀୟ ସରକାରୀ ଆନ୍ତଃସ୍କୁଲ୍ ଆଥ୍ଲେଟିକ୍ସ (ଏସ୍.ଜି.ଏଫ୍.ଆଇ)ରେ ୧୦୦ମି. ଦୌଡ ଓ ଉଚ୍ଚଡିଆଁ ବିଭାଗର ଅଂଶଗ୍ରହଣ ।

# ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା (୨୦୧୨-୧୩)
## ୯୦%ରୁ ଅଧିକ ନମ୍ବର ରଖିବା ଛାତ୍ର-ଛାତ୍ରୀ



ଅଂଶୁମାନ ଦାଶ
୪୭୧ (୯୪.୧୬%)



ସୁଦିପ୍ତ ମହାନ୍ତି
୪୭୦ (୯୩.୩୩%)



ଆଦ୍ୟାଶା ମହାପାତ୍ର
୪୪୯ (୯୩.୧୬%)



ଅଭିଜିତ୍ ତ୍ରିପାଠୀ
୪୪୬ (୯୨.୭୦%)



ସୁଶ୍ରୀ ସଙ୍ଗୀତା କର
୪୪୪ (୯୨.୦୪%)



ଶ୍ୱାଗତିକା ମହାରଣା
୪୩୨ (୯୨%)



ଭୃସ୍ମିତା ଜେନା
୪୪୦ (୯୧.୬୬%)



ସୌଭିର ଦାଶ
୪୫୮ (୯୧.୩୩%)



ଓମ୍ ପ୍ରସାଦ ଦାଶ
୪୫୬ (୯୧%)



ଶୁଭଲକ୍ଷ୍ମୀ ପ୍ରଧାନ
୪୫୪ (୯୦.୮୩%)



ରୋଜାଲିନ୍ ସାଇଁ
୪୫୪ (୯୦.୬୬%)



ଦେବବ୍ରତ ମହାପାତ୍ର
୪୫୪ (୯୦.୬୬%)



ସୌରଭ କୁମାର ସାହୁ
୪୫୩ (୯୦.୪୦%)



ସିଦ୍ଧାର୍ଥ ଶତପଥୀ
୪୫୨ (୯୦.୩୩%)



ଅମିତ୍ ପ୍ରିୟଦର୍ଶୀ ନାୟକ
୪୫୦ (୯୦%)

**ଶୁଭ କାମନା**



ଦେବିକା ପ୍ରଧାନ
୪୫୧ (୯୦.୧୬%)



ପ୍ରତିକ୍ଷା ପ୍ରିୟଦର୍ଶନୀ
୪୫୪ (୯୦.୮୩%)

| ମୋଟ ପରୀକ୍ଷାର୍ଥୀ | ପ୍ରଥମ ଶ୍ରେଣୀ | ଦ୍ୱିତୀୟ ଶ୍ରେଣୀ | ତୃତୀୟ ଶ୍ରେଣୀ | ଉତ୍ତୀର୍ଣ୍ଣ ହାର |
|---|---|---|---|---|
| ୧୨୮ | ୧୦୮ | ୧୯ | ୧ | ୧୦୦% |

ବିନିହତ୍ୟ ହୃଦୋଃଜ୍ଞାନମ୍
ଜ୍ଞାନାଲୋକଂ ବିବର୍ଦ୍ଧୟନ
ସ୍ୱର୍ଣ୍ଣାଦ୍ରିଃ ଶୋଭତାଂ ନିତ୍ୟମ୍
ଭାରତୀ - ଶିଶୁମନ୍ଦିରେ ॥

# ସ୍ୱର୍ଣ୍ଣାଦ୍ରି

ଚତୁର୍ଦ୍ଦଶ ଅର୍ଘ୍ୟ - ୨୦୧୩ - ୨୦୧୪

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ଭୀମଟାଙ୍ଗି, ଭୁବନେଶ୍ୱର-୨

**ପ୍ରକାଶକ**

ଶ୍ରୀମାନ ଜଗଦାନନ୍ଦ ପଟ୍ଟନାୟକ
ସଂପାଦକ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର

**ମୁଖ୍ୟ ସମ୍ପାଦକ :**

ଶ୍ରୀଯୁକ୍ତ ଶଙ୍କର୍ଷଣ ପାଣିଗ୍ରାହୀ

**ଉପଦେଷ୍ଟା ମଣ୍ଡଳୀ :**

ଶ୍ରୀଯୁକ୍ତ ଭବାନୀ ଭୂଷଣ ପାଣିଗ୍ରାହୀ
ଶ୍ରୀଯୁକ୍ତ ରାମ ନାରାୟଣ ମିଶ୍ର
ଶ୍ରୀଯୁକ୍ତ ସୁରେନ୍ଦ୍ର ନାଥ ନାୟକ
ଶ୍ରୀଯୁକ୍ତ ତ୍ରିନାଥ ଦାସ
ଶ୍ରୀମତୀ ରେଣୁ ରାୟ

**ସମ୍ପାଦନା ମଣ୍ଡଳୀ :**

ଶ୍ରୀଯୁକ୍ତ ସନ୍ତୋଷ କୁମାର ସାହୁ (ପ୍ରମୁଖ)
ଶ୍ରୀମତୀ ସୁସ୍ମିତା ମହାନ୍ତି
ଶ୍ରୀମାନ ସତ୍ୟବ୍ରତ ମାଟିଆ ମିଶ୍ର
ଶ୍ରୀଯୁକ୍ତ ଶିବପ୍ରସାଦ କୁଅଁର
ଶ୍ରୀମାନ ସୂର୍ଯ୍ୟକାନ୍ତ ପାଢୀ
ଶ୍ରୀଯୁକ୍ତ ବିନୋଦ ସାହୁ
ଶ୍ରୀମତୀ ରାଜଲକ୍ଷ୍ମୀ ରଥ
ଶ୍ରୀମତୀ ପ୍ରତିଭା ବାଗ
ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାହୁ
ଶ୍ରୀମତୀ ରୀତା ପଟ୍ଟନାୟକ
ଶ୍ରୀଯୁକ୍ତ ସରୋଜ କୁମାର ସାହୁ

**ପ୍ରଚ୍ଛଦପଟ୍ଟ :**

ଶ୍ରୀଯୁକ୍ତ ଅଶୋକ ମହାରଣା
ଶ୍ରୀମାନ୍ ଅନିମେଶ ମହାପାତ୍ର

**ଅକ୍ଷରସଜ୍ଜା ଓ ମୁଦ୍ରଣ :**

ବିଭୁତି ପ୍ରି□ର୍ସ,
ଏରୋଡ୍ରମ ଏରିଆ, ଭୁବନେଶ୍ୱର



**Dr. S.C. JAMIR**
Governor, Odisha

**RAJBHAVAN**
**BHUBANESWAR**

# ବାର୍ତ୍ତା

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଭୀମଟାଙ୍ଗୀ, ଭୁବନେଶ୍ୱର ମାର୍ଚ୍ଚ ଶେଷ ସପ୍ତାହ (୨୦୧୪)ରେ ବିଦ୍ୟାଳୟ ପତ୍ରିକା **"ସ୍ୱର୍ଣ୍ଣାଦ୍ରି"** ପ୍ରକାଶ କରୁଥିବା ଜାଣି ମୁଁ ଆନନ୍ଦିତ ।

ବିଦ୍ୟା ହିଁ ଅଜ୍ଞାନତା ଅନ୍ଧାରରୁ ଆମକୁ ଜ୍ଞାନର ଆଲୋକିତ ପଥରେ ପରିଚାଳିତ କରିଥାଏ । ସଫଳତା ଏବଂ ବିକାଶର ପ୍ରକ୍ରିୟା ଶିକ୍ଷା ଦ୍ୱାରା ହିଁ ତ୍ୱରାନ୍ୱିତ ହୋଇଥାଏ । ଆମ ଛାତ୍ରଛାତ୍ରୀମାନଙ୍କୁ ସୁନାଗରିକଭାବେ ଗଢି ତୋଳିବାର ପ୍ରକ୍ରିୟାରେ ବିଦ୍ୟାଳୟ ସହ ପରିବାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । **"ସ୍ୱର୍ଣ୍ଣାଦ୍ରି"**ରେ ଛାତ୍ରଛାତ୍ରୀମାନଙ୍କର ସୃଜନଶୀଳ ପ୍ରତିଭାର ପ୍ରତିଫଳନ ଦେଖିବାକୁ ମିଳିବ ।

ମୁଁ ପ୍ରକାଶନର ସଫଳତା କାମନା କରୁଛି ।

ଏସ୍. ସି. ଜମିର

**(ଏସ୍. ସି. ଜମିର)**



ଟେଲିଫୋନ୍ (0674) : 2531100 (Off)
(0674) : 2591099 (Res.)
ଫାକ୍ସ (0674) : 2535100 (Off)
(0674) : 2590833 (Res)
ଇମେଲ୍ - cmo@ori.nic.in

ଓଡ଼ିଶା ସରକାର

ନଂ: ୧୯୭

ଭୁବନେଶ୍ୱର

ତାରିଖ :୧୪.୦୩.୨୦୧୩

**ନବୀନ ପଟ୍ଟନାୟକ**

ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ବାର୍ତ୍ତା

ଭୁବନେଶ୍ୱରର ଭୀମଟାଙ୍ଗୀସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ୨୦୧୪ ଅପ୍ରେଲ ୧୨ ତାରିଖରେ ପାଳନ କରାଯାଉଥିବା ଏବଂ ଏହି ଅବସରରେ **"ସ୍ୱର୍ଣ୍ଣାଦ୍ରି"** ନାମକ ଏକ ମୁଖପତ୍ର ପ୍ରକାଶିତ ହେଉଥିବା ଜାଣି ଆନନ୍ଦର ବିଷୟ ।

ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସୃଜନଶୀଳ ପ୍ରତିଭାର ବିକାଶ ଦିଗରେ ବିଦ୍ୟାଳୟ ମୁଖପତ୍ରର ଭୂମିକା ଉଲ୍ଲେଖନୀୟ । ଏହା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଭାଷା ଓ ସାହିତ୍ୟ ପ୍ରତି ରୁଚି ବଢାଇବାରେ ମଧ୍ୟ ସାହାଯ୍ୟ କରିଥାଏ । ମୋର ବିଶ୍ୱାସ, **"ସ୍ୱର୍ଣ୍ଣାଦ୍ରି"**ବହୁ ଉପାଦେୟ ଲେଖାରେ ସମୃଦ୍ଧ ହେବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆଦୃତ ହେବ ।

ମୁଁ ବାର୍ଷିକ ଉତ୍ସବର ତଥା ପ୍ରକାଶନର ସଫଳତା କାମନା କରୁଛି ।

ନବୀନ ପଟ୍ଟନାୟକ

**(ନବୀନ ପଟ୍ଟନାୟକ)**



**ରବି ନାରାୟଣ ନନ୍ଦ**
ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)
ବିଦ୍ୟାଳୟ ଓ ଗଣଶିକ୍ଷା, ଓଡ଼ିଶା

ଦୂରଭାଷ { କାର୍ଯ୍ୟାଳୟ : (୦୬୭୪) ୨୫୩୬୯୪୮
ଇ.ପି.ବି.ଏ.ଏକ୍ସ. : ୨୧୯୩

ପତ୍ର ସଂଖ୍ୟା :..........................
ଭୁବନେଶ୍ୱର

ତାରିଖ..୧.୦୩.୨୦୧୪

## ବା□ା

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭୀମଟାଙ୍ଗି, ଭୁବନେଶ୍ୱର ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ ଅବସରରେ ବିଦ୍ୟାଳୟର ମୁଖପତ୍ର **'ସ୍ୱର୍ଣ୍ଣାଦ୍ରି'** ନୂତନ ସଂସ୍କରଣ ପ୍ରକାଶ ପାଉଥିବାରୁ ମୋର ଆନ୍ତରିକ ସଦିଚ୍ଛା ।

ଛାତ୍ରଛାତ୍ରୀ ମାନଙ୍କର ସୃଜନଶୀଳ ପ୍ରତିଭା ବିକାଶ ଲେଖା ମାଧ୍ୟମରେ ସାଧନ ହୋଇଥାଏ । ବୌଦ୍ଧିକ ଶିକ୍ଷାର ବିକାଶ ସହିତ ପାରିପାର୍ଶ୍ୱିକ ଜ୍ଞାନ ଆହରଣ ତଥା ମୂଲ୍ୟବୋଧ ଭି□କ ଶିକ୍ଷା ଉପରେ ଆଜିର ଶିକ୍ଷା ଗୁରୁତ୍ୱ ପ୍ରଦାନ କରେ । ଛାତ୍ରଛାତ୍ରୀ ମାନଙ୍କୁ ଭବିଷ୍ୟତରେ ଜଣେ ଦାୟିତ୍ୱବାନ ସୁନାଗରିକ ଭାବେ ଗଢି ତୋଳିବା ଦିଗରେ ଏହା ପ୍ରକୃଷ୍ଟ ପଦକ୍ଷେପ ବୋଲି ମୋର ଦୃଢ ବିଶ୍ୱାସ ।

ବାର୍ଷିକ ଉତ୍ସବର ସଫଳତା କାମନା କରୁଛି ।

**(ରବି ନାରାୟଣ ନନ୍ଦ)**



239, Aerodrome Area, Lane No. 3
Bhubaneswar - 751009
Mobile : 9238749973
9437028877
Ph. : (0674) 2593433
Email : ashokchpanda@gmail.com

**ASHOK CHANDRA PANDA,** M.L.A
EKAMRA-BHUBANESWAR
ODISHA LEGISLATIVE ASSEMBLY

# ବା□

ଜାଣି ଖୁସି ହେଲି ଯେ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ଭୀମଟାଙ୍ଗି, ଭୁବନେଶ୍ୱର ଆସନ୍ତା ୨୦୧୪ ମସିହା ମାର୍ଚ୍ଚ ମାସରେ ଏହାର ବାର୍ଷିକ ଉତ୍ସବ ପାଳନ କରିବାକୁ ଯାଉଅଛି ଓ ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର "**ସ୍ୱର୍ଣ୍ଣାଦ୍ରି**" ର ଏକ ନୂତନ ସଂସ୍କରଣ ମଧ୍ୟ ଉନ୍ମୋଚିତ ହେବାକୁ ଯାଉଛି । ବିଦ୍ୟାଳୟର ସମ୍ପାଦକ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଛୋଟ ଛୋଟ କୁନି ପିଲାମାନଙ୍କର ଏ ପ୍ରକାର ମହତ୍ କାର୍ଯ୍ୟ ପାଇଁ ସେମାନେ ଧନ୍ୟବାଦର ପାତ୍ର ଏବଂ ଏଥି ନିମି□ ମୁଁ ବିଦ୍ୟାଳୟର ଉ□ୋର□ର ଉନ୍ନତି କାମନା କରୁଅଛି ।

**(ଅଶୋକ ଚନ୍ଦ୍ର ପଣ୍ଡା)**



Government of Odisha

**ଶ୍ରୀମତୀ ଉଷା ପାଢୀ,** ଭା.ପ୍ର ସେ.
କମିଶନର ତଥା ଶାସନ ସଚିବ,
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା

**Smt. Usha Padhee,** IAS
Commissioner-cum-Secretary to Government
School & Mass Education Department, Odisha

# ବା□

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଚଳିତ ମାର୍ଚ୍ଚ ମାସ ୨୦୧୪ ମସିହାରେ ଅନୁଷ୍ଠିତ କରିବାକୁ ଯାଉଅଛି । ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର **"ସ୍ୱର୍ଣ୍ଣାଦ୍ରି"** ର ଏକ ନୂତନ ସଂସ୍କରଣ ପ୍ରକାଶିତ ହେବାକୁ ଯାଉଛି ଜାଣି ମୁଁ ଖୁବ୍ ଆନନ୍ଦିତ ।

ମୁଁ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି କାମନା କରିବା ସଙ୍ଗେ ସଙ୍ଗେ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଏବଂ କର୍ମକ□ୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

ଉଷା ପାଢ଼ୀ
**(ଉଷା ପାଢ଼ୀ)**

School & Mass Education Department, Odisha, Secretariat, Bhubaneswar
Off. : 0674-2536631, e-mail : ushapadhee1996@yahoo.com



Khordha
Dated 17th February 2014

**Sri Radha Mohan Panda,** OES
District Education Officer

## MESSAGE

It gives me immense pleasure to know that Saraswati Shishu Vidya Mandir, Bhimtangi is going to bring out a school magazine "The Swarndri" highlighting the activities of the institution. It would definitely facilitate the literary enhancement of the students. It would boost the inner potentiality of the students in getting proper guidance.

I thank the teachers of the institution for this noble work.

I wish all success of the students.

District Education Officer

Khordha

ବିଦ୍ୟା ଭାରତୀ VIDYA BHARATI

# ଶିକ୍ଷା ବିକାଶ ସମିତି, ଓଡ଼ିଶା

# SHIKSHA VIKASH SAMITI, ODISHA

ସରସ୍ୱତୀ କୁଞ୍ଜ, ଇ-୫୯, ସେକ୍ଟର-ଏ, ଜୋନ୍-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦

Saraswati Kunja, E-59, Sector-A, Zone - A, Mancheswar Industrial Estate, Bhubaneswar - 751010

Phone - (0674) 2587529, 9437394477 (M) Fax - 2585561, E-mail : vidyabharati_odisha@yahoo.co.in

Affiliated to Vidya Bharati Akhil Bharatiya Shiksha Sansthan, Lucknow Regd. No. Bhubaneswar - 47838 of 1984 - 85 & 22486/76 of 2007 - 08 Register of Societies. Orissa, Cuttack.

*Letter No.* 271/14 *Date* 13.02.2014



## ଶୁଭେଚ୍ଛା ବାର୍ତ୍ତା

ଅତ୍ୟନ୍ତ ଆନନ୍ଦର ବିଷୟ ଯେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଭୀମଟାଙ୍ଗି, ଭୁବନେଶ୍ୱରର ମୁଖପତ୍ର **'ସ୍ୱର୍ଣ୍ଣାଦ୍ରି'** ପ୍ରକାଶିତ ହେବା ପାଇଁ ଯାଉଛି । ଏହା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ଏଥି ସହିତ ଜଡିତ ସମସ୍ତ ଶିଶୁ, ଆଚାର୍ଯ୍ୟ, ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା ଓ ଅଭିଭାବକ ଅଭିଭାବିକା ତଥା ଶୁଭେଚ୍ଛୁ ବନ୍ଧୁବର୍ଗଙ୍କୁ ସଶ୍ରଦ୍ଧ ଅଭିନନ୍ଦନ । ଛାତ୍ରଛାତ୍ରୀମାନଙ୍କର ସୃଜନୀ ଶକ୍ତିର ବିକାଶ ପାଇଁ ଏହି ଉଦ୍ୟମ ଅତ୍ୟନ୍ତ ଅଭିନନ୍ଦନୀୟ ।

ସମାଜରେ ସମରସତା ଓ ସଂସ୍କାର ଆଣିବା ପାଇଁ ସାହିତ୍ୟର ଅବଦାନ କିଛି କମ୍ ନୁହେଁ । ଶିଶୁ ହାତରେ କଲମ ଧରେଇ ତା'ର ଆଦ୍ୟ ଅକ୍ଷରରେ ପୁଷ୍ଟ କରିବାକୁ ଯେଉଁ ସାରସ୍ୱତ ପ୍ରୟାସ ଆପଣମାନେ କରୁଛନ୍ତି ତାହା ବିଦ୍ୟା ଭାରତୀଙ୍କ ଲକ୍ଷ୍ୟର ଅନୁଗାମୀ ହେବା ସଙ୍ଗେ ସଙ୍ଗେ ସମାଜର ପ୍ରଭୁତ କଲ୍ୟାଣ ସାଧନରେ ସମର୍ଥ ହେଉ । ଏହି ପତ୍ରିକା ସର୍ବାଙ୍ଗ ସୁନ୍ଦର ହୋଇ ସମସ୍ତଙ୍କର ପ୍ରିୟ ଭାଜନ ହେଉ, ମା' ଭାରତୀ ଓ ମା' ସରସ୍ୱତୀଙ୍କ ନିକଟରେ ପ୍ରାର୍ଥନା ।

ଆପଣମାନଙ୍କର ସଦା ଶୁଭେଚ୍ଛୁ

ସଭାପତି

ଶିକ୍ଷା ବିକାଶ ସମିତି, ଓଡ଼ିଶା

ସ୍ୱର୍ଣ୍ଣାଦ୍ରି

ବିଦ୍ୟା ଭାରତୀ VIDYA BHARATI

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## SHIKSHA VIKASH SAMITI, ODISHA

ସରସ୍ୱତୀ କୁଞ୍ଜ, ଇ-୫୯, ସେକ୍ଟର-ଏ, ଜୋନ୍-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦

**Saraswati Kunja, E-59, Sector-A, Zone - A, Mancheswar Industrial Estate, Bhubaneswar - 751010**
**Phone - (0674) 2587529, 9437394477 (M) Fax - 2585561, E-mail : vidyabharati_odisha@yahoo.co.in**

Affiliated to Vidya Bharati Akhil Bharatiya Shiksha Sansthan, Lucknow Regd. No. Bhubaneswar - 47838 of 1984 - 85 & 22486/76 of 2007 - 08 Register of Societies. Orissa, Cuttack.

*Letter No.* 273/14 ............................ *Date* 13.02.2014 ............................



## ଶୁଭେଚ୍ଛା ବାର୍ତ୍ତା

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଭୀମଟାଙ୍ଗି, ଭୁବନେଶ୍ୱରର ବାର୍ଷିକ ମୁଖପତ୍ର **'ସ୍ୱର୍ଣ୍ଣାଦ୍ରି'** ପ୍ରକାଶ ହେଉଥିବା ଜାଣି ଅତ୍ୟନ୍ତ ଆନନ୍ଦିତ ।

ବିଦ୍ୟାଳୟର ମୁଖପତ୍ର ବିଦ୍ୟାର୍ଥୀ ଭାଇଭଉଣୀମାନଙ୍କର ସୃଜନଶୀଳତାର ବାହକ । ବିଦ୍ୟାର୍ଥୀମାନଙ୍କର ସୃଜନଶୀଳତାର ଭିତ୍ତିଭୂମି ବିଦ୍ୟାଳୟର ମୁଖପତ୍ର ମାଧ୍ୟମରେ ତିଆରି ହୋଇଥାଏ । ଆଜିର ସୃଜନଶୀଳତାର ଭିତ୍ତିଭୂମି ଉପରେ ଛିଡାହୋଇ ବିଦ୍ୟାର୍ଥୀମାନେ ଭବିଷ୍ୟତର ରଚନାତ୍ମକ ଇମାରତ ଗଢି ତୋଳିବେ ବୋଲି ଆଶା ଓ ବିଶ୍ୱାସ ।

ସର୍ବୋପରି ବିଦ୍ୟାଳୟର ମୁଖପତ୍ର **'ସ୍ୱର୍ଣ୍ଣାଦ୍ରି'** ର ପ୍ରକାଶନ ସହିତ ଜଡିତ ସମସ୍ତ କାର୍ଯ୍ୟକର୍ତ୍ତା ଭାଇ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

ଭାରତ ମାତା କୀ ଜୟ ।

(ଡଃ. ସରୋଜ କୁମାର ହାତୀ)
ସମ୍ପାଦକ
ଶିକ୍ଷା ବିକାଶ ସମିତି, ଓଡ଼ିଶା

ବିଦ୍ୟା ଭାରତୀ VIDYA BHARATI

# ଶିକ୍ଷା ବିକାଶ ସମିତି, ଓଡ଼ିଶା

# SHIKSHA VIKASH SAMITI, ODISHA

ସରସ୍ୱତୀ କୁଞ୍ଜ, ଇ-୫୯, ସେକ୍ଟର-ଏ, ଜୋନ୍-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦

Saraswati Kunja, E-59, Sector-A, Zone - A, Mancheswar Industrial Estate, Bhubaneswar - 751010

Phone - (0674) 2587529, 9437394477 (M) Fax - 2585561, E-mail : vidyabharati_odisha@yahoo.co.in

Affiliated to Vidya Bharati Akhil Bharatiya Shiksha Sansthan, Lucknow Regd. No. Bhubaneswar - 47838 of 1984 - 85 & 22486/76 of 2007 - 08 Register of Societies. Orissa, Cuttack.

*Letter No.* 253/14 *Date* 11/3/2013

## ଶୁଭେଚ୍ଛା ବାର୍ତ୍ତା

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଭୀମଟାଙ୍ଗିର ବାର୍ଷିକ ମୁଖପତ୍ର **'ସ୍ୱର୍ଣ୍ଣାଦ୍ରି'** ପ୍ରକାଶ ହେଉଥିବା ଜାଣି ଅତ୍ୟନ୍ତ ଆନନ୍ଦିତ ।

ବିଦ୍ୟା ଭାରତୀ, ଶିକ୍ଷା ବିକାଶ ସମିତିଙ୍କ ଯୋଜନାରେ ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଭୀମଟାଙ୍ଗି ପ୍ରାଚୀନ ଐତିହ୍ୟ ଓ ସାଂସ୍କୃତିକ ପରିବେଶ ପରିବେଷ୍ଟିତ ଭୁବନେଶ୍ୱରଠାରେ ହିନ୍ଦୁ ସଂସ୍କୃତି ଓ ପରମ୍ପରାଯୁକ୍ତ ଶିକ୍ଷା ବ୍ୟବସ୍ଥା ପରିଚାଳନାରେ ଆଦର୍ଶ ପ୍ରତିଷ୍ଠା କରିଛି ଏବଂ ଓଡିଶାରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରି ହିନ୍ଦୁତ୍ୱନିଷ୍ଠ ଓ ରାଷ୍ଟ୍ରଭକ୍ତ ନିର୍ମାଣର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଚାଲିଛି । ବାର୍ଷିକ ମୁଖପତ୍ର **'ସ୍ୱର୍ଣ୍ଣାଦ୍ରି'** ମାଧ୍ୟମରେ ଶିଶୁ ଭାଇଭଉଣୀମାନଙ୍କ ଅନ୍ତର୍ନିହିତ ବାଣୀ ପ୍ରକାଶିତ ହୋଇ ସର୍ବାଦୃତ ହେବ ନିଶ୍ଚୟ । ଏଭଳି ମହତ୍ କାର୍ଯ୍ୟରେ ସମର୍ପିତ ଗୁରୁଜୀ, ଗୁରୁମା ତଥା ପରିଚାଳନା ସମିତିର କାର୍ଯ୍ୟକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଉଛି ଏବଂ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା କରୁଛି ।

ଭାରତ ମାତା କୀ ଜୟ ।

ସଂଗଠନ ମନ୍ତ୍ରୀ

ବିଦ୍ୟା ଭାରତୀ, ଶିକ୍ଷା ବିକାଶ ସମିତି, ଓଡ଼ିଶା



ଭୁବନେଶ୍ୱର
ତା ୧.୪.୨୦୧୪ରିଖ

**ଭବାନୀ ଭୂଷଣ ପାଣିଗ୍ରାହୀ**
ସଭାପତି,
ପରିଚାଳନା କମିଟି

# ବା□

ମୋର ପ୍ରିୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଭୀମଟାଙ୍ଗିର ବିଂଶତିତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଏହି ଅନୁଷ୍ଠାନର ମୁଖପତ୍ର **"ସ୍ୱର୍ଣ୍ଣାଦ୍ରି"** ର ଏକ ନୂତନ ସଂସ୍କରଣ ପ୍ରକାଶ ପାଉଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ ।

ଅନେକ ଦୁଃସହ ପରିସ୍ଥିତିକୁ ମୁକାବିଲା କରି ଆମ ବିଦ୍ୟାଳୟଟି ଆଜି ସ୍ୱୟଂ ସମ୍ପୂର୍ଣ୍ଣ ହୋଇ ଏ ଅ□ଳର ଅଗଣିତ ଛାତ୍ର ଛାତ୍ରୀଙ୍କୁ ଉନ୍ନତ ମାନର ଶିକ୍ଷା ପ୍ରଦାନ କରୁଛି । ତା'ର ଏକ ଛୋଟିଆ ଉଦାହରଣ ଏଇ ମୁଖପତ୍ରରେ ସ୍ଥାନୀତ ହୋଇଥିବା ବିଦ୍ୟାଳୟରେ ଅଧ୍ୟୟନରତ କୁନିକୁନି ଭାଇ ଭଉଣୀ ଓ ଗୁରୁଜୀ, ଗୁରୁମାଙ୍କର ଲେଖା ଓ ଛବିର ସମାହାର ।

ପ୍ରଭୁ ଭୀମେଶ୍ୱର ଓ ମାଆ ସାରଦାଙ୍କ ନିକଟରେ ପ୍ରାର୍ଥନା, ବାର୍ଷିକ ଉତ୍ସବ ଓ **"ସ୍ୱର୍ଣ୍ଣାଦ୍ରି"**ସାଫଲ୍ୟ ମଣ୍ଡିତ ହେଉ ।

**ଭବାନୀ ଭୂଷଣ ପାଣିଗ୍ରାହୀ**

# ସଂପାଦକୀୟ



ଶିକ୍ଷା ହିଁ ଜୀବନ । ଜୀବନ ହିଁ ଶିକ୍ଷା । ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷର ବିଶେଷତ୍ୱ ହେଲା ତା'ର ସଂସ୍କାର, ସଂସ୍କୃତି, ଶିକ୍ଷା, ପରମ୍ପରା, ସାହିତ୍ୟ, ନୃତ୍ୟ, ସଂଗୀତ ଓ କଳା । ଯେଉଁ ଦେଶ-ଜାତି ଶିକ୍ଷାରେ ଯେତେ ଉନ୍ନତ, ସେ ଦେଶ-ଜାତି ସେତିକି ସମୃଦ୍ଧ ।

ବ□ମାନ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତ ମଧ୍ୟରେ ସମୟ ଓ ସ୍ଥାନର ଦୂରତା ଅପସାରିତ ହୋଇଛି । ପାଶ୍ଚାତ୍ୟ ବୌଦ୍ଧିକ ଓ ଦାର୍ଶନିକ ଚିନ୍ତାଧାରା ଆମ ପାଖରେ କେବଳ ଯେ ଅବଳୀଳା କ୍ରମେ ପହ□ଛି ସେତିକି ନୁହେଁ, ଜଗତୀକରଣ କାରଣରୁ ଆମ ଜୀବନ ମଧ୍ୟ ଉ□ର-ଆଧୁନିକ ହୋଇଯାଉଛି । ଦୁଇ ଦୁଇଟି ବିଶ୍ୱଯୁଦ୍ଧର ଘନଘଟା ଓ ତଜ୍ଜନିତ ମାନବୀୟ ମୂଲ୍ୟବୋଧର ଅବକ୍ଷୟ ଆମେ ସିନା ଅଙ୍ଗେ ନିଭେଇ ନଥିଲେ କିନ୍ତୁ ଏବେ 'ଆଧୁନିକତା'ର ବ୍ୟାଧିଗୁଡିକ ଆମ ନିଜର । ଏହା ସାଙ୍ଗକୁ ମୌଳବାଦ, ନକ୍ସଲବାଦ, ମାଓବାଦ ଓ ନିତିଦିନିଆ ଜୀବନରେ ଅତ୍ୟାଚାର, ହଣାକଟା ଓ ନାରୀନିର୍ଯ୍ୟାତନାର ପ୍ରାବଲ୍ୟ ଆମ ଜୀବନକୁ ଉପନ୍ୟାସ କିମ୍ବା ସିନେମା ଠାରୁ ଅଧିକ ରକ୍ତାକ୍ତ ଓ ଭୟାବହ କରିଛି ।

ମଣିଷର କର୍ମ, ଧ୍ୟାନ ଓ ଧାରଣାକୁ ଶିକ୍ଷା ସୁପରିଚାଳିତ କରି ଉନ୍ନତି ମାର୍ଗରେ ଆଗେଇ ନେଇଥାଏ । ଅପରପକ୍ଷରେ ଅଜ୍ଞାନ ସବୁବେଳେ ମଣିଷର ବୁଦ୍ଧି ଓ ବିବେକକୁ ନିଜର ବାଦଲ ଭିତରେ ଢ଼ାଙ୍କି ରଖେ । ଫଳତଃ ସେ ସତ୍ୟର ପ୍ରକୃତ ସ୍ୱରୂପ ଜାଣିବାରେ ଅସମର୍ଥ ହୋଇଥାଏ । ତା'ର ଏହି ଅସମର୍ଥତା ଜୀବନର ପ୍ରତିଟି କ୍ଷେତ୍ରରେ ତାକୁ ବିଫଳତା ବରଣ କରିବାକୁ ବାଧ୍ୟ କରେ । ମଣିଷ ନିଜ ଚାରିପାଖରେ ଘଟୁଥିବା ଘଟଣା ଦୁର୍ଘଟଣା ବିଷୟରେ ସମୁଚିତ ସତର୍କତା ଅବଲମ୍ବନ କରିପାରେନାହିଁ । ବେଳେବେଳେ ଅଜ୍ଞାନତା ତାକୁ ଅବାଟରେ ପରିଚାଳିତ କରେ । ତେଣୁ ଯୁଗେ ଯୁଗେ ଜ୍ଞାନାଲୋକ ମାନବୀୟ ଜୀବନଧାରାକୁ ସରଳ ସହଜ କରି ଉତ୍କର୍ଷତା ପ୍ରଦାନ କରିଥାଏ ।

ଜର୍ମାନୀର ଏକଛତ୍ରବାଦୀ ଶାସକ ହିଟଲର ଏକଦା କୁଲିଗିରୀ କରୁଥିଲେ । ପରବ□ୀ ସମୟରେ ସେ ଜର୍ମାନୀର ଶାସନଡୋର ନିଜ ହାତକୁ ନେଇପାରିଲେ । ତାଙ୍କର ଏହି ଉ□ରଣ ମୂଳରେ ରହିଛି ଅତ୍ୟଧିକ ପଠନ ମାନସିକତାର ଫଳଶ୍ରୁତି । ସେ ତାଙ୍କ ଜୀବଦଶାରେ ଅସଂଖ୍ୟ ପୁସ୍ତକ କେବଳ କ୍ରୟ କରିନଥିଲେ ବରଂ ସେ ସବୁକୁ ଅତି ଅନ୍ତରଙ୍ଗତାର ସହ ପାଠ କରି ନିଜର ଜ୍ଞାନର ପରିସୀମାକୁ ଅନେକ ଗୁଣରେ ବୃଦ୍ଧି କରି ପାରିଥିଲେ । ଅନେକ ରଜନୀ ବିନିଦ୍ର ରହି ସେ ପୁସ୍ତକ ପାଠ କରିବାକୁ ବିଶେଷ ଆଗ୍ରହୀ ହୋଇପଡୁଥିଲେ । ତେଣୁ ଭାରତୀୟ ସଂସ୍କୃତିରେ ଏ କଥାଟି ଚିରଦିନ ସତ୍ୟ ଯେ' 'ଗୀତା ଦାନ' ରେ ମହାପୂଣ୍ୟ ଅର୍ଜିତ ହୋଇଥାଏ କାରଣ ସଦ୍‌ଗ୍ରନ୍ଥ ପାଠ ହିନ୍ଦୁର ଏକ ଦୈନନ୍ଦିନ କ□ବ୍ୟ ।

ଛାତ୍ର ଯଦି ସାଧନା ଉପରେ ପର୍ଯ୍ୟବସିତ ହୁଏ, ଜଣେ ଗୁରୁ ସାଧନାର ମାର୍ଗଦର୍ଶକ ବୋଲାଇବେ ନିଶ୍ଚେ । କେବଳ ଦେଖି ଦେଖାଇବା ହିଁ ଗୁରୁପଣରେ ନିହିତ । ସମସ୍ତେ ଗୁରୁ ହୋଇପାରିବେ ନାହିଁ । ତେଣୁ ଏକାଗ୍ରତା, ନିଷ୍ଠା, ତ୍ୟାଗପୁତ ଜୀବନଟା ହିଁ ଗୁରୁ ତିଆରି କରିପାରେ । ଏହାସହିତ ଉଚିତ କ ର୍ବ୍ୟବୋଧ ଏବଂ ସତ ଚରିତ୍ର ତଥା ସତ୍‌ପାତ୍ର ହିଁ ଗୁରୁକୁ କରେ ଗୌରବାନ୍ୱିତ ।

ଶିଶୁମାନଙ୍କର ନବ ଉନ୍ମେଷଶାଳିନୀ ପ୍ରତିଭାର ବିକାଶ ନିମନ୍ତେ ଏହି ଶିଶୁମନ୍ଦିରର ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ଏକ ପ୍ରମୁଖ ପ୍ରୟୋଜନୀୟତା । ବିଜ୍ଞାନର ବିକାଶ ଓ ଯୋଗାଯୋଗର ବୈପ୍ଳବିକ ପରିବ□ନ କ୍ରମେ ଆଜି ପୃଥିବୀ "ବିଶ୍ୱ ଗ୍ରାମ" କି "ବିଶ୍ୱ ପରିବାର" ହେବାର ଗୌରବ ଅର୍ଜନ କରିଥିଲେ ମଧ୍ୟ ଶିକ୍ଷା ଓ ସଂସ୍କୃତିର ଅଧ୍ୟୟନ, ଆକଳନ ଓ ଆକର୍ଷଣର ରହିଛି ପ୍ରମୁଖ ଆବଶ୍ୟକତା । ଏହା ଏକ ଆନ୍ଦୋଳନ କାରଣ ଆଜିର ଭୋଗସର୍ବସ୍ୱ ବିଳାସୀ ଜୀବନଧାରାର ନିର୍ଯ୍ୟାସ ଓ ସାଂସ୍କୃତିକ ମୂଳାଧାରର ଅନ୍ୱେଷଣ ନିମନ୍ତେ ଏହା ଏକ ପ୍ରଯତ୍ନ ପ୍ରୟାସ । ଏହା ଏକ ପ୍ରେରଣା କାରଣ ଶିକ୍ଷାର ଉ□ରଣ ଓ ସଫଳତା ନିମନ୍ତେ ଏହା ଆମ୍ଭମାନଙ୍କୁ ଅଗ୍ରସର ହେବାର ମୂଳମନ୍ତ୍ରରେ ଜାଗ୍ରତ କରାଇଥାଏ । ଏହି ଶିକ୍ଷାନୁଷ୍ଠାନର ମୂଳଲକ୍ଷ୍ୟ ଓ ଏହାର ସଫଳତା ଏବଂ ପ୍ରଭାବ ଉ□ରପୁରୁଷମାନଙ୍କ ନିମନ୍ତେ ଜ୍ଞାନ, ଗବେଷଣା, ମୂଲ୍ୟାୟନ ଓ ଅନୁଶୀଳନର ସେତୁ । ସେତୁବନ୍ଧର ନିର୍ମାଣରେ ଗୁଣ୍ଡୁଚିମୂଷାର ଦାନପରି ଏହି ଶିକ୍ଷାୟତନର ସଫଳତାରେ ସମସ୍ତଙ୍କର ଅବଦାନ ମୂଲ୍ୟବାନ ଓ ଅର୍ଥପୂର୍ଣ୍ଣ ।

ପ୍ରତିଟି ପ୍ରୟାସର ସଫଳତା ପରବ□ୀ ପ୍ରୟାସର ଭି□ଭୂମି ଓ ସ୍ୱପ୍ନ ସମ୍ଭାବନାକୁ ଅଧିକମାତ୍ରାରେ ଦୃଢ଼ ତଥା ଉଚ୍ଚାଙ୍ଗ କରିଥାଏ । ସେହିପରି ୨୦୧୩ମସିହାର ଶିକ୍ଷାୟତନର ସଫଳତା ପରବ□ୀ ପର୍ଯ୍ୟାୟରେ ସଫଳତାର ଶୀର୍ଷ ଆଡ଼କୁ ମୁହାଁଇବା ନିମନ୍ତେ ଆମ୍ଭମାନଙ୍କୁ ଉତ୍ସାହିତ କରିବ, ଏହା ନିଃସନ୍ଦେହ ।

'ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟା,
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିଦ୍ ଦୁଃଖଭାବ ଭବେତ୍ ।'

**(ଜଗଦାନନ୍ଦ ପଟ୍ଟନାୟକ)**



## ପ୍ରଧାନ ଆଚାର୍ଯ୍ୟଙ୍କ କଲମରୁ....................

ଶୈଶବ ପ୍ରସ୍ଫୁଟିତ ଫୁଲ ପରି ଅମୃତମୟ । ଆଦ୍ୟ ଜୀବନର ଶେଫାଳି, ଜୀବନର ସାୟାହ୍ନରେ ଆଜି ସେହି ଶୈଶବ ବେଶ୍ ମନେ ପଡେ, ମନେ ପଡେ ମନେ ପଡେ ସେହି ଚାଟଶାଳୀ, ସେହି ଖଡି, ସେହି ଓଁ, ମା'ର ଆଦ୍ୟଶବ୍ଦ । ଓଁକାର ଶବ୍ଦ ଲିଖନ ଶୈଳୀର ପ୍ରଥମ ପାହାଚ । ସେହି ଶୈଶବର କଢ଼ି ଆଜି ଏକୋଇଶିଟି ବସନ୍ତ ସ୍ପର୍ଶ କରି କୈଶୋରରେ ପଦାର୍ପଣ କରିଛି । ଛୋଟ ଛୋଟ ସାଧକ ମାନଙ୍କ ସାଧନାରେ ଆମର **'ସ୍ୱର୍ଣ୍ଣାଦ୍ରି'** ଆଜି ଦୀପ୍ତିମନ୍ତ, ଛୋଟ ଛୋଟ ଲେଖକ ମାନଙ୍କର ଲେଖାକୁ ଆପଣମାନଙ୍କ ନିକଟରେ ପହ□ାଇବା ପାଇଁ **'ସ୍ୱର୍ଣ୍ଣାଦ୍ରି'** ସର୍ବଦା ପ୍ରୟାସ କରିଆସିଛି । ଏଥିରେ ରହିଛି ଭାରତର ଭବିଷ୍ୟତର ଉ□ର ଦାୟାଦଙ୍କ ବାସ୍ନା ମହକ ଓ ପ୍ରତିଭା । ଭାରତୀୟ ସଂସ୍କୃତିକୁ ବଜାୟ ରଖିବାର ଏକ ସଫଳ ପ୍ରୟାସ । ଶିକ୍ଷା ଆଜି ଆଉ ପୁରାତନର ସ୍ମୃତି ନୁହେଁ ବରଂ ଆଧୁନିକତାର ନଗ୍ନ ଉପହାସ କହିଲେ ଅତ୍ୟୁକ୍ତି ହେବନାହିଁ । ଆଗାମୀ ଯୁଗରେ ଶିକ୍ଷାର ମାନଦଣ୍ଡ କ'ଣ ହେବ କେଜାଣି କହିହେବ ନାହିଁ ତଥାପି **'ସ୍ୱର୍ଣ୍ଣାଦ୍ରି'**ର ଶିକ୍ଷା ନିଶ୍ଚିତ ରୂପେ ଆପଣଙ୍କୁ ସଂସ୍କୃତି, ପରମ୍ପରା ଓ ଜାଗତିକ ଚେତନାରେ ଊର୍ଦ୍ଧ୍ୱଗାମୀ କରାଇବ । କାରଣ ଏଥିରେ ରହିଛି ଶିଶୁରୂପୀ ଦେବତାଙ୍କ ମନଗହନର କଥା, ଆଚାର୍ଯ୍ୟଙ୍କ ସାଧନାର ସିଦ୍ଧି । ଆଜି ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବରେ ଆମେ **'ସ୍ୱର୍ଣ୍ଣାଦ୍ରି'**ର ଚତୁର୍ଦ୍ଦଶ ଅର୍ଘ୍ୟ ଆପଣଙ୍କ ନିକଟରେ ଉପସ୍ଥାପନା କରୁଛୁ ।

ଆଶା, ଆପଣ କୁନି କୁନି ଲେଖକ ମାନଙ୍କର ଲେଖାକୁ ଆପଣେଇ ନେବେ ।

ପରିଶେଷରେ ପ୍ରଭୁ ଲିଙ୍ଗରାଜଙ୍କ ନିକଟରେ **'ସ୍ୱର୍ଣ୍ଣାଦ୍ରି'**ର ସଫଳତା କାମନା କରୁଛି ।

ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ
ପୂର୍ଣ୍ଣସ୍ୟ ପୂର୍ଣ୍ଣ ମାଦାୟ ପୂର୍ଣ୍ଣମେବ ବସିଷ୍ୟତେ ।



# ଆମ ପରିବାର

## ଶ୍ରୀଯୁକ୍ତ ଶଙ୍କର୍ଷଣ ପାଣିଗ୍ରାହୀ (ପ୍ରଧାନାଚାର୍ଯ୍ୟ)

### ଆମ ପରିଚାଳନା ସମିତି

ଶ୍ରୀଯୁକ୍ତ ଭବାନୀ ଭୂଷଣ ପାରିଗ୍ରାହୀ (ସଭାପତି)

ଶ୍ରୀଯୁକ୍ତ ରାମ ନାରାୟଣ ମିଶ୍ର (ଉପସଭାପତି)

ଶ୍ରୀମାନ ଜଗଦାନନ୍ଦ ପଟ୍ଟନାୟକ (ସଂପାଦକ)

ଶ୍ରୀମତୀ ରେଣୁ ରାୟ (ସହ ସଂପାଦକ)

ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ନାୟକ (କୋଷାଧ୍ୟକ୍ଷ)

ଶ୍ରୀଯୁକ୍ତ ତ୍ରିନାଥ ଦାସ (ସଦସ୍ୟ)

ଶ୍ରୀଯୁକ୍ତ ବିଭୁତି ଭୂଷଣ ନାୟକ (ସଦସ୍ୟ)

ଶ୍ରୀଯୁକ୍ତ ଶଙ୍କର୍ଷଣ ପାଣିଗ୍ରାହୀ (ପ୍ରଧାନାଚାର୍ଯ୍ୟ)

ଶ୍ରୀଯୁକ୍ତ ବିଜୟ କୁମାର ଜେନା (ଆଚାର୍ଯ୍ୟ ପ୍ରତିନିଧି)

### ଶିଶୁବାଟିକା

ସୁଶ୍ରୀ ରଂଜନୀ ଦାସ (ଶିଶୁ ବାଟିକା ପ୍ରମୁଖା)

ଶ୍ରୀମତୀ ସୁଚିତ୍ରା ପଣ୍ଡା

ଶ୍ରୀମତୀ ସନ୍ଧ୍ୟାରାଣୀ ପରିଡା

ଶ୍ରୀମତୀ ମୋହିନୀ ପାଣିଗ୍ରାହୀ

ଶ୍ରୀମତୀ ସରୋଜିନୀ ଦାଶ

ଶ୍ରୀମତୀ ଅନୁଭା ବେଉରା

ଶ୍ରୀମତୀ ପ୍ରମୋଦିନୀ ପ୍ରଧାନ

ଶ୍ରୀମତୀ ସୁଶ୍ରୀପ୍ରଭା ମହାନ୍ତି

### ପ୍ରାତଃ ପର୍ଯ୍ୟାୟ

ଶ୍ରୀଯୁକ୍ତ ନବକିଶୋର କର (ସହ ପ୍ରଧାନ ଆଚାର୍ଯ୍ୟ)

ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ବିଶ୍ୱାଳ

ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ମହାନ୍ତି

ଶ୍ରୀଯୁକ୍ତ ବିକ୍ରମ ବେଉରା

ଶ୍ରୀମତୀ ପୁଷ୍ପାଞ୍ଜଳି ମହାନ୍ତି

ଶ୍ରୀଯୁକ୍ତ ରତ୍ନମଣି ପ୍ରଧାନ

ଶ୍ରୀମତୀ ମନସ୍ୱିନୀ ବାରିକ

ଶ୍ରୀଯୁକ୍ତ ଅଶୋକ କୁମାର ମହାରଣା

ଶ୍ରୀଯୁକ୍ତ ଖଗେନ୍ଦ୍ର ନାଥ ଦାସ

ଶ୍ରୀ ସୁବାସ ଚନ୍ଦ୍ର ଖଟୁଆ

ଶ୍ରୀ ସତ୍ୟବ୍ରତ ମାଟିଆ ମିଶ୍ର

ଶ୍ରୀମତୀ ବନଜା ମହାନ୍ତି

ଶ୍ରୀଯୁକ୍ତ ପ୍ରଣବ କୁମାର ମହାନ୍ତି

ଶ୍ରୀଯୁକ୍ତ ନିରଂଜନ ମାର୍ଥା

ଶ୍ରୀମାନ ସୋହନ କୁମାର ପଣ୍ଡା

ଶ୍ରୀମାନ ଲଲାଟ କେଶରୀ ନାୟକ

ଶ୍ରୀମତୀ ପ୍ରତିଭା ବାଗ

ସୁଶ୍ରୀ ଅନନ୍ୟା ଦାସ

## ଦିବା ପର୍ଯ୍ୟାୟ

ଶ୍ରୀଯୁକ୍ତ ରଜନୀକାନ୍ତ ରାଉତ (ପର୍ଯ୍ୟାୟ ପ୍ରମୁଖ)

ଶ୍ରୀଯୁକ୍ତ ଅନନ୍ତ ମହାପାତ୍ର

ଶ୍ରୀମତୀ ରାଜଲକ୍ଷ୍ମୀ ରଥ

ଶ୍ରୀମତୀ ସୁସ୍ମିତା ମହାନ୍ତି

ଶ୍ରୀମତୀ ରୀତା ପଟ୍ଟନାୟକ

ଶ୍ରୀଯୁକ୍ତ ବିନୋଦ କୁମାର ସାହୁ

ଶ୍ରୀଯୁକ୍ତ ଅଭିରାମ ମଲ୍ଲିକ

ଶ୍ରୀଯୁକ୍ତ ଶିବାନନ୍ଦ ପ୍ରସାଦ ସିଂହସାମନ୍ତ (ବିଦ୍ୟାମନ୍ଦିର ପରୀକ୍ଷା ପ୍ରମୁଖ)

ଶ୍ରୀଯୁକ୍ତ ଅମ୍ବୁଜ ସାହୁ

ଶ୍ରୀଯୁକ୍ତ କିରଣ କୁମାର ଷଡ଼ଙ୍ଗୀ

ଶ୍ରୀମତୀ ଶ୍ରୀମନ୍ତିନୀ ଲେଙ୍କା

ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାହୁ

ଶ୍ରୀଯୁକ୍ତ ବିଜୟ କୁମାର ଜେନା (ଶିଶୁ ମନ୍ଦିର ପରୀକ୍ଷା ପ୍ରମୁଖ)

ଶ୍ରୀଯୁକ୍ତ ଉଲ୍ଲାସ କୁମାର ଲେଙ୍କା

ଶ୍ରୀଯୁକ୍ତ ଅଶୋକ କୁମାର ମିଶ୍ର

ଶ୍ରୀମତୀ ସରୋଜିନୀ ସାହୁ

ଶ୍ରୀଯୁକ୍ତ ସନ୍ତୋଷ କୁମାର ସାହୁ

ଶ୍ରୀଯୁକ୍ତ ଶିବ ପ୍ରସାଦ କୁଅଁର

ଶ୍ରୀଯୁକ୍ତ କମଳାକାନ୍ତ ଜେନା (କାର୍ଯ୍ୟାଳୟ ପ୍ରମୁଖ)

ଶ୍ରୀଯୁକ୍ତ ସୀତେଶ୍ କୁମାର ରାଉତ (ସହ-କାର୍ଯ୍ୟାଳୟ ପ୍ରମୁଖ)

ଶ୍ରୀ ଅଜୟ କୁମାର ରଥ

ଶ୍ରୀମତୀ ଜ୍ୟୋତିର୍ମୟୀ ଦାଶ

ଶ୍ରୀଯୁକ୍ତ ସରୋଜ କୁମାର ସାହୁ

ଶ୍ରୀଯୁକ୍ତ ରାମ ନାରାୟଣ ପରିଡ଼ା

ଶ୍ରୀମତୀ ଜାନକୀ ଭୋଳ

ଶ୍ରୀମତୀ ଅନୀତା ମିଶ୍ର

ଶ୍ରୀମତୀ ନମିତାରାଣୀ ସାହୁ

ଶ୍ରୀଯୁକ୍ତ ସୁମନ ଚରଣ ରାଉତ

ଶ୍ରୀମତୀ ଅପାଲୀ ଅପରାଜିତା

ଶ୍ରୀମତୀ ପ୍ରଣତି ମହାପାତ୍ର

ଶ୍ରୀଯୁକ୍ତ ବରଦା ପ୍ରସାଦ ସାହୁ

ଶ୍ରୀଯୁକ୍ତ ସୁରେଶ କୁମାର ଦାଶ

ଶ୍ରୀମତୀ ସବିତାରାଣୀ ବାରିକ

ଶ୍ରୀମାନ ଆଦିତ୍ୟ ନାରାୟଣ ଦାଶ

ଶ୍ରୀଯୁକ୍ତ ସୂର୍ଯ୍ୟକାନ୍ତ ପାଢୀ

ଶ୍ରୀ ଅନିମେଶ ମହାପାତ୍ର

ଶ୍ରୀଯୁକ୍ତ ଶରତ କୁମାର ମିଶ୍ର(କମ୍ପ୍ୟୁଟର ଶିକ୍ଷା)

ଶ୍ରୀମାନ ସଞ୍ଜୟ କୁମାର ଆଚାର୍ଯ୍ୟ

## ଅନ୍ୟାନ୍ୟ କର୍ମକ□ୀଗଣ

ଶ୍ରୀଯୁକ୍ତ ସରୋଜ କୁମାର ରଥ (ସେବକ)

ଶ୍ରୀମତୀ ରଇବାରୀ ଦାସ (ସେବିକା)

ଶ୍ରୀମତୀ ନୀଳିମା ରାଉତ (ସେବିକା)

ଶ୍ରୀମତୀ ଗୌରୀ ଦାସ (ସେବିକା)

ଶ୍ରୀମତୀ ମାମି ନାୟକ (ସେବିକା)

ଶ୍ରୀମତୀ କମଳା ସାହୁ (ସେବିକା)

ଶ୍ରୀଯୁକ୍ତ ନିବାସ ଭୋଇ (ରାତ୍ର ଜଗୁଆଳି)

ଆଲୋକ କୁମାର ବେହେରା

## ପୁରାତନ ଛାତ୍ର ପରିଷଦ

ଶ୍ରୀମାନ୍ ରାଜେଶ କୁମାର ଷଡଙ୍ଗୀ (ସଭାପତି)

ଶ୍ରୀମାନ ବଦ୍ରି ନାରାୟଣ ଲେଙ୍କା (ଉପସଭାପତି)

ଶ୍ରୀମାନ ଆଦିତ୍ୟ ପ୍ରସାଦ ମହାପାତ୍ର (ସଂପାଦକ)

ଶ୍ରୀମାନ କୌଶିକ ସିହ୍ନା (ସହ ସଂପାଦକ)

ଶ୍ରୀମାନ୍ ଓମ୍ ପ୍ରସାଦ ପଟ୍ଟନାୟକ (ସଂଯୋଜକ)

ଶ୍ରୀମାନ ରାକେଶ ନନ୍ଦ (ଆବାହକ)

ଶ୍ରୀମାନ ଜିତେନ ଦାଶ ( ଉପ-ଆବାହକ)

ଶ୍ରୀମାନ ଆଞ୍ଜନେୟ ପ୍ରସାଦ ତ୍ରିପାଠୀ(ସଭ୍ୟ)





# ଆମ ବିଦ୍ୟାଳୟର ପ୍ରଥମ ପ୍ରଧାନ ଆଚାର୍ଯ୍ୟ

# ସ୍ୱର୍ଗତ ପୂର୍ଣ୍ଣେନ୍ଦୁ ମହାପାତ୍ରଙ୍କ ସ୍ମୃତିରେ

## ଗଭୀର ଶ୍ରଦ୍ଧାଞ୍ଜଳୀ



ଆବିର୍ଭାବ : ୧୮.୦୨.୧୯୬୩

ତିରୋଧାନ : ୨୮.୧୧.୨୦୧୩

# ବିଦ୍ୟାଳୟ ପ୍ରତିଷ୍ଠାତା ପୂର୍ଣ୍ଣେନ୍ଦୁ ଗୁରୁଜୀଙ୍କସ୍ମୃତିରେ....

ପ୍ରତିଷ୍ଠା କରିଲେ ପୂର୍ଣ୍ଣେନ୍ଦୁ ଗୁରୁଜୀ
ଆମ ଏ ଶିଶୁ ମନ୍ଦିର
ପ୍ରଥମରୁ ତାହା ଏପରି ନଥିଲା
ଥିଲା ଏକ ଚାଳ ଘର ।(୧)
ପ୍ରାରମ୍ଭ ଶ୍ରେଣୀରୁ ତୃତୀୟ ପର୍ଯ୍ୟନ୍ତ
ଛୋଟ ଏକ ପରିବାର
ପ୍ରଚେଷ୍ଟା କରିଣ ପିଲାଙ୍କୁ ଆଣିଲେ
ବୁଲି ବୁଲି ଘର ଘର । (୨)
ପ୍ରୋତ୍ସାହନ ପାଇ ପ୍ରତ୍ୟେକ ଶିକ୍ଷକ
କାର୍ଯ୍ୟେ ହେଲେ ଆଗଭର
ପ୍ରତିକ୍ଷଣ ତାଙ୍କ କାର୍ଯ୍ୟରେ କଟିଲା
ଶ୍ରମ କରିଲେ କଠୋର । (୩)
ପ୍ରତିଜ୍ଞା ତାଙ୍କର ପୂରଣ ହୋଇଲା
ପୂରିଲା ସ୍ୱପ୍ନ ତାଙ୍କର
ପ୍ରତିଷ୍ଠିତ ହେଲା ଭୀମଟାଙ୍ଗୀ ଠାରେ
ପୂର୍ଣ୍ଣାଙ୍ଗ ଶିଶୁ ମନ୍ଦିର । (୪)
ପୂର୍ଣ୍ଣଇନ୍ଦୁ ପରି ଆଲୋକ ଦେଖାଇ
ଅଜ୍ଞାନତା କଲେ ଦୂର
କେତେ ଶିଶୁ ମନେ ବାସନା ଭରିଲେ
କଲେ ଆଶାର ସ□ାର । (୫)

ପ୍ରତିଭା ସମ୍ପନ୍ନ ଛାତ୍ର ସୃଷ୍ଟି କରି
ଜୀବନ କଲେ ସାକାର
ଗୁରୁ ନୁହେଁ ସେତ ପ୍ରତି ଛାତ୍ର ପାଇଁ
ଥିଲେ ସାକ୍ଷାତ ଈଶ୍ୱର । (୬)
ପ୍ରିୟ ଭାଷୀ ଗୁଣେ ମୋହିଲେ ସଭିଙ୍କୁ
ପ୍ରିୟ ହେଲେ ସଭିଙ୍କର
ପ୍ରେମର ଡ଼ୋରିରେ ବାନ୍ଧି ରଖିଥିଲେ
ବଡ଼ ଏହି ପରିବାର । (୭)
ନିଷ୍ଠୁର ବିଧାତା ଅକାଳରେ ତାଙ୍କୁ
ନେଇଗଲା ବାହୁଡ଼ାଇ
ତାଙ୍କର ଅଭାବେ ଆମ ପରିବାର
ସଦା ସର୍ବଦା ଝୁରଇ । (୮)
ବିଭୁ ପାଦତଳେ କରୁଛି ବିନତି
ପୂଣ୍ୟାତ୍ମା ଗୁରୁଜୀ ଆମ
ଚିର ଶାନ୍ତି ଲଭି ରୁହନ୍ତୁ ସ୍ୱର୍ଗରେ
ତାଙ୍କ ପଦରେ ପ୍ରଣାମ ।(୯)
।।ଇତି ।।
ଶିଶୁ ବିଦ୍ୟା ମନ୍ଦିର ପରିବାର



# ସୂଚୀପତ୍ର


| ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|
| **ଓଡ଼ିଆ ବିଭାଗ** | | |
| ସମୁଦ୍ରର ଅଟ୍ଟହାସ | ସରୋଜିନୀ ସାହୁ | ୨୫ |
| "ମା" | ଦିବ୍ୟାଂଶୀ ସିଂହ | ୨୬ |
| ଯାହାକୁ ଯିଏ | ଆରିୟନ୍ ପଣ୍ଡା | ୨୬ |
| ଅଭିଳାଷ | ବରଦା ପ୍ରସାଦ ସାହୁ | ୨୭ |
| ଶୀତ ଋତୁ | ସରୋଜିନୀ ଦାଶ | ୨୭ |
| ରଖିବି ଦେଶର ନାଁ | ଶ୍ରୀଯୁକ୍ତ ରାମ ନାରାୟଣ ପରିଡା | ୨୮ |
| ପରିବେଶ ହିଁ ସମ୍ପଦ | ଶ୍ରୀମତୀ ସୁସ୍ମିତା ମହାନ୍ତି | ୨୯ |
| ଏକତା | ଏଲିନା ସାହୁ | ୨୯ |
| ବରଷା ରାଣୀ | ସାଇନା ମହାନ୍ତି | ୩୦ |
| ପିଲାଙ୍କ ପହଲି | ପ୍ରିୟଙ୍କା ପ୍ରିୟଦର୍ଶୀନୀ ପ୍ରଧାନ | ୩୦ |
| ଶୀତ ଋତୁ | ମୋନାଲିସା ପଣ୍ଡା | ୩୧ |
| ପଠାଣି ସାମନ୍ତ | ଜୟଶ୍ରୀ ପ୍ରଧାନ | ୩୧ |
| ଫାଇଲିନ ପରେ | ସୁଶ୍ରୀ ଅଙ୍କିତା ପଣ୍ଡା | ୩୨ |
| ଶିଶୁ ବିଦ୍ୟା ମନ୍ଦିର | ଶୁଭ୍ରାଂଶୁ ଶେଖର ବେହେରା | ୩୨ |
| କବି ଗଙ୍ଗାଧର | ବିଭୂଷିତା ପଣ୍ଡା | ୩୩ |
| ପାଠ ଡ଼ର | ଲିପ୍‌ସା ନାୟକ | ୩୪ |
| ଆକାଶ ଦେଶେ | ଆଶୁତୋଷ ସାହୁ | ୩୪ |
| ଚିନୁ ଭାବେ ବସି ବସି | ଦେବସ୍ମିତା ମହାପାତ୍ର | ୩୪ |
| କିଏ ହସେ କିଏ ଝୁରେ | ସଂଜ୍ଞାଶ୍ରୀ ରାୟ | ୩୫ |
| ବନମହୋତ୍ସବ | ଶୁଭସ୍ମିତା ପରିଜା | ୩୫ |
| ଫାଇଲିନର ତାଣ୍ଡବ ଲିଳା | ସ୍ମୃତି ପ୍ରଜ୍ଞା ବେହେରା | ୩୬ |
| ପିତାମାତା | ସୌମ୍ୟରଞ୍ଜନ ସାହୁ | ୩୬ |
| ମୋର ଗାଁ | ଶାଶ୍ୱତୀ ସୁଶ୍ରୀତା ସାହୁ | ୩୬ |
| ନିବେଦନ ଜଗନ୍ନାଥଙ୍କୁ | ଶ୍ରଦ୍ଧାଞ୍ଜଳୀ ବେହେରା | ୩୭ |
| ଚଳନ୍ତି ଠାକୁର | ପ୍ରଲିପ୍ତା ସାହୁ | ୩୭ |
| ପୂଜ୍ୟ ଗୁରୁ | ନିବେଦିତା ଆଚାରୀ | ୩୮ |
| ଛୋଟ ବଡ | ସାଇ ସଞ୍ଜିବନୀ ବରିଶାଲ୍ | ୩୮ |
| ମାଆ | ମୃତ୍ୟୁଞ୍ଜୟ ସାହୁ | ୩୮ |
| ରିନା ଓ ମିଆଇଁ | ଶକ୍ତି ସୌରଭ ପଟ୍ଟନାୟକ | ୩୮ |
| ସୁବାଷ ବୋଷ | ସ୍ନେହା ପୂଜା ପଣ୍ଡା | ୩୯ |
| ଦୁଷ୍ଟ ଶିଷ୍ଟ | ମିହିର ରଞ୍ଜନ ଜେନା | ୩୯ |
| ମୋ ମାଆ | ସଂହିତା ପ୍ରିୟଦର୍ଶିନି ସାହୁ | ୪୦ |
| ବରଷା ଆସିଛି | ଦେବସ୍ମିତା ପ୍ରିୟଦର୍ଶିନୀ | ୪୦ |
| ବେଙ୍ଗ ରାଜାର ବାହାଘର | ଦେବାଶିଷ ବେହେରା | ୪୦ |
| ପ୍ରଥମାଷ୍ଟମୀ | ବର୍ଷା ନାୟକ | ୪୧ |
| ସହର ଯିବି ନାହିଁ | ବୈଶାଳିନୀ ମଲ୍ଲିକ୍ | ୪୧ |
| ମାଟି ଘର | ସୁପ୍ରିୟା ସମର୍ଥା | ୪୧ |
| ଖରା , ବରଷା , ଶୀତ | ଶୁଭସ୍ମିତା ମିଶ୍ର | ୪୨ |
| ବୋଉ | ଆଦିତ୍ୟ କୁମାର ଶତପଥୀ | ୪୨ |
| ସୁଷମା ସୁନ୍ଦରୀ | ବିଭୁକିଶୋର ନାୟକ | ୪୨ |
| ବଡ଼ ଦେବତା | ସୂର୍ଯ୍ୟକାନ୍ତୀ ମିଶ୍ର | ୪୩ |
| ଗୁରୁବ୍ରହ୍ମା | ହରିଶଙ୍କର ଆଚାରୀ | ୪୩ |
| ମା'ଆ | ହସିକାପ୍ରିୟଦର୍ଶିନୀ ସାହୁ | ୪୩ |
| ସମର୍ପଣ | ଶର୍ମିଷ୍ଠାସ୍ୱୟଂପର୍ଣ୍ଣା ପଣ୍ଡା | ୪୪ |
| ଆମ ଚାନ୍ଦବାଲି | ଓମରାଜ ବେହେରା | ୪୪ |
| ମନଦେଇ ପାଠ ପଢ | ରିତେଶ କୁମାର ସାମଲ | ୪୪ |
| ଅହଂକାର | ସୋହନ କୁମାର ପଣ୍ଡା | ୪୫ |
| ବେଳହୁଁ ହେବା ସାବଧାନ | ସୌମ୍ୟରଂଜନ ସାହୁ | ୪୭ |
| ସତ କହିବାକୁ କିଆଁ ଡରିବି | ଋତପର୍ଣ୍ଣା ପତି | ୪୮ |
| ସୁନାପିଲା | ପ୍ରିୟଙ୍କା ରାଉତ | ୪୮ |
| ନିଜର କାମ ନିଜେ କର | ଅନନ୍ୟା ମିଶ୍ର | ୪୯ |
| ମା'ର ମମତାରେ ମହାପୁରୁଷ | ଶୁଭଲକ୍ଷ୍ମୀ ନାୟକ | ୫୦ |
| ସତ୍ୟ ପାଇଲା ମିଛର ଫଳ | ପ୍ରତ୍ୟୁଷ ମହାରଣା | ୫୧ |
| ଆତ୍ମବଳ | ସ୍ମିତା ପାୟଲ ପଟ୍ଟନାୟକ | ୫୨ |
| ସୂର୍ଯ୍ୟ ଓ ଚନ୍ଦ୍ର | ଅଭିଷେକ ବେହେରା | ୫୩ |
| ଗଣେଶ ତୁଳସୀ | ସୁଚିସ୍ମିତା ସାମନ୍ତରାୟ | ୫୪ |
| ବିଚିତ୍ର ବହୁରୂପୀ | ସୁକନ୍ୟା ମିଶ୍ର | ୫୫ |
| ନାରଦ ମୁନିଙ୍କ କଥା | ତନୟା ପଣ୍ଡା | ୫୬ |
| ମ୍ୟାଜିକ୍ କୋଟ | ଇପ୍‌ସିତା ସ୍ୱାଇଁ | ୫୭ |
| ବୁଝି ବିଚାରି କାମ କର | ସିମ୍‌ରନ୍ ବେହେରା | ୫୮ |
| ବୁଦ୍ଧି ବଳରେ ସିଦ୍ଧି ମିଳେ | ଆଶୁତୋଷ ମଲ୍ଲ | ୫୯ |
| ଗୁଣ୍ଡୁଚି ମୂଷାର ଭ୍ରମଣ | ପ୍ରିୟଙ୍କା ମହାପାତ୍ର | ୫୯ |
| ଚତୁର୍ଥ ସତ୍ୟ | ବିଜୟା ଲକ୍ଷ୍ମୀ ସାହୁ | ୬୦ |
| ବିଶ୍ୱର ସବୁଠୁ ବଡ | ନେହାଲ ସିଂ | ୬୦ |
| ଏକତା ହିଁ ବଳ | ରାକେଶ କୁମାର ମହାନ୍ତି | ୬୧ |
| ଅନୁତାପ | ଶୁଭଶ୍ରୀ ନାୟକ | ୬୧ |

# ସୂଚୀପତ୍ର


| ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|
| ଲୋଭୀ ମଣିଷର ଅବସ୍ଥା | ଦେବାଶିଷ ଦାଶ | ୬୨ |
| ସଚ୍ଚୋଟତାର ମୂଲ୍ୟ | ରାଜଲକ୍ଷ୍ମୀ ମହାଳିକ | ୬୩ |
| କୂଅବେଙ୍ଗ | ଡ଼ି.ସିରିଢ଼ି | ୬୪ |
| ପିନୋକି ଓ ଏଣ୍ଟୁଅର ଲୁଚକାଳି | ସମ୍ରାଟ ବେହେରା | ୬୪ |
| ଗୋବର ଗଣେଶ | ଦେବପ୍ରଭା ଦାସ | ୬୫ |
| ଅତିଲେମ୍ବୁ ଚିପୁଡ଼ିଲେ ପିତା | ପ୍ରଦ୍ୟୁମ୍ନ ବେହେରା | ୬୬ |
| ଅଳସୁଆର ବୁଦ୍ଧି | ବାସୁଦେବ ପଣ୍ଡା | ୬୭ |
| ଦୁଇଟି ପ୍ରଜାପ୍ରତି | ଆକାଂକ୍ଷା ଦାସ | ୬୭ |
| ଜଙ୍ଗଲ ସୁରକ୍ଷା | ସୋନାଲି ସାହୁ | ୬୮ |
| ଈର୍ଷା ଧ୍ୱଂସକୁ ଡ଼ାକି ଆଣେ | ଅଭିଶେକ କୁମାର ସାହୁ | ୬୯ |
| ଭଗବାନ ଯାହା କରନ୍ତି | | |
| ପ୍ରାଣୀର ମଙ୍ଗଳ ପାଇଁ | ସତ୍ୟଜିତ୍ ସାମନ୍ତରାୟ | ୭୦ |
| ସଫଳତାର ଚାବିକାଠି- | | |
| ଆଶା ଓ ବିଶ୍ୱାସ | ପ୍ରଜ୍ଞା ନିବେଦିତା ସାହୁ | ୭୧ |
| ପବିତ୍ର ସମ୍ପର୍କ | ସାବରୀ ସଲୋନି ପଣ୍ଡା | ୭୨ |
| ଆଜ୍ଞା ଟିକେ ଶୁଣିବେ କି ? | ଶ୍ରୀମତୀ ରାଜଲକ୍ଷ୍ମୀ ରଥ | ୭୩ |
| ମୋ ବିମାନ ଯାତ୍ରା ଅନୁଭୂତି | ଶ୍ରୀଯୁକ୍ତ ସଂଗ୍ରାମକେଶରୀ ମହାନ୍ତି | ୭୫ |
| ରାମ ବଦଳିଲା | ରାଜିବ ଲୋଚନ ମହାରଣା | ୭୮ |
| ଜୀବଜନ୍ତୁ ଘର ତିଆରି | | |
| ଶିଖାଇଲେ | ଶ୍ୱେତସ୍ୱିନୀ ସାହୁ | ୭୯ |
| ଗୁରୁ | ସ୍ନିଗ୍ଧା ଶତପଥି | ୮୦ |
| ଦୟାର ଫଳ | ସ୍ୱପ୍ନାରାଣୀ ବେହେରା | ୮୧ |
| ସନ୍ତୋଷ ହିଁ ଧନ | ରିଶିକେଶ ଦାଶ | ୮୨ |
| ପିମ୍ପୁଡ଼ିର ମୃତ୍ୟୁ | ସିଦ୍ଧାର୍ଥ ସାହୁ | ୮୨ |
| କାମନା ବିନାଶର ସରଳ ଉପାୟ | ଅରୁନ୍ଧତୀ ମହାରଣା | ୮୩ |
| ଅନୁଭୂତି | ଅଂଶୁମାନ ଦାଶ | ୮୪ |
| ମୋ କଥା | ରାମ ନାରାୟଣ ମିଶ୍ର | ୮୬ |


## ENGLISH SECTION


| | | |
|---|---|---|
| Book Shot | Smruti Suman Mallick | 88 |
| Mother Earth | Saswati susrita Sahoo | 88 |
| Great India | Sai Sanjeevani | 88 |
| Short Lived Bearth | Bijaya Laxmi Sahoo | 89 |
| Easy | Swagatika Mohanty | 89 |
| Rose | Pralipta Sahoo | 89 |
| Life: an Examination | Rajalaxmi Mahalik | 90 |
| Power of Money | Amissha Panda | 90 |
| Winner & Losers | Tapasya Pati | 90 |
| Thank You song | Sibani Pradhan | 91 |
| Dream | Siba Prasad Mahakunda | 91 |
| What is Pink? | Monalisa Panda | 91 |
| Moble Thoughts | Arundhati Moharana | 92 |
| What is Important | Snigdha Meghamukta Sahoo | 92 |
| The Grand Father | Ambrita Pritam | 93 |
| Friendship | Siddhartha Satpathy | 93 |
| The Earth | Laxmi Priya Swain | 94 |
| The Busy Bee | Smruti Samikashya Mohanty | 94 |
| Life is a game of cricket | Rakesh Kumar Shit | 94 |
| I Was Really Worried | Jayashree Pradhan | 95 |
| Result Time | Ashutosh Sahu | 95 |
| My School | Kasturi Rout | 95 |
| A Magic with Alphabet | Kasturi Rout | 96 |
| My Computer Part In | | |
| Alphabet | Swaraj Kumar Sahoo | 96 |
| My Mother | Debasmita Mohapatra | 96 |
| Use This In Life | Prativa Behera | 97 |
| Human Cabinet | Baishakhi Bisoi | 97 |
| Full Name | Sakti Sourav Pattanaik | 97 |
| Funny Meaning's of | | |
| Place in English | Sagarika Moharana | 98 |
| The king's Nightingle | Sai Sanjeevani Barisal | 99 |
| Discipline | Smruti Pragyan Behera | 99 |
| Save the Earth | Baisnabi Debi | 100 |
| Need of Todays ERA | Subhasmita parija | 100 |
| Save Trees | Ankita Pradhan | 101 |
| Where is Lock | Samrat Behera | 102 |
| The Legend of | | |
| Sleepy Hollow | Priyanka Priyadarshani | 103 |
| Needless Trick | Sushree Priyadarsini | 104 |
| The Brave Girl | Lopamudra Parida | 104 |
| Gibbons | Sushree Priyadarsini | 105 |
| Do you know | Dibyangshee Singh | 105 |
| Salute Sachin | | |
| The Master of Criket | Rakesh Kumar Muduli | 106 |
| A small truth to make | | |
| lite 100% | Snehasmita Moharathi | 107 |
| Let us know | | |
| something new | Soumya Prakash Chodhury | 108 |
| 2o Incredible facts | | |
| about animals | Pratyush Pattnayak | 109 |
| Is English An Important | | |
| Language | Suryakanta padhi | 110 |

# ସୂଚୀପତ୍ର

| ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|

## हिन्दी बिभाग


| | | |
|---|---|---|
| हिन्दी : राष्ट्र भाषा राजभाषा और संपर्क भाषा | सरोज कुमार साहु | ११२ |
| नया घर छात्रावास | सौभाग्य रंजन वल | ११३ |
| वर्षा | शिव प्रसाद महांकुड | ११३ |
| हसाना जरुरी है!!! | वैशाखी विशोइ | ११४ |
| प्यारा भारत बर्ष | भवेश शेखर साहु | ११४ |
| यह मेरा वतन | बरेन कुमार जेना | ११५ |
| गलती | स्वागतिका महान्ति | ११५ |
| हिन्दुस्थान की माषा हिन्दी | रितिक बराल | ११५ |
| हसिए ना | संज्ञाश्री राय | ११६ |
| भारत कितना प्यारा है | विजया लक्ष्मी साहु | ११६ |





ଓଡ଼ିଆ
ବିଭାଗ

# ସମୁଦ୍ରର ଅଟ୍ଟହାସ



ସରୋଜିନୀ ସାହୁ
ଆଚାର୍ଯ୍ୟା, ଦିବାପର୍ଯ୍ୟାୟ

**ସୀ**ମାହୀନ ସମୁଦ୍ର ମଧ୍ୟରେ
କେତେ କେତେ ଜୀବ, ମତ୍ସ୍ୟ, ଗେଣ୍ଡା
କେତେ ମୋତି ପୁଣି ଆଉ କେତେ ଯେ ଶାମୁକା
କାହିଁ କେଉଁ ଅନାଦି କାଳରୁ ରହିଛନ୍ତି
ଯୁଗ ଯୁଗ ଧରି
କିନ୍ତୁ, ଶାମୁକା ଯେ ଅଲୋଡ଼ା, ଅଦେଖା, ଅସଜଡ଼ା
ହୋଇ ପଡ଼ିରହିଚି
କେଉଁ ଏକ ଭସ୍ମ ବାଲି ସ୍ତୁପର ବେଳାରେ ।
ଶାମୁକାର ମୂଲ୍ୟ କିଏ ବୁଝିଛି ତ କୁହ
ଶାମୁକା ଆଖିରୁ ଲୁହ ପୋଚିଛି ତ କୁହ
କେହି, କେବେ ଶୁଣିଛି ତା'ର
ଅବ୍ୟକ୍ତ କୋହକୁ
ହୃଦୟର ବେଦନାକୁ ?
ସମୁଦ୍ରର ଗୁରୁ ଗମ୍ଭୀର ଅଟ୍ଟହାସ
ସତେ ଅବା କହିଯାଏ,
ତୋହରତ ଭାଗ୍ୟ ଏହିଠାରେ
ପାରିବୁ କି ମୋ ଦେହ ତରଙ୍ଗରେ ତରଙ୍ଗାୟିତ ହୋଇ
ପାରିବୁ କି ଲକ୍ଷ ଲକ୍ଷ ମଡାର ଭସ୍ମ ପାଉଁଶକୁ ନେଇ ?
ନାହିଁ ଯଦି ଏତେ ଦମ୍ଭ, ପଡିରହିଥିବୁ ସେହି ଧ୍ୱଂସ ସ୍ତୁପ ମଧ୍ୟରେ ।
ଉଠିବାର ଚେଷ୍ଟା ଯଦି ନକରି ପାରିବୁ
ଗଢ଼ିବାର ବୃଥା ଚେଷ୍ଟା କାହିଁକି କରିବୁ ?
ହେଲେ....
ଦୁଃଖ କରି କି ଲାଭ ପାଇବୁ
ବ□ିବା, ଗଢ଼ିବା, ଭାଙ୍ଗିବା ସବୁତ ତାରି ହାତରେ
ବୃଥା ଚେଷ୍ଟା କରିଲେ ବି
ତୁ ପଡି ରହିଥିବୁ ସେହି ଧ୍ୱଂସ ସ୍ତୁପ ମଧ୍ୟରେ ।





## "ମା"

**ଦିବ୍ୟାଂଶୀ ସିଂହ**

ଶ୍ରେଣୀ-ଦଶମ, ବିଭାଗ-ଧ୍ରୁବ

ଏ ପୃଥିବୀ ଆକାଶ ପବନର ସ୍ମିତ ହାସ୍ୟର
ତୁମେ ହିଁତ ଯଶୋଧାରା
ତୁମେ ହିଁ ତ ଅଗଣିତ ଉଜ୍ଜଳ ତାରାର
ସୁଚିନ୍ତିତ ସମ୍ଭାର ।
ହୃଦୟର ପ୍ରତ୍ୟେକ ରକ୍ତ ବିନ୍ଦୁରେହିଁ ତ
ଲେଖା ତୁମ ସଂଘର୍ଷ
ତୁମ ମାତୃତ୍ୱର ପ୍ରୀତି ପଣତରେ ବନ୍ଧା
ଏ ମମତାମୟୀ ଜଗତ ।
ତୁମ ସ୍ପର୍ଶରେ ପାଷାଣ ବି ତ
ପାଇଯାଏ ଜୀବନର ଆଭାସ
ଯାହା ପାଖେ ତୁମେ ବିରାଜିତ
ସେ ଉଡାଏ ବିଶ୍ୱଧ୍ୱଜା ।
ହୃଦୟର ବୁନ୍ଦା ବୁନ୍ଦା ଆଶା ଆକାଂକ୍ଷାମାନ
ମଥାନତ ତୁମ ପଦାରବିନ୍ଦରେ
ଜୀବନର ପ୍ରସ୍ଫୁଟିତ ପ୍ରତ୍ୟେକ କଣିକାର ରୂପରେଖା
ଆଜିତୁମ ଚରଣ ବିନ୍ଦୁରେ ମଥାନତ ।
ଏ ସୃଷ୍ଟିର ତୁମେ ହିଁ ତ ଯଶୋଧାରା
ସାଇତା ପନ୍ଥା ।

✦✦✦



## ଯାହାକୁ ଯିଏ

**ଆରିୟନ୍ ପଣ୍ଡା**

ଶ୍ରେଣୀ- ଚତୁର୍ଥ (ଧ୍ରୁବ)

ପଖାଳ ନିକଟେ ଶାଗ ଆଦର,
ଥିବ ଯଦି ପାଶେ ମାଛ ବେସର ।
ବଡ଼ି ଚୂରା ସହ ଲଙ୍କା ପିଆଜ,
ଖାଇ ଅଛି ଯିଏ ଜାଣେ ମଉଜ ।
ଗରମ ମୁଢ଼ିକୁ ବାଡ଼ି ନଡ଼ିଆ,
ବରଷା ଦିନରେ ଲାଗେ ବଢ଼ିଆ ।
ଗରମ ଦିନରେ ଆଖୁର ରସ,
ଦେହ ପାଇଁ ସେତ ବଡ଼ ସରସ ।
ଶୀତ ଆସିଗଲେ ଗରମ କଫି
ଚେନାଚୁର ସହ କାଜୁ ବରଫି ।
ଗରମ ଖରାକୁ ଆଳୁରଦମ୍
କିପରି ଲାଗଇ ଟିକେ କୁହମ ?
ଇଟିଲି ଖାଇବ ସାଥେ ସମ୍ବର
ନଡ଼ିଆ ଚଟଣି ଲାଗେ ମଧୁର ।
ମେଘ ବରଷିଲେ ବାଦାମ ଭଜା
ଖାଇବାକୁ ଲାଗେ ଆହାକି ମଜା !
ଦାନ୍ତ ନାହିଁ ଆମ ବୁଢ଼ା ଅଜାର
ଖାଇ ନପାରି ସେ ହୁଏ ଅଧିର ।

✦✦✦





# ଅଭିଳାଷ

ବରଦା ପ୍ରସାଦ ସାହୁ
ଆଚାର୍ଯ୍ୟ

ନଈଟିଏ ମୋତେ କରିଦିଅ ପ୍ରଭୁ
ଦେହେ ବହିଯାଉ ନୀର,
ସଭିଙ୍କର ତୃଷ୍ଣା ମେ□ାଇ ଦେବି ମୁଁ
ନକରି କାହାକୁ ପର ।
ମହୁ ମାଛିଟିଏ କରିଦିଅ ପ୍ରଭୁ
ଉଡୁଥିବି ଫୁଲେ ଫୁଲେ
ସାରା ବିଶ୍ୱ ପାଇଁ ମହୁ ସାଇତିବି
ନଭାବି ହୀନ ତିଳେ ।
ଫୁଲଟିଏ ମୋତେ କରିଦିଅ ପ୍ରଭୁ
ମହକୁଥିବ ମୋ ବାସ
ଛୋଟ ଶିଶୁଟିଏ କରିଦିଅ ପ୍ରଭୁ
ସଦା ଓଠେ ଥିବ ହସ ।
ଗଛଟିଏ ମୋତେ କରିଦିଅ ପ୍ରଭୁ
ସଭିଙ୍କୁ ଦେବି ମୁଁ ଛାଇ,
ଫୁଲ ଫଳ ବର୍ଷା ସାଇତି ରଖିବି
ଜଗତର ହିତ ପାଇଁ ।
ମୁଁ ମୋ ପାଇଁ କିଛି ମାଗୁନାହିଁ
ମାଗୁ ନାହିଁ ଧନ ଜନ
ଜଗତ କଲ୍ୟାଣ ଯାଏ ଯଦି ପ୍ରାଣ
ସାର୍ଥକ ହେବ ଜୀବନ ।

✦ ✦ ✦



# ଶୀତ ଋତୁ

ସରୋଜିନୀ ଦାଶ
ଆଚାର୍ଯ୍ୟା

ପ୍ରକୃତି ନିୟମରେ ଋତୁ ଚାଳିତ
ଗ୍ରୀଷ୍ମ ବରଷା ପରେ ଆସେ ଶରତ । (୧)
ହେମନ୍ତ, ଶିଶିରକୁ ଭୋଗିବା ପରେ
ମଧୁମୟ ବସନ୍ତ ଆସେ ମହୀରେ । (୨)
ଦୁଇମାସ ଏକ ଋତୁ ପ୍ରମାଣ
ହେମନ୍ତ, ଶିଶିରକୁ ଶୀତରେ ଜାଣ । (୩)
ଦିବସ କ୍ଷୀଣ, ସୂର୍ଯ୍ୟତାପ ନିଉନ
ପ୍ରଖର ଶୀତ, ରାତ୍ର ହୁଏ ବର୍ଦ୍ଧନ । (୪)
ପଦ୍ମ କୁସୁମ ହୀନ, ଶୀତ କାଳରେ
ମାତ୍ର ସ୍ୱଚ୍ଛ ସଲିଳ, ସରସୀ ଧରେ । (୫)
ହଂସ, ବତକ କ୍ରୀଡ଼ା ଶୋଭା ତହିଁରେ ।
ବନସ୍ଥଳୀ ମୁଖର ବିହଙ୍ଗ ସ୍ୱରେ । (୬)
ଖରାକୁ ଜନେ ବହୁ ଆଦର କଲେ
ଶୀତ ବସନ ପରିଧାନ କରିଲେ ।୭)
ଉଷୁମ ଖାଦ୍ୟ, ଉଷ୍ଣ ବସନେ ମନ
ଏଦିନେ ବହୁ ଖାଦ୍ୟ ହୁଏ ଉତ୍ପନ୍ନ ।(୮)
ବହୁ ପରିବା ସହ ଧାନ ଅମଳ
ହୁଅଇ ଶୀତ ଦିନେ ଜନମଙ୍ଗଳ । (୯)
କା□ିକରୁ ମାଘ ଶୀତ ପ୍ରବଳ
ଏଦିନେ ନାନା ଓଷା ବ୍ରତର ମେଳ ।
କା□ିକେ ମାସସାରା ବ୍ରତ ପାଳନ୍ତି
ମାର୍ଗଶିରରେ ଜନେ ଲକ୍ଷ୍ମୀ ପୂଜନ୍ତି ।
ଆହୁରି ବହୁ ଓଷା ଶୀତ ଋତୁରେ
ପାଳନ ହୁଏ ମନ ଆନନ୍ଦ ଧରେ ।
ଷଡ଼ ଋତୁରେ ଶୀତ ବେଳ ଅଶେଷ
ସୁଫଳ ସହ ଖାଦ୍ୟ ପୁରା ବରଷ ।

✦ ✦ ✦

# ରଖିବି ଦେଶର ନାଁ

**ଶ୍ରୀଯୁକ୍ତ ରାମ ନାରାୟଣ ପରିଡା**
(ଆଚାର୍ଯ୍ୟ)

**ତୁ**ମ ପରି ଛୋଟ ପିଲାଟିଏ
କୋଚିଙ୍ଗ୍ ସେ□ର ରଟ ସିଏ,
ଚେହେରାଟି ତାର ଏଲିଏନ୍ ପରି
ବଦମାସିରେ ତା ସରି କିଏ ?
ଛାଡ଼ିଯାଇଥିଲା ଦିନେ ଝଡ଼ି
ଖେଳ ପଡ଼ିଆକୁ ଗଲା ମାଡି,
ଅଗା ବଗା ଖଗା ପିଲାଙ୍କ ସାଙ୍ଗରେ
ପକାଇଲା ଦିନେ ହମ୍ବା ରଡି ।
ସାଥିପିଲା ଡ଼ାକି କଲା ମେଳ,
ପଡ଼ିଆକୁ କଲା ସମତୁଲ ।
କିରିକେଟ ଖେଳ ସରଞ୍ଜାମ ଧରି
ଖେଳପାଇଁ ହେଲା ତରବର ।
ସଚିନ୍ ପରିକା ଖେଳେ ସିଏ,
ଚଉକା ଛକାରେ ନାମ ନିଏ ।
ପାଠ ପଢାକୁ ସେ ଖାତିରି ନକରି
ମ୍ୟାଚ ସବୁକୁ ଜିତି ଯାଏ ।
ବଲ ଆସିଲା ଗଡ଼ି ଗଡ଼ି
ବ୍ୟାଟରେ ତାକୁ ଦେଲା ତଡି ।



ପଡ଼ିଆରେ ତାର ଖସି ଗଲା ଗୋଡ଼
ପଡ଼ିଗଲା ତଳେ ମୁହଁ ମାଡି ।
ଡ଼ାକ୍ତର ଦେଖିଲେ ମୁହଁ ତାର,
ରକତ ବୋହୁଛି ଧାର ଧାର ।
ଛାମୁଦାନ୍ତ ଦି'ଟା ଉପୁଡ଼ି ଯାଇଛି,
ବାନ୍ଧିଲେ ମୁହଁରେ ପଟିତାର ।
ବାପା ବୋଉ ହେଲେ ଗରଗର,
ପରୀକ୍ଷାକୁ ତୋର ନାହିଁଡ଼ର ।
ପାଠ ନ ପଢିଲେ ଫେଲ ହେବିନି
କହିଛନ୍ତି ପରା ସରକାର ।
ତୁମେ ଏବେ ଟିକେ ଥୟ ଧର,
ଆଣିବି ଖେଳରେ ପୁରସ୍କାର ।
ଜିତିବା ଯାଏଁ ଜାତି ପାଇଁ ଖେଳି
ରଖିବି ଦେଶର ନାମ ମୋର ।

## ମଜାକଥା

**ଥ**ରେ ବିହାରରୁ ଜଣେ ନେତା ଆମେରିକା ଯାଇଥାନ୍ତି । ଆମେରିକା ରାସ୍ତାରେ ବୁଲୁଥିବା ବେଳେ ତାଙ୍କ ଧୋତିର କଚ୍ଛା ଖୋଲି ତଳେ ଘୁଷୁରୁଥାଏ । ସୁଟ୍ ବୁଟ୍ ପିନ୍ଧା ଜଣେ ଆମେରିକୀୟ ଏହା ଦେଖି ଭାବିଲେ, ଏହା ତାଙ୍କର ପୋଷା କୁକୁର ହୋଇଥିବ । କିନ୍ତୁ ପାଖକୁ ଆସି ଦେଖିଲେ, ସେଇଟା କୁକୁର ନୁହେଁ । ତେଣୁ ସେଇଟାକୁ ସେ ହାତରେ ଧରି, ନେତାଙ୍କୁ ପଚାରିଲେ, "What is this?" ଲୋକଟି ନେତାଙ୍କ କଚ୍ଛା ଖୋଲିଛି ଭାବି ନେତା ରାଗିଯାଇ, ଲୋକଟିଙ୍କୁ ଧରି ପଚାରିଲେ, "What is this?" ଆମେରିକୀୟ ଉ□ର ଦେଲେ, "This is my neck tie" ନେତା ହସିଦେଇ କହିଲେ, "That is my back tie"



**ସୁଶ୍ରୀ ଅଙ୍କିତା ପଣ୍ଡା**
**ଅଷ୍ଟମ ଶ୍ରେଣୀ, ବିଭାଗ- ଏକଲବ୍ୟ**

# ପରିବେଶ ହିଁ ସମ୍ପଦ

ଶ୍ରୀମତୀ ସୁସ୍ମିତା ମହାନ୍ତି
ଆଚାର୍ଯ୍ୟା

**ହେ** ବିଶ୍ୱ ନିୟନ୍ତା ! ତୁମେ ସୃଷ୍ଟିକଲ
ଏହି ଧରା ପୃଷ୍ଠପରେ ।
ଦୁଇଗୋଟି ଶ୍ରେଣୀ ସଜୀବ ନିର୍ଜୀବ
ନାମ ଦେଇ ସେ ପ୍ରକାରେ ।
ସଜୀବ ଶ୍ରେଣୀକୁ ଦୁଇଭାଗ କଲ
ଯଥା ଉଦ୍ଭିଦ ଓ ପ୍ରାଣୀ,
ପରସ୍ପର ମଧ୍ୟେ ରଖିଲେ ସମ୍ପର୍କ
ଯେଝା ମନକଥା ଜାଣି ।
ମନୁଷ୍ୟକୁ ତୁମେ ସୃଷ୍ଟି କଲ ପ୍ରଭୁ
ଦେଇ ସର୍ବ ଶ୍ରେଷ୍ଠ ବୁଦ୍ଧି ।
ସେହି ମନୁଷ୍ୟ ଯେ ବୁଦ୍ଧି ବଳେ ଲାଭ
କଲା ସବୁଠାରେ ସିଦ୍ଧି ।
ନିଜ କଉଶଳ ଯନ୍ତ୍ରର ବଳରେ
କରୁଅଛି ନିଜ ନାଶ ।
ପ୍ରକୃତିର ଭାରସାମ୍ୟକୁ ଯେ ନାଶି
ସୃଷ୍ଟି କରେ ନିଜ ବାସ ।
ଗିରି ଉପବନ, ସବୁଜ କାନନ
ଉଜାଡ଼ଇ ନିଜ ପାଇଁ
ହଜିଲାଣି ଏହି ଧରଣୀ ପୃଷ୍ଠରୁ
ପାଲଟୁଛି ମରୁଭୂଇଁ ।
ଯନ୍ତ୍ରପାତି ଯୋଗୁଁ ପରିବେଶକୁ ସେ
କରି ଚାଲେ ନଷ୍ଟ ଭ୍ରଷ୍ଟ ।
ଜାଣେ ନାହିଁ କିବା ସବୁ ଜାଣି ଶୁଣି
କରିବାକୁ କେତେ କଷ୍ଟ ।
ଆହେ ବିଜ୍ଞ ଜନେ ହୁଅ ସଚେତନ
ଏହି ସବୁଜ ବନାନୀ ।
ଆମ ପାଇଁ ଅଟେ ଅମୁଲ୍ୟ ସମ୍ପଦ
ରକ୍ଷାକର ଏହାଜାଣି । ।

✦✦✦

# ଏକତା



ଏଲିନା ସାହୁ
ଶ୍ରେଣୀ- ନବମ,ବିଭାଗ- ଧ୍ରୁବ ।

**ଆ**ମେ ସବୁ ଅଟୁ ଏଇ ଦୁନିଆର
ଦରଫୁଟା ଫୁଲ କଢି,
ସମୟ ସାଥିରେ ତାଳ ଦେଇ ଆମେ
ଆଗକୁ ଚାଲିବୁ ମାଡ଼ି ।
ନାଚିବୁ, ଗାଇବୁ, ପଢ଼ିବୁ, ଖେଳିବୁ
ଯେତେବେଳେ ଯେଉଁ କାମ,
ଏକାଗ୍ରତା ରଖି ସବୁ କାମକଲେ
ସଫଳ ହେବଟି ନାମ ।
ଆମ ପରମ୍ପରା ଆମର ସଂସ୍କୃତି
ଆମରି ଐତିହ୍ୟ କଳା,
ଜୀବନ୍ତ ରଖିବୁ ଆଦର୍ଶ ବା□ିବୁ
ସାହା ପ୍ରଭୁ ଚକାଡ଼ୋଳା ।
ନିଜ ପର ଭେଦ, ନିଜର ବଡ଼ିମା
ମନରୁ ଦେବା ହଟାଇ,
ଏକତା ବଳରେ ସବୁରି ମନରେ
ହସକୁ ଦେବା ଫୁଟାଇ ।
ସାଧନାର ସିଦ୍ଧି ମଣ୍ଡପ ଗଢ଼ିବା
ଅମୃତ ସନ୍ତାନ ଆମେ,
ଆକାଶେ ଉଡ଼ିବା ଜଳରେ ବୁଡ଼ିବା
ଦେଶ ଯଶ ସନମାନେ ।

✦✦✦

# ବରଷା ରାଣୀ

ସାଇନା ମହାନ୍ତି
ଶ୍ରେଣୀ ନବମ, ବିଭାଗ- ପ୍ରହ୍ଲାଦ

ବରଷା ରାଣୀ ଓଢ଼ଣୀ ଟାଣି
ଆସିଲା ଏ ଧରା ପୃଷ୍ଠେ,
ବେଙ୍ଗୁଲି ନାନୀ ଚାହେଁ କଣେଇ
ହସ ଫୁଟଇଲା ଓଠେ ।
ହସେ କୃଷକ ଦେଖି ତା କ୍ଷେତ
ଫୁଲି ଉଠେ ତା' ମନ
କେତେ ସପନ କେତେ ଭାବନା
ବରଷାକୁ କହେ ଧନ୍ୟ ।
ନଇ ପୋଖରୀ ବୁଡ଼ି ଗଲାଣି
ବରଷାର ଜଳ ଧାରେ
ପିଠା ପଣାରେ ଘର ଭାସେରେ
କଇଁ ମୁଣ୍ଡ ଟୁଙ୍ଗାରେ ।
ଚିତାଲାଗି ଆଉ ବୁଧେଇ ଓଷା
ସାଙ୍ଗକୁ ଗଣେଶ ପୂଜା,
ପିଲାମାନଙ୍କ ନୂଆ ପୋଷାକ
ଭୋଗ ଲାଗେ ଲଡ୍ଡୁ ଗଜା ।
ଖୁଦୁରୁକୁଣୀ ଫୁଲେ ଛାଉଣୀ
ହୋଇଛି ମଙ୍ଗଳା ମାଆ
ଭାଇଙ୍କ ପାଇଁ ମନ୍ଦିରେ ଯାଇ
ମାଗଇ ମନରେ ଯାହା ।
ରାକ୍ଷୀ ଆଜିରେ ସାକ୍ଷୀ ରହେରେ
ଭାଇ ଭଉଣୀଙ୍କ ପାଇଁ
ସ୍ନେହ ମମତା ଡ଼ୋରିରେ ବନ୍ଧା
ଏ ସାରା ଜଗତ ଭୂଇଁ ।
ନାଚେ ମୟୂର ମେଲାଇ ପର
ସତେକି ପାଇଛି କିସେ
ଇନ୍ଦ୍ରଧନୁ ର ସାତ ରଙ୍ଗରେ
ପୂରୁବ ଆକାଶ ହସେ ।
ବରଷା ଆସି ଯାଉଛି ଫେରି
ସଭିଙ୍କୁ ଦେଇ ଖୁସି,
ବରଷେ ପରେ ଆସିବ ପୁଣି
ଧରଣୀ ଉଠିବ ହସି ।

---

## ପିଲାଙ୍କ ପହଲି

୧. ଦେହ ମାଉଁସିଆ ନାକୁଆ ଭାଇ
ଖୋଜିଲେ ପାଇବ ତୋଟାକୁ ଯାଇ ।
ଉ□ର: ଆମ୍ବ

୨. ଆଖି ଢ଼େଗା ଢ଼େଗା ମୁହଁରେ ଦାଢ଼ି,
ମେଁ ମେଁ ଡ଼ାକି କରଇ ରଡି ।
ଉ□ର : ଛେଳି

୩. କହ ଭାଇ କିଏ କହିବ, କିଏ କହିଥିଲା
ଏଗାଲେ ବସିଲେ ସେଗାଲ ଦେଖେଇ ସହିବ ।
ଉ□ର : ଗାନ୍ଧିଜୀ

୪. ଏତେ ବଡ଼ ନାକ ଅଗରେ ଟିପ,
ବିଶାଳ ଶରୀର ପିଠିଟା ଢ଼ିପ ।
ଉ□ର : ହାତୀ

୫. ଉପର ସବୁଜ ଭିତର ନାଲି
ଗୋଲ ମୋଟଲ ଭାଇ,
ଖରାଦିନ ସାଥୀ ତୁମରି ପରି
ଆଉ କେ ଅଛି ନାହିଁ?
ଉ□ର : ତରଭୁଜ

ପ୍ରିୟଙ୍କା ପ୍ରିୟଦର୍ଶୀନୀ ପ୍ରଧାନ
ଶ୍ରେଣୀ - ୮ମ, ଏକଲବ୍ୟ



# ଶୀତ ଋତୁ

**ମୋନାଲିସା ପଣ୍ଡା**
ଶ୍ରେଣୀ-ନବମ, ବିଭାଗ- ଧ୍ରୁବ

**ଶୀ**ତ ଋତୁ ଅଟେ ପ□ମ ଋତୁ,
ବୁଢ଼ା ମାନଙ୍କ ପାଇଁ ସହିବା ଏହା ଅତ୍ୟନ୍ତ କଟୁ
ଗ୍ରୀଷ୍ମଋତୁ, ବର୍ଷା ଠାରୁ ଏ ଅନନ୍ୟ,
ସଙ୍ଗେ ନେଇ ଆସେ କେତେ ପରବ ନୂତନ ।
କରିଥାଏ କେତେ ଉପକାର ଅପକାର,
ତା ମଧ୍ୟେ ଉପକାର ବହୁ ରକମର ।
କା□କ, ମାର୍ଗଶିର, ପୌଷ ଓ ମାଘ,
ଲୋକେ କୁହନ୍ତି ଦେଖ,
ଧରଣୀ ପୃଷ୍ଠେ ପ୍ରବେଶିଲା ଋତୁରାଜ ।
ଧବଳ ହିମପଡ଼ି ଧରଣୀ ପରେ
ପ୍ରକୃତି ଶୋଭାପାଏ ସ୍ନାନ ସରୋବରେ ।
ପୃଥିବୀ ଦିଶେ ଏହି ଋତୁରେ ଅତି ମନୋହର
ଶସ୍ୟ, ଶ୍ୟାମଳା ଏ ପୃଥିବୀ ଅତ୍ୟନ୍ତ ସୁନ୍ଦର ।
ସବୁଜ ଶୀତ ବସନ ପିନ୍ଧେ ଏ ପୃଥିବୀ
ପୃଥିବୀ କୁହେ ମୁଁ ଜୀବ ମନ ହରିବି
ଶୀତଋତେ ସୂର୍ଯ୍ୟୋଦୟ ବିଳମ୍ବିତ
ସ୍ନାନ ମଗ୍ନ ତପସ୍ୱୀ ସମ ପ୍ରତିଭାତ ।
ନାନା ରଙ୍ଗର ଗେଣ୍ଡୁଫୁଲ ବାଡ଼ି ବଗିଚାରେ
ହସୁଥାଏ ସକାଳର ଧୀର ସମୀର ପରଶରେ ।
ନୃତ୍ୟରତା ଫୁଲ ମାନଙ୍କର ଦର୍ଶନରେ
ଆନନ୍ଦ ଜାତ ହୁଏ ମୋର ମନ ମନ୍ଦିରରେ ।

✦✦✦

# ପଠାଣି ସାମନ୍ତ

**ଜୟଶ୍ରୀ ପ୍ରଧାନ**
ଅଷ୍ଟମ, ଏକଲବ୍ୟ

**ବା**ଉଁଶର ନଳୀ ତିନିଖଣ୍ଡ ଧରି
ଡ଼ାକିଲେ ଆସ ହେ ଦେଖ,
ଦୂରରୁ ମାପୁଛି ପାହାଡ଼ ଉଚ୍ଚତା
ପରଖିବ ସତମିଛ ।
ବିସ୍ମୟେ ଚହିଁଲେ ଇଂରେଜ ସାହେବ
ମିଳେଇଲେ ନଥିପତ୍ର,
ସରକାରଙ୍କର ରିପୋର୍ଟ ସହିତ
ସମାନ ହୋଇଲା ସେତ ।
ପ୍ରଶଂସି କହିଲେ ଧନ୍ୟହେ ବିଜ୍ଞାନୀ
ଅଗାଧ ତୁମର ଜ୍ଞାନ,
ତୁମ ଲାଗି ଏଇ ଅଜଣା ଉତ୍କଳ
ଲଭିଲା ଅଶେଷ ମାନ ।
ଜ୍ୟୋତିର୍ବିଜ୍ଞାନର ମହାନ ତାରକା
"ସିଦ୍ଧାନ୍ତ ଦର୍ପଣ" ପାଇଁ,
ଜଗନ୍ନାଥ ଭକ୍ତ ପଠାଣି ସାମନ୍ତ
ରହିଛ ଅମର ହୋଇ ।

✦✦✦



# ଫାଇଲିନ ପରେ

ସୁଶ୍ରୀ ଅଙ୍କିତା ପଣ୍ଡା
ଅଷ୍ଟମ ଶ୍ରେଣୀ, ଏକଲବ୍ୟ

ପ୍ରବଳ ବରଷା ପ୍ରଖର ପବନ
ଉଜାଡ଼ି ଦେଇ ଗଲା ଲକ୍ଷ ଲକ୍ଷ ଜୀବନ
ଅନ୍ଧାରରେ କଟେ ଆମ ଜୀବନ
ଲୋକେ ଭୁଲିଗଲେ ଏବର୍ଷର ପାର୍ବଣ ।
ରାସ୍ତାଘାଟ କଥା କହିବା କ'ଣ
ଗଛ ଡ଼ାଳ ପଡ଼ି ଦିଶେ ସେ ବଣ ।
ଖାଲ ଖମାରେ ଭ□ ହୋଇଛି ପାଣି
ରଡ଼ିକରି ଡ଼ାକେ ବେଙ୍ଗୁଲି ରାଣୀ ।
ଖାଇବା ପିଇବା ଭୁଲିଲେ ଲୋକେ
ଗରିବଙ୍କ ଦିନ କଟୁଛି ଭୋକେ ।
ମାଟିରେ ମିଶିଲା ଖାଦ୍ୟ ଦରବ
ବନ୍ୟା ଆମଠାରୁ କ'ଣ ନେବ ?
ଫସଲ ଯାଇଛି ମାଟିରେ ମିଶି
ଘରିଆଡ଼ ପାଣି ଯାଉଛି ଦିଶି ।
ରିଲିଫ୍ ଲୁଟିଲେ ଏକାଠି ହୋଇ
ପୋଲିସ ଧରିବ କାହାକୁ ଯାଇ ।
ମତ୍ସ୍ୟଜୀବୀଙ୍କର କୂଳ ବେଉଷା
ନଦୀ ସମୁଦ୍ରକୁ କରି ଭରସା ।
କେମିତି କଟିବ ଆଗାମି ଦିନ
ଭାବିଦେଲେ ଉଡ଼ି ଯାଉଛି ହଂସା ।
ପଲିଥିନି ତଳେ ନେଇ ଆଶ୍ରୟ
ରନ୍ଧା ଖାଦ୍ୟ ପାଇଁ କରିଛୁ ଆଶା
ବାତ୍ୟାପରେ ବନ୍ୟା ଅସିଛି ମାଡ଼ି
ଜଳାର୍ଣ୍ଣବ କରି ସଭିଙ୍କ ବସା ।
ଦଇବ ଦଉଡ଼ି ମଣିଷ ଗାଇ
ବ□ଯିବା ପାଇଁ ସେଇ ଭରସା
'ଫାଇଲିନ୍ ପରେ ଲୋକଙ୍କ ପ୍ରାଣ,
ରହିଗଲା, ହେଲେ ଗଲା ବେଉସା । ।

# ଶିଶୁ ବିଦ୍ୟା ମନ୍ଦିର

ଶୁଭ୍ରାଂଶୁ ଶେଖର ବେହେରା
ଶ୍ରେଣୀ- ନବମ, ପ୍ରହ୍ଲାଦ

କେଉଁ ଜନମେ କେତେ ପୁଣ୍ୟ କରିଥିଲି
ଶିଶୁ ବିଦ୍ୟା ମନ୍ଦିର ପରି ବିଦ୍ୟାଳୟ ପାଇଲି ।
ସେଠାରେ ହୁଏ ନିତି ବିଦ୍ୟାର ଆରଧନା,
ବିରାଜିଛି ତହିଁ ଶାନ୍ତି, ପ୍ରେମ, ସଦ୍‌ଭାବନା
ସବୁରି ମଧ୍ୟରେ ଶ୍ରେଷ୍ଠ ବିଦ୍ୟାଳୟ ଇଏ,
ଏହା ସମତୁଲ ଜଗତରେ ନହୋଇବ କିଏ ।
ଆଚାର୍ଯ୍ୟ ଆଚାର୍ଯ୍ୟା କରନ୍ତି ବିଦ୍ୟାଦାନ
ଧନ୍ୟ ତାଙ୍କ ସମର୍ପଣ ଧନ୍ୟ ତାଙ୍କ ଜ୍ଞାନ ।
ଏଠାକାର ଶିକ୍ଷା ମାନର ନାହିଁତ ତୁଳନା,
ସଦାବେଳେ ଏଠି ହୁଏ ଜ୍ଞାନର ସାଧନା ।
ସଭିଙ୍କ ହୃଦୟ ଏଠି ଗଙ୍ଗାଠୁ ପବିତ୍ର
ଉ□ମ ସଂସ୍କାର ମିଳେ, ନୁହଁଇ ବିଚିତ୍ର ।
ସ୍ନେହ, ପ୍ରେମ, ଶଦ୍ଧା ଆଉ ଭାତୃଭାବ ନେଇ
କର୍ମପଥେ ସଭିଏଁ ଯାଆନ୍ତି ଆଗେଇ ।
ବିଦ୍ୟାର୍ଥୀଙ୍କ ପାଇଁ ଏହା ଅଟେ ତୀର୍ଥସ୍ଥାନ,
ଅଧ୍ୟୟନ କରି ଏଠି, ମୋ ଜୀବନ ହେଲା ଧନ୍ୟ ।



# କବି ଗଙ୍ଗାଧର

ବିଭୂଷିତା ପଣ୍ଡା
ଶ୍ରେଣୀ- ଅଷ୍ଟମ, ଏକଲବ୍ୟ

ବରପାଲିରେ ଜନମ ତାଙ୍କର
ବରପାଲିରେ ଘର,
କଲମ ଧରି ଦୁନିଆର କଥା
ଲେଖିଥିଲେ କେତେ ବାର ।
ଶ୍ରାବଣ ପୂର୍ଣ୍ଣିମାରେ ଜନମ ତାଙ୍କର
ଚୈତ୍ର ଅମାବାସ୍ୟାର ମରଣ,
ଲେଖିବା ଆଗରୁ ମା'ସମଲାଇଙ୍କୁ
କରୁଥିଲେ ଥରେ ସ୍ମରଣ ।।
ତାଙ୍କ ଗୀତରେ ସୁମଧୁର ମହକ
ହୋଇଥାଏ ସବୁଠି ପ୍ରସାର,
ସେଥିପାଇଁ ଏହି ଦୁନିଆର
ହୋଇଗଲେ ସେ ଅମର ।।
ତପସ୍ୱିନୀ, କୀଚକ ବଧ, ଇନ୍ଦୁମତୀ ଆଦି
କେତେ ଲେଖିଛନ୍ତି କେତେ ବହି,
ଚଢ଼େଇ, ବଣ, ପାହାଡ଼, ନଦୀ
ସମସ୍ତଙ୍କ କଥା ଦେଇଛନ୍ତି କହି ।।
ପଢ଼ିଲେ ତାଙ୍କର ବହିର ଗୀତ
କେତେ ସୁନ୍ଦର ଲାଗଇ ସତେ,
ଯଦି ପଢ଼ିନାହଁ, ପଢ଼ିନିଅ ତାକୁ
ଥିବା ଯାଏଁ ଏହି ମରତେ ।।
କବିମାନଙ୍କର ମଉଡ଼ମଣି
"ସ୍ୱଭାବ କବି" ସେ ଉତ୍କଳର,
ଭୁଲିଆ ଘରେ ଜନମ ତାଙ୍କର
ନାମଟି ଗଙ୍ଗାଧର ମେହେର ।।

✦✦✦



# ପାଠ ଡ଼ର

ଲିପ୍‌ସା ନାୟକ
ଅଷ୍ଟମ ଶ୍ରେଣୀ, ପ୍ରହ୍ଲାଦ

ପାଠ ପଢ଼ାରେ ମୁଁ ନପାରେ ଜାଣି
କିପରି ଟପିବି ଅଷ୍ଟମ ଶ୍ରେଣୀ ।
ଗଣିତ ପାଠକୁ ଦୂରୁ ଜୁହାର,
ଇଂରାଜୀ ପାଠକୁ ମାଡୁଛି ଡ଼ର ।
ସାହିତ୍ୟ ବେଳକୁ ମୁଣ୍ଡ ବଥାଏ
ମିଛକଥା କହି ପଦାକୁ ଧାଏଁ ।
ବିଜ୍ଞାନ ପାଠରେ ବିଚିତ୍ର ବୁଦ୍ଧି,
ଆବାକାବା ଲାଗେ ସତେ ମୁଁ ଗଧୀ
ସଂସ୍କୃତ ପାଠକୁ ପାରୁନି ଘୋଷି,
ଅଣା ବଣା ହୁଏ ଦିବସ ନିଶି ।
ସାମାଜିକ ବହି ପାଠକୁ ଦେଖି
ଦେହଟା ମୋର ଯାଉଛି ଶୁଖି ।
ସାଧାରଣ ଜ୍ଞାନ ମନେ ରହୁନି ମୋର
ଦିନ ରାତି ଘୋଷି ନମିଳେ ତର ।
ହିନ୍ଦି ପାଠଟା ଯେ କାହୁଁ ଅଇଲା
ବୁଦ୍ଧିବଳ ସବୁ ଉଡେଇ ଗଲା
ଚିତ୍ରାଙ୍କନରୁ ପ୍ରଭୁ ନିସ୍ତାର କର,
ଶ୍ରେଣୀ ଗୃହରେ ଏଇ ଭାବନା ମୋର ।

✦✦✦



ସୌମ୍ୟପ୍ରିୟଦର୍ଶୀ ପ୍ରଧାନ
ତୃତୀୟ ଶ୍ରେଣୀ, ଏକଲବ୍ୟ

# ଆକାଶ ଦେଶେ

ଆଶୁତୋଷ ସାହୁ
ଶ୍ରେଣୀ - ଅଷ୍ଟମ

ଆକାଶ ଦେଶେ ତାରକା ହସେ
ଆସଇ ଯେତେ ରାତି
ଯୋଛନା ତାଳେ ପୁନେଇଁ ଜହ୍ନ
ସୁନ୍ଦର ଦିଶେ ଅତି । (୧)
ଆକାଶ ଦିଶୁ ସୁରୁଜ ତାଳେ
ତାତି ଆଲୁଅ ନିତି
ମାଆ କୋଳକୁ ବାହୁଡ଼େ ପୁଣି
ଆସଇ ଯେବେ ରାତି । (୨)
ବରଷା କାଳେ ଆକାଶ କୋଳେ
ଭାସେ ବଉଦ ଆସି
ବରଷି ବାରି ହସାଏ ଧରା
ସବୁଜ ପରକାଶି । (୩)
ଆକାଶେ ବିଜୁଳି ଧାସେ
ଚମକି ଉଠେ ମହୀ
କଳା ମେଘକୁ ବିଜୁଳି ଶୋଭା
ନୁହଁଇ କେବେ ସହି । (୪)
ଶରତ କାଳେ ବଉଦ ମାଳେ
ଆକାଶେ ଯାଏ ଲୁଚି
ଚି□ ହରଷେ ଶୋଭା ବିଭବ
ତା କାଳେ ଯେତେ ଅଛି । (୫)
ଆକାଶ ପରି ସହନ ଶୀଳ
ନାହାନ୍ତି କେହି ତିଳେ
ସହିଚି ବ୍ୟଥା କାହାକୁ ଗାଳି
ଦେଇନି କେଉଁ କାଳେ । (୬)
ଆକାଶ ଦେଶେ ବଗ ବଗୁଲୀ
ଯାଆନ୍ତି ପର ଝାଡ଼ି
କହନ୍ତି ହୁଅ ଆକାଶ ପରି
କୁକର୍ମ ପିଛା ଛାଡ଼ି । (୭)







# ଚିନୁ ଭାବେ ବସି ବସି

ଦେବସ୍ମିତା ମହାପାତ୍ର
ଅଷ୍ଟମ ଶ୍ରେଣୀ, ଧ୍ରୁବ

ସରି ସରି ବର୍ଷାଋତୁ ଆସିଲାଣି
ଭସାଇନି ଡ଼ଙ୍ଗାଥରେ,
ଝୁରୁ ଝରୁ ବର୍ଷା, ମାଆ ମହିଦିଏ
ବସି ରହିବାକୁ ଘରେ ।
ଝିପି ଝିପି ବର୍ଷା ଓଦା କରୁ ପଛେ
ମାଆ ଦେଉ ଯେତେ ଗାଳି
ଭସାଇବି ଆଜି କାଗଜ ଡ଼ଙ୍ଗାକୁ
ରୁନୁ, ଝୁନୁ ସହ ମିଳି ।
ମାଡ଼, ଗାଳି ଦେଇ
ମାଆ ଖାଲି କହେ
ଖାଇକି ପଢ଼ିବା ପାଇଁ
ବର୍ଷାରେ ତିନ୍ତିଲେ ଥଣ୍ଡା,
ଜ୍ୱର, କାଶ
କରିଦେବ ଧଇଁସଇଁ ।
ସବୁଠାରୁ ଭଲ ଜେଜେ ବାପା ଆମ
ଜମାରୁ ରାଗନ୍ତି ନାହିଁ
କେତେ ଗପ, ଗୀତ କୁହନ୍ତି ଆମକୁ
ହସି ହସାଇବା ପାଇଁ ।
କହିବି ଜେଜେଙ୍କୁ ଡ଼ଙ୍ଗା କରିବାକୁ
କେଉଁଠୁ କାଗଜ ଚିରି,
ହଲି ହଲି ଡ଼ଙ୍ଗା ଭାସି ଯାଉଥିବ
ହସୁଥିବ କିରି କିରି ।



# କିଏ ହସେ କିଏ ଝୁରେ

ସଂଜ୍ଞାଶ୍ରୀ ରାୟ
ଶ୍ରେଣୀ- ୮ମ (ଏକଲବ୍ୟ)

**ଦୀ**ନ କୁଟୀରରେ ଦୁଃଖିନୀ ଜନନୀ
କୋଳେ ଧରି ସନ୍ତାନ,
ଅବିରଳ ଅଶ୍ରୁ ବହିଯାଏ ନେତ୍ରୁ
ଅତି ବିକଳ ତା'ମନ ।
ଦୀନାହୀନା ସେହି ଦାନା କନା ନାହିଁ
ଛାର ମୁଲିଆଣୀ ସେ ତ,
କି ଦେଇ କିପରି ବ□ାଇବ ଶିଶୁ
ଡାକେ ଲୁହ ଅବିରତ ।
ଅଜ୍ଞାନ ଶିଶୁ ସେ ନିଶ୍ଚିତ ଚି□ରେ
ମାଆ କୋଳେ ହସୁଥାଏ,
ଜନମଦାତ୍ରୀର ବୁକୁ ଉଷ୍ମତାରେ
ଦୁନିଆକୁ ଭୁଲିଯାଏ ।
ପ୍ରାସାଦ ମଧ୍ୟରେ ଧନିକ ଘରର
ଅବୋଧ ଶିଶୁ ସନ୍ତାନ
ବାତ୍ସଲ୍ୟ ମମତା ନ ପାଇ ତାହାର
ଝୁରି ହେଉଥାଏ ମନ ।
ଜନମ କାଳରୁ ଲାଳିତ ପାଳିତ
ପରିଚାରିକାର କୋଳେ,
ପରିଚାରିକାର ଶ୍ରମ ପାଉଣାଟି
ମାସ ଶେଷେ ତାକୁ ମିଳେ ।
ଅନେକ ଜନନୀ ନିଜ ସୁଖ ପାଇଁ
ସ୍ୱାସ୍ଥ୍ୟହାନୀ ହେବା ଡ଼ରେ,
ଜନମ ଦେଇଣ ସନ୍ତାନକୁ ସେତ
ଦୂରେଇ ଦିଅନ୍ତି ଧୀରେ ।
ଧନଧାନ୍ୟେ ଭରା ଗର୍ବେ ଆତ୍ମହରା
ବଡ଼ପଣ ଦେଖାଅନ୍ତି,
କୋମଳ ଶିଶୁର ପ୍ରାଣରେ ଆଘାତ
କେତେ ଲାଗେ, ନ ବୁଝନ୍ତି ।
ମାଆର ଆଦର ତା'ର ମିଠା କଥା
ମମତାର ମଧୁ ଝର ।
କାହାକୁ ହସାଏ, କିଏ ଝୁରି ହୁଏ
ନାହିଁ ତା'ର ପଟାନ୍ତର ।



# ବନମହୋତ୍ସବ

ଶୁଭସ୍ମିତା ପରିଜା
ଶ୍ରେଣୀ-ସପ୍ତମ, ଏକଲବ୍ୟ

**ପା**ଦପରାଜି, ପ୍ରାଣୀ ଜୀବନ
ମହାର୍ଘ ଅମ୍ଳଜାନ କରେ ପ୍ରଦାନ
ତେଣୁ ସର୍ବେକର ବୃକ୍ଷ ରୋପଣ
ସୁରକ୍ଷା ହେବ ପରିବେଶ ଜାଣ ।
ବୃକ୍ଷ ସିନା ଅଟେ ଆମରି ସାର
ବୃକ୍ଷ ନରହିଲେ ସବୁ ବେକାର
ବାରିଦ ସୃଷ୍ଟିରେ କରି ସାହାଯ୍ୟ
ଧରଣୀକୁ ଦିଏ ନବ ସୌନ୍ଦର୍ଯ୍ୟ ।
ଗହନ ବନର କରିବ ଯେ ରକ୍ଷା,
ବିପଦକାଳେ ସେ ଦେବ ସୁରକ୍ଷା
ମୂଳରେ ମାଟିକୁ ସେ ଜାବୁଡ଼ି ଥାଏ,
ଅକାରଣେ ମାଟି ଧୋଇନଯାଏ ।
ବୃକ୍ଷପରି ଆଉ କିଏ ହେବରେ
ଡାଳିଲା ପବନ ଶୀତଳ କରେ ।
ପଶୁ, ପକ୍ଷୀ କେତେ କରେ ପାଳନ
ଫଳ, ଫୁଲ ହରେ ସଭିଙ୍କ ମନ
ପ୍ରକୃତି ରାଣୀର ସେ ସହଚରୀ
ମନ ପ୍ରାଣେ ଦିଏ ସରସ ଭରି
ମିଳି ମିଶି ଲଗାଇବା ନାନା ଜାତି ଗଛ
ପାଳିବା ବନମହୋତ୍ସବ କରି ସବୁ ପଛ
ବୃକ୍ଷ ଏକା ସାହା ଦେବ
ପରିବେଶ ରକ୍ଷା ହେବ
ହସିବ ଧରଣୀ ରାଣୀ
ମଳୟ ଖେଳିବ,
ତେଣୁ ବନମହୋତ୍ସବ ଭିଆଣ
ସରକାରଙ୍କର ମହତ କାମ ।

# ଫାଇଲିନର ତାଣ୍ଡବ ଲିଳା

**ସ୍ମୃତି ପ୍ରଜ୍ଞା ବେହେରା**
ଶ୍ରେଣୀ-୭ମ (ଏକଲବ୍ୟ)

**ଦେ**ଖରେ ଦେଖରେ ଓଡ଼ିଶା ସନ୍ତାନ
ପ୍ରକୃତି ତାଣ୍ଡବ ଲୀଳା
ଘୋର ଗରଜନ କରୁଅଛି ସିନ୍ଧୁ
ପଡ଼ିଲା ଦୁର୍ଦ୍ଦିନ ବେଳା ।
କରିଦେଲା ଧ୍ୱଂସ ଦ୍ରୁମ ମହାଦ୍ରୁମ
ଅହଂକାର କରି ମନେ,
ଏଥର ପ୍ରକୃତି କୋପାନଳେ ତୁମେ
ହୋଇଯିବ ଭସ୍ମ ଜାଣେ ।
ଦେଖ ଦେଖ ଏହି ବଙ୍ଗୋପସାଗର
ବଢ଼ାଉଛି ତାର କାୟା
ଲକ୍ଷ ଲକ୍ଷ ପ୍ରାଣୀ ଗଲେଣିତ ଭାସି
ନାହିଁ ଲବେ ତାର ଦୟା ।
ଆପଣା ଜିହ୍ୱା ଛେଦି ଦେଲା ପରେ
ପଛକୁ ଆଉକି ଥାଏ,
ଫାଇଲିନ୍ ଗ୍ରାସିଲା, ନାଶିଲା ପରାଣ
ମନେ ରହିବ ବ□ିବା ଯାଏଁ ।

# ମୋର ଗାଁ

**ଶାଶ୍ୱତୀ ସୁଶ୍ରୀତା ସାହୁ**
**ସପ୍ତମ ଶ୍ରେଣୀ (ପ୍ରହଲ୍ଲାଦ)**

**ସ**ହରଠୁଁ ଦୂର, ନିଜଠୁଁ ନିଜର
ମୋର ସେଇ ଛୋଟ ଗାଁଟି ।
କେତେ ମନୋରମ ତା' ପରିବେଶ
କେତେ ସୁନ୍ଦର ତା' ନାଟି ।
ଝରଣା, ଜଙ୍ଗଲ, ପାହାଡ଼, ଘେରା
ସକାଳ ସୂରୁଜ କଅଁଳ ଖରା
ଅଗଣା ମଝିରେ ତୁଳସୀ ଚଉଁରା
ବୁଢ଼ୀମା ଖୋଲେ ତା' ଗପ ପସରା ।
ପଦ୍ମ ପୋଖରୀ, ଧାନ କିଆରି
ଧୀର ମଳୟ ବାଆ,
ଗାଁ ମୁଣ୍ଡର ଗ୍ରାମ ଦେବତୀ,
ହୁଅନ୍ତି ଆମ ସାହା
ଜୀବନ ଜଞ୍ଜାଳେ ଯେଉଁଠି ଥିଲେ ବି
ଭୁଲିବିନି ତାର ନାଁଟି
ଛୋଟ ମୋର ସେଇ ଗାଁଟି ।।

# ପିତାମାତା

**ସୌମ୍ୟ ରଞ୍ଜନ ସାହୁ**
**ଶ୍ରେଣୀ- ୬ଷ୍ଠ (ଧ୍ରୁବ)**

ପିତାମାତା ଅଟନ୍ତି ପରମଗୁରୁ ଆମର
ତାଙ୍କ ଛଡ଼ା ନୁହନ୍ତି କିଏ କାହାର ।
ସେ ଆମ ପାଇଁ ସରଗଠୁଁ ମହୀୟାନ,
ତାଙ୍କ ପାଇଁ ହେବା ଆମେ ସଦା ତେଜୀୟାନ ।
ପିତା ମାତା ସହିଛନ୍ତି କେତେ ଦୁଃଖ ଆମ ପାଇଁ
ଆମେ ରହିବା ସର୍ବଦା ତାଙ୍କର ହୋଇ ।
ସେ ଆମ ପାଇଁ ଦେଖନ୍ତି କେତେ ସପନ



ତାଙ୍କ ପାଇଁ ଆମେ ପ୍ରାଣ, ଜୀବନ
ତାଙ୍କ ପାଇଁ ଆମେ ଦୁଇ ନୟନ ।
ସେ ସର୍ବଦା ଅଟନ୍ତି ଆମ ପାଇଁ ଠାକୁର,
ତେଣୁ ଆମେ ପୂଜାରୀ ତାଙ୍କର ।
ତାଙ୍କ ସପନକୁ ଗଢ଼ି ତୋଳିବା,
ଦୁନିଆରେ ଦିନେ ଆମେ ବଡ଼ ମଣିଷ ହେବା ।
ସେ ପୃଥିବୀଠୁଁ ଅଟନ୍ତି ବଡ଼
ଆମ ପାଇଁ ସହନ୍ତି କେତେ ଝଡ଼,
ହୁଏ ଆମର ଜ୍ଞାନୋଦୟ
ଥିଲେ ତାଙ୍କର ଆଶୀର୍ବାଦ କରୁଣାମୟ ।



# ନିବେଦନ ଜଗନ୍ନାଥଙ୍କୁ

**ଶ୍ରଦ୍ଧାଞ୍ଜଳୀ ବେହେରା**
ଶ୍ରେଣୀ- ଷଷ୍ଠ (ଏକଲବ୍ୟ)

**ସ**ତ୍ୟଯୁଗରେ ବିଷ୍ଣୁ ଅବତାରେ
ବଧିଲ ବହୁତ ଦୈତ୍ୟ,
ପାପ ଭାର ଯେବେ ହରିଲ ମର୍ତ୍ତ୍ୟରୁ
ଭଜିଲେ ତୁମକୁ ନିତ୍ୟ । (୧)
ତ୍ରେତୟା ଯୁଗରେ ରାମ ଅବତାରେ
ନାଶିଲ ଲଙ୍କା ରାବଣ,
ଦ୍ୱାପର ଯୁଗରେ କୃଷ୍ଣ ଅବତାରେ
ବଧିଲ କଂସ ରାଜନ । (୨)
ଦଶ ଅବତାରେ ଏମହୀ ମଣ୍ଡଳେ
ଧର୍ମର କଲ ସ୍ଥାପନ,
ଏ କଳି ଯୁଗରେ ଦାରୁ ଅବତାରେ
ବସିଛ ଚକା ନୟନ । (୩)
ଯୁଗେ ଯୁଗେ ତୁମେ ଯଶ ରଖିଅଛ
ଧରଣୀରେ ତନୁ ବହି,
ତୁମ ବିନୁ ଆନ ନ ଲଭେ ଦର୍ଶନ
ତୁମକୁ ଲୋଡୁଛି ମୁହିଁ । (୪)
ଏକଳି ଯୁଗରେ ମ୍ଳେଛ ସଂହାରରେ
ରହିଛି ତୁମରି ଦାନ,
କଲ୍‌କୀ ଅବତାର ନିଅ ପ୍ରଭୁ ଶୀଘ୍ର
ପାପୀଙ୍କୁ କର ନିଧନ । (୫)
ଭକତ ଉଦ୍ଧାର କର ଚକ୍ରଧର,
ଆଜି ଏଇ କଳିକାଳେ,
ପାପ ଅନୀତିକୁ ନାଶକର ପ୍ରଭୁ
ଶରଣ ତୋ ପାଦ ତଳେ ।(୬)





# ଚଳନ୍ତି ଠାକୁର

**ପ୍ରଲିପ୍ତା ସାହୁ**
**ଶ୍ରେଣୀ- ଷଷ୍ଠ, ବିଭାଗ (ଧ୍ରୁବ)**

**ଅ**ଧାଗଢ଼ା କରି
ନିଜକୁ ନିଜେ ଗଢ଼ିଲ,
କାଞ୍ଚି ଯାତ୍ରା କରି ରାଜାଙ୍କୁ
ତୁମେ ବିଜୟୀ କଲ ।
ଏକୋଇଶା, ବିଭା ବ୍ରତରେ
ଆଗେ ତୁମର ସ୍ଥାନ,
ହିନ୍ଦୁ ମାନଙ୍କର ଆରାଧ୍ୟ
ପ୍ରଭୁ ତୁମେ ମହାନ ।
ପିଠା, ପଣା, ପୁରି, ଖେଚୁଡ଼ି
ଅତିପ୍ରିୟ ତୁମରି,
ଘୋଡ଼ି ହୋଇ ରୁହ ମନ୍ଦିରେ
ଜାଡ଼ ଓ ଶୀତକୁ ଡ଼ରି ।
ଗରମ ଦିନରେ ତୁମର
ହୁଏ ଚନ୍ଦନ ଯାତ,
ନରେନ୍ଦ୍ରେ ସ୍ନାହାନ ବେଳରେ
ହୁଏ ଚନ୍ଦନ ଚାପ ।
ଭାଇ ଭଉଣୀଙ୍କ ସାଙ୍ଗେ
ଯାଅ ମାଉସୀ ଘର,
ଭକତ ନିଅନ୍ତି ରଥରେ
ହୋଇ ଭାବ ବିହ୍ୱଳ ।
ଜ୍ୱର ହୁଏ ପୁଣି ତୁମକୁ
ତୁମେ ଖାଅ ମୋଦକ ।
ବାରମାସେ ତେର ଯାତରା
ପୁଣି ବେଶ ଅନେକ ।
ଏକତାର ତୁମେ ପ୍ରତୀକ
ପ୍ରଭୁ ଜଗତନାଥ,
ଚଳନ୍ତି ଠକୁର ଭାବରେ
ଘରେ ଘରେ ପୂଜିତ ।





# ପୂଜ୍ୟ ଗୁରୁ

**ନିବେଦିତା ଆଘାରୀ**

ଶ୍ରେଣୀ ଷଷ୍ଠ- (ଧ୍ରୁବ)

**ପ**ରମ ପୂଜ୍ୟ ସେ ଗୁରୁ ଆମରି,
ଦିଅନ୍ତି ସୁବାଣୀ ଶ୍ରଦ୍ଧା ସବୁରି ।
ଜ୍ଞାନ ବିନା ଶିଶୁର ଜୀବନ ଅସପୂର୍ଣ୍ଣ,
ଜ୍ଞାନର ବିକାଶେ ବଦଳିଯାଏ ଦେଶର ବର୍ଣ୍ଣ ।
ଗୁରୁ ଅଜ୍ଞାନକୁ ଦୂର କରନ୍ତି,
ନୂଆ ଜୀବନକୁ ଗଢ଼ି ଦିଅନ୍ତି ।
ଅବୋଧ, ଅଜ୍ଞାନକୁ ଦିଅନ୍ତି ନୂଆରୂପ,
ଗଢ଼ି ସେ ପାରନ୍ତି ଇଶ୍ୱରଙ୍କ ସ୍ୱରୂପ ।
ବିଦ୍ୟାକୁ କରନ୍ତି ସେ ବିସ୍ତାର,
ଭରି ଦିଅନ୍ତି ପ୍ରତି ହୃଦୟରେ ଜ୍ଞାନ ଭଣ୍ଡାର ।
ଥାଏ କେତେ ଯେ ତାଙ୍କ ଆଶା,
ଶିଷ୍ୟ ମାନେ ହୋଇବେ ତାଙ୍କ ଭରସା ।
ନିଆରା ଏକ କଳା ଅଛି ତାଙ୍କର,
ପୂଜିବା ତାଙ୍କୁ ଦେଇ ଫୁଲର ହାର ।

✦ ✦ ✦

# ଛୋଟ ବଡ଼

**ସାଇ ସଞ୍ଜୀବନୀ ବରିଶାଲ୍**

ଶ୍ରେଣୀ- ଷଷ୍ଠ ବିଭାଗ- ଧ୍ରୁବ

**ଆ**କାଶ ବଡ଼ ତାହାରି କୋଳେ,   ସୁରୁଜ ଚନ୍ଦ୍ର ଛୋଟ ।
ପୃଥିବୀ ବଡ଼ ଆମରି ପାଇଁ   ତା କୋଳେ ଆମେ ଛୋଟ ।
ଗାଈ ତ ବଡ଼ ବାଛୁରୀ ପାଖେ   ମାଆ ବଡ଼ ଶିଶୁ ପାଇଁ ।
ପିଲାଏ ଛୋଟ ଯୁବକ ବଡ଼   ସତ କଥାଟି ଏହି ।
କଳାପଟା ଟି ବଡ଼ ଦେଖରେ   ତୁମରି ଖାତା ଠାରୁ ।
ହାତୀର ଚିତ୍ର ତୁମ ବହିରେ   ଛୋଟ ତ ହାତୀ ଠାରୁ ।
ବଡ଼ ଛୋଟ ଜାଣିବା ପାଇଁ,   କର ଆଗେ ଅନୁମାନ,
ସଂଦେହ ହେଲେ କରିବ ତୁମେ   ନିଶ୍ଚୟ ପରୀକ୍ଷଣ ।

✦ ✦ ✦



# ମାଆ

**ମୃତୁଞ୍ଜୟ ସାହୁ**

ଶ୍ରେଣୀ- ଷଷ୍ଠ (ଧ୍ରୁବ)

**ମା**ଆ, ମୋ ମାଆ, ସେଇ ମା
ଯାହା କୋଳରେ ମୁଁ ଜନମ ନେଲି
ଯାହା ପଣତରେ ଖେଳିଲି ଦୋଳି,
ସେହି ସ୍ନେହମୟୀ ମାଆ- ମୋ ମାଆ ।
ଯାହା ପାଖରୁ ମୁଁ ଅଝଟ ହେଲି
ଯାହାଠୁ ପ୍ରଥମ ଶିକ୍ଷା ପାଇଲି
ସିଏ ମୋ ପ୍ରଥମ, ସିଏ ମୋର ଚିର
ଶରଧାର ପେଢ଼ି ଆହା- ମୋ ମାଆ ।।
ଯାହାର ରକତେ ଗଢ଼ାଏ ଜୀବନ
ଯା’ ଚରଣ ଧୂଳି ମୋ ପାଇଁ ଚନ୍ଦନ,
ଯାହାର ପୂଜା ଦେବତାଠୁ ଆଗ
ମୋ ସଫଳତାରେ ଯେ ସାହା - ମୋ ମାଆ ।

✦ ✦ ✦

# ରିନା ଓ ମିଆଉଁ

**ଶକ୍ତି ସୌରଭ ପଟ୍ଟନାୟକ**

ଶ୍ରେଣୀ- ଷଷ୍ଠ, ବିଭାଗ- ଧ୍ରୁବ



**ରୀ**ନା ଗୋଟିଏ ଛୋଟ ପିଲା,
ମିଆଉଁକୁ ସିଏ ମାରିଲା ଢ଼େଲା,
ମିଆଉଁ ପଶିଲା ଠାକୁର ଘରେ
ରାନୀ ଧରିନେଲା ବ୍ୟାଟଟା ଧିରେ ।
ଛକି ଛକି ସିଏ ଦେଲା ପାହାରେ
କେମିତି ମଜା କହନି ଥରେ ?
ମିଆଉଁ ଚମ୍ପଟ ଝରକା ବାଟେ
ଚକ୍‌ଲେଟ ଡ଼ବା ଭୂଇଁରେ ଲୋଟେ ।
ବ୍ୟାଟ ଫିଙ୍ଗି ରାନୀ ବହୁତ ଖୁସି,
ଚକ୍‌ଲେଟ ଡ଼ବା ଦେଲା ଆଉଁସି ।
ଆଉ ପିଟିବିନି ମିଆଉଁ ତୋତେ
ଡ଼ାକିବି ଏଣିକି ଶୁଣ ସଙ୍ଗାତେ ।

✦ ✦ ✦



# ସୁବାଷ ବୋଷ

ସ୍ନେହା ପୂଜା ପଣ୍ଡା
ଶ୍ରେଣୀ- ପ□ମ (ପ୍ରହଲ୍ଲାଦ)

ସିଏ କହିଥିଲେ "ଆଗେଇଚାଲ,
ଆଗେଇ ଚାଲରେ ଦିଲ୍ଲୀଚଲୋ" ।
ଜନ୍ମଭୂମି ପାଇଁ ରକତ ଢ଼ାଳ
ସ୍ୱାଧୀନତା ପାଇଁ ନକର ମୂଲ ।
ଭାରତ ମାତାର ଯୋଗ୍ୟ ସନ୍ତାନ
ସୁବାଷ ବୋଷ ତାଙ୍କରି ନାମ ।
ଦେଶ ପାଇଁ କଲେ ଜୀବନ ପଣ
ସୁଖ ଛାଡ଼ି କଲେ ଦୁଃଖ ବରଣ ।
ଜନମ ତାଙ୍କର ଏଇ ଭୂଇଁରେ
କଟକ ସହର ଏବେବି ଝୁରେ ।
କଟକର ପାଣି ପବନେ ବଢ଼ି
ଦୁର ରାଇଜକୁ ଗଲେ ସେ ଉଡ଼ି ।
ରୁଷିଆ, ଜର୍ମାନୀ, ଜାପାନ ଗଲେ
ଆପଣା ଦେଶର ଦୁଃଖ କହିଲେ ।
କେତେ ଯେ ବିପଦ ଗଲେ ସେ ସହି
ଭାରତ ମାତାର ମୁକତି ପାଇଁ ।

✦✦✦



# ଦୁଷ୍ଟ ଶିଷ୍ଟ

ମିହିର ରଞ୍ଜନ ଜେନା
ଶ୍ରେଣୀ-୫ମ (ଧ୍ରୁବ)

ମୁଁ ଗୋଟିଏ ଦୁଷ୍ଟ ପିଲା
ଠାପୁଆଙ୍କର ଗୁରୁ,
ଗୁଣ୍ଡୁଚି ମୂଷା ନେଉଳ ଦେଖି
ଗୋଡ଼ାଏ ତାଙ୍କୁ ଦୂରୁ ।
ପାଣିରେ ବୁଡ଼େ କଇଁଚ ପରି
ଗୋଳିଆ କରେ ପାଣି
ଶରଧା କେହି କରନ୍ତି ନାହିଁ
ଗୁଣ ମୋହର ଜାଣି ।
ମୁଁ ଗୋଟିଏ ଶିଷ୍ଟ ପିଲା
ବଚନ ମୋର ଧୀର,
ପାଣିରେ ବେଶି ବୁଡ଼ଇ ନାହିଁ
କରେନି କଳିଗୋଳ ।
ଦୁଷ୍ଟ ଶିଷ୍ଟ ଯୋଡ଼ିଏ ଭାଇ
ଦୁଷ୍ଟ ଭୋଗେ ଦୁଃଖ
ଶିଷ୍ଟ ପାଏ ପୂଜା ଆଦର
ଜୀବନ ମହା ସୁଖ ।

✦✦✦





## ମୋ ମାଆ

**ସଂହିତା ପ୍ରିୟଦର୍ଶିନି ସାହୁ**
ଶ୍ରେଣୀ- ପ□ମ, ବିଭାଗ- ଧ୍ରୁବ

କାଲିମୁଁ ଚାଲୁଥିଲି ପଡ଼ିଗଲି ପଥରେ
ଖୋଜି ଦେଖିଲି ମୁଁ କେହି ନାହିଁ ପାଖରେ ।
ଦୂରେରୁହିଁ ଦେଖିଲି ସେ ଧାଇଁ ଆସୁଥିଲା ।
କୋଳେଇ ନେଇ ସିଏ ଗେଲ ମତେ କରିଲା ।
ପଣତରେ ତାର ଲୁହ ମୋ ପୋଛି ଦେଲା,
ଭୋକକୁ ମୋ ବୁଝିଲା, ଶୋଷକୁ ମୋ ବୁଝିଲା ।
ପାଖରେ ବସାଇ ମୋତେ ଖୁଆଇତ ଦେଲା
ପାଠ ପଢ଼ା ସମୟରେ ଶିକ୍ଷକ ମୋ ସାଜିଲା ।
ମନମାରି ବସିଥିଲେ ମୋ ସାଙ୍ଗେ ଖେଳିଲା
ଶୋଇଲା ବେଳେ ବି ମୋତେ ଗପଟିଏ କହିଲା ।
ଭାରି ଭଲଲାଗେ ମୋତେ ସେ
ପାଖେ ଥିଲେ ମୋର
ମମତା ଢ଼ାଳିଦିଏ ହୃଦୟରୁ ତାହାର ।
ସକାଳ ସଞ୍ଜ ପ୍ରାର୍ଥନାରେ ମୋ ପାଇଁ ଡ଼ାକେ ସିଏ ।
ଠାକୁରଙ୍କୁ..........

## ବେଙ୍ଗ ରାଜାର ବାହାଘର

**ଦେବାଶିଷ ବେହେରା**
୪ର୍ଥ ଶ୍ରେଣୀ, ଏକଲବ୍ୟ



ଅକଲ ମକଲ ଟକଲ ଟିଆଁ
ବେଙ୍ଗମାନେ ଆଜି ମାରିବେ ଡ଼ିଆଁ ।
ବାହାହେବେ ଆଜି ବେଙ୍ଗଙ୍କ ରାଜା,
ବାହାଘର ବେଳେ ହୋଇବ ମଜା ।
ଅପେକ୍ଷା କରିଛି ବେଙ୍ଗୁଲୀ ରାଣୀ
ସାରୁଗଛ ମୂଳେ ସମୟ ଗଣି ।
କେତେ ପୋକ ଜୋକ ହୋଇବେ ଠୁଳ
ପୋକଙ୍କର ଏବେ ପୂରିଲା କାଳ ।
ବେଙ୍ଗମାନେ ବରଯାତିରୀ ହେବେ
ସଙ୍ଗୀତ ତାଳରେ ନାଚ କରିବେ ।
ବ୍ରାହ୍ମଣୀ ବେଙ୍ଗ ଯେ ବଜାଇ ଡ଼ି.ଜେ
ସାରୁ ପତ୍ର ପରେ ହୋଇବ ବିଜେ ।
ଶେଉଳ କରିବ କନିଆଁ ଦାନ,
ବର ପିତା ହେବ ରୋହୀ ରାଜନ ।
ଆସ ପିଲେ ବେଙ୍ଗ ରାଇଜ ଯିବା,
କେତେ ନାଚ, କେତେ ମଜା କରିବା ।

## ବରଷା ଆସିଛି

**ଦେବସ୍ମିତା ପ୍ରିୟଦର୍ଶନୀ**
**ଶ୍ରେଣୀ- ଚତୁର୍ଥ,ଏକଲବ୍ୟ**

ନିଦାଘର ଶେଷେ ବରଷା ଆସିଛି
ସଭିଙ୍କ ଆନନ୍ଦ ମନ ।
ପଶୁ ପକ୍ଷୀ ଠାରୁ ତରୁ ଲତା ଯାଏ
ପାଇଲେ ନୂଆ ଜୀବନ ।
ଆତପ ସନ୍ତାପେ ହେଉଥିଲେ ସିନା,
ସନ୍ତାପିତ ସର୍ବପ୍ରାଣୀ,



ବରଷା ରାଣୀକୁ ଦେଖିଣ ଉଠିଲେ
ହୋଇ କର୍ମରେ ଅଗ୍ରଣୀ ।
କୃଷି କର୍ମ ପାଇଁ କୃଷକ ଚଳିଲେ
ନିଜ ନିଜ କ୍ଷେତ ଆଡ଼େ
ହଳ ବଳଦକୁ ଯୋଡ଼ିଣ ହଳୁଆ
ଗୀତର ଲହରୀ ଛାଡ଼େ ।
ବକ୍ଷରୁ ରକତ ନିଗାଡ଼ି ଫସଲ
ଫଳାଇବା ତା'ର ଧର୍ମ
ଜଗତ ଗୋଟିକୁ ଆହାର ଯୋଗାଇ
କରିବ ମହତ କର୍ମ ।

# ପ୍ରଥମାଷ୍ଟମୀ

ବର୍ଷା ନାୟକ
ଶ୍ରେଣୀ- ଏକଲବ୍ୟ

ହଳଦୀ ପତରେ ଏଣ୍ଡୁରୀ ପିଠା
ମହ ମହ ହୋଇ ବାସୁଛି,
ସକାଳୁ ସକାଳୁ ମାମାଲି ଗାଧୋଇ
ଦେଖ ସଜବାଜ ହେଉଛି ।
ମାମୁ ଆଣିଛନ୍ତି କାଲିଠାରୁ ପୁଣି
ତା' ପାଇଁ ନୂଆ ପୋଷାକ,
ରାତି ପାହିଲେ ସେ କେମିତି ପିନ୍ଧିବ
ହେଉଥିଲା ସକସକ ।
ଦାଦା ଆଣିଛନ୍ତି ଚୁଡ଼ି ଓ ଟିକିଲି
ସଜବାଜ ହେବା ଦରବ,
ତାକୁ ପିନ୍ଧି ଦେଇ ମାମାଲି ଆମର
ସାଇ ସାରା ବୁଲିଯିବ ।
ପ୍ରଥମାଷ୍ଟମୀ ତିଥି ପରା ଆଜି
ପୋଢୁଆଁ ହୋଇବେ ବଡ଼ ।
ମାମୁ ଘର ନୂଆ ପୋଷାକେ ମଣ୍ଡିବେ
ଆମ ପରମ୍ପରା ଦୃଢ଼ ।
ବଡ଼ମାନଙ୍କୁଟି ସମ୍ମାନ କରିବା
ଆମରି ସଂସ୍କୃତି କୁହେ,
ମାମୁ ମାଇଁଙ୍କର ଖୋଜା ଏହି ଦିନେ
ଉପହାର ଦେବେ ସ୍ନେହେ ।
ଲୋନି କୁହେ ମା' ମୋ ପାଇଁ କିଆଁ
କିଛି ତ ଆସିଲା ନାହିଁ,
ବୁଝାଇଲେ ମା' ବୁଝିନାହୁଁ କି ତୁ
ବଡ଼ ଯେ ଅଟଇ ସେହି ।
ବଡ଼ମାନେ ଘର ସମସ୍ୟା ବୁଝିବେ
ହାଲୁକା କରିବେ ବୋଝ,
ସେଥିପାଇଁ ତାଙ୍କୁ ସମ୍ମାନ ଦେଉଛେ
ଏହିକଥା ତୁହି ବୁଝ ।

# ସହର ଯିବି ନାହିଁ

ବୈଶାଳିନୀ ମଲ୍ଲିକ୍
ଶ୍ରେଣୀ- ଚତୁର୍ଥ,ଏକଲବ୍ୟ

ପୁଷି ବିଲେଇ ମୁହଁ ଫୁଲେଇ ସପନ ଦେଖେ ବସି,
ଗାଁକୁ ଛାଡ଼ି ସହର ଯିବ ହୋଇଲା ମନେ ଖୁସି ।(୧)
ସକାଳେ ଉଠି ଗାଡ଼ିରେ ବସି ସହର ଗଲା ସିଏ
ଲୋକ ଗହଳି ଦୋକାନ ଧାଡ଼ି ବୁଲି ସେ ଦେଖୁଥାଏ ।(୨)
ଭାବିଲା ମନେ ଖାଇବ ବୋଲି ରସଗୋଲାରୁ ଗୋଟେ
ମିଠା ଦୋକାନେ ପଶିଲା ପୁଷି ପଛ ଦରଜା ପଟେ । (୩)
ଛପି ଛପିକା ରସଗୋଲାରୁ ଆଣିଲା ଗୋଟେ ଟାଣି
କେଉଁଠିଥିଲା ଦୋକାନୀ ଟୋକା ପାରିଲା ସିଏ ଜାଣି । (୪)
କଡ଼ାରୁ ନେଇ ତତଲା ତେଲ ପୁଷିକୁ ଦେଲା ଛାଟି,
ଦେହଟା ସାରା ପୋଡ଼ିଯିବାରୁ ହେଲା ସେ ଛାଟି ପିଟି ।(୫)
ପାଖରେ ଥିବା କୋଠା ଘରକୁ ବିକଳେ ଧାଇଁ ଗଲା
ଘର ଭିତରେ ଥିଲା କୁକୁର କାମୁଡ଼ି ଗୋଡ଼େଇଲା ।(୬)
ସପନ ତାର ଭାଙ୍ଗିତ ଗଲା ହୋଇଲା ଧଇ ସଇଁ,
ଗାଁ ତ ମୋର ସବୁଠୁ ଭଲ ସହର ଯିବି ନାହିଁ ।(୭)



# ମାଟି ଘର

ସୁପ୍ରିୟା ସମର୍ଥା
ଶ୍ରେଣୀ- ଚତୁର୍ଥ,ଏକଲବ୍ୟ

ଝାଟି ମାଟି କାନ୍ଥ ନଡ଼ାରେ ଛପର
ମାଟିଘର ଦିଶେ ମୋର ଭାରି ସଫାସୁତର ।
ବୋଉ ଲିପେ ଗୋବରରେ,
ଭାରି ଭଲ ଦିଶଇ
ଇଚ୍ଛାହୁଏ ଖାଇବାକୁ ଭାତ ତଳେ କୁଡ଼ାଇ ।
ମାଣ ବସା ଗୁରୁବାରେ କେତେ ଚିତା ପଡ଼ଇ
ମା'ପୁଣୀରେ ଦେଖାଯାଏ ସତେ କୁନି କଣ୍ଢେଇ ।
ଗଛ ଲତା ହସୁଥାଏ ମୋ ଘରକୁ ରୁଣ୍ଡାଇ
ଶୀତଳ ଛାଇରେ ତା'ର ସୁଖେ ନିଦ ଆସଇ ।
ଯେଉଁଠି ବା ଥାଏ ମୁହିଁ ଯାଏ ଅବା ଦୂରକୁ
ଭୂଲି ନାହିଁ ଭୁଲିବିନି ଛୋଟିଆ ମୋ ଘରକୁ ।



# ଖରା, ବରଷା, ଶୀତ



**ଶୁଭସ୍ମିତା ମିଶ୍ର**
ଶ୍ରେଣୀ- ତୃତୀୟ, ଧ୍ରୁବ

ଖରା, ବରଷା, ଶୀତ
ସଭିଏଁ ଆମର ମିତ
ଧରାକୁ ପରା ଆସନ୍ତି ସିଏ,
ସାଧିବା ପାଇଁ ହିତ ।
ଖରାରେ ସିନା ତାତଇ ଧରା
ଶୁଖଇ ନଈ, ନାଳ
ସେଇ ଖରାତ ଜଳକୁ ଶୋଷି
ସରଜେ ମେଘମାଳ ।
ମଉସୁମୀର ଶୀତଳ ବାଆ
ଦେହରେ ଗଲେ ବାଜି
ବରଷାଧାରା ଅଜାଡ଼ି ପଡ଼େ
ସପନ ତାର ଭାଜି ।
ନୁଖୁରା ଭୂଇଁ କଅଁଳେ ପୁଣି
ଉଲୁସି ଉଠେ ଚି□,
ନଈନାଳରେ ବହଇ ପାଣି
ଗାଇ ମଧୂର ଗୀତ ।
କଳିଜା ଥରେ କାଲୁଆ ଶୀତେ
ଲାଗଇ ସିନା ଡ଼ର
କନ୍ଥା, ରେଜେଇ ହୁଅଇ ଲୋଡ଼ା
ନୋହିଲେ ଉଠେ ଥର ।
ବାଡ଼ି ବଗିଚ଼ ଯୁଆଡ଼େ ଚ଼ହାଁ
ଜାତି ଜାତି କା ଶାଗ,
ଛନଛନିଆ ପନିପରିବା
ଖାଇବ ପାଇଁ ବାଗ ।
ବିଲରୁ ଶୁଭେ ଚ଼ଷୀ ଭାଇର
ଫସଲ କଟା ଗୀତ,
ଖରା, ବରଷା, ଶୀତ ସମୟ
ସଭିଏଁ ଆମର ମିତ ।

+++

# ବୋଉ

**ଆଦିତ୍ୟ କୁମାର ଶତପଥୀ**
ଶ୍ରେଣୀ- ତୃତୀୟ, କକ୍ଷ- ଧ୍ରୁବ

ବୋଉ ଡ଼ାକଟି କେତେ ମଧୁର, ଲାଗଇ କେତେ ଭଲ ।
ବୋଉତ ଆମ ଅତି ନିଜର, ନୁହେଁ କେ ତା'ର ତୁଲ ।
ଅଝଟ ହେଲେ କୋଳେଇ ନିଏ, ବୁଝାଏ ଗୀତ ଗାଇ ।
ଅଳି ଅର୍ଦ୍ଦଳି ପୂରଣ କରେ, ଦୁଃଖ କଷଣ ସହି ।
ରୋଗେ ପଡ଼ିଲେ ଶୁଏନା ରାତି, ସେବାରେ ଲାଗିଥାଏ ।
ମୁହଁରୁ ତା'ର କଥା ନୁହେଁ ତ, ମଧୁ ବରଷୁ ଥାଏ ।
ଆମ ମୁଁହରେ ହସ ଫୁଟିଲେ, ମନ ତା ଯାଏ ପୂରି ।
ସତରେ ଦେଖି କହିଲ ଭଲା, କେ ହେବ ବୋଉ ପରି ?

+++

# ସୁଷମା ସୁନ୍ଦରୀ

**ବିଭୁକିଶୋର ନାୟକ**
ଶ୍ରେଣୀ- ତୃତୀୟ, ପ୍ରହଲ୍ଲାଦ

ଆକାଶେ ସପନ ସୁନ୍ଦରୀ କନ୍ୟା,
ଛୁଟାଇ ଯାଉଛି ରୂପର ବନ୍ୟା ।
ଜୋଛନା ଦୋଳିରେ ଝୁଲିଝୁଲି,
ରୂପର ଗରବେ ଫୁଲି ଫୁଲି ।
ହିଂସା କରି ମଲେ ତାରକା ମାନେ,
ଲୁଚି ଛପି ଗଲେ ନିଜ ଭୁବନେ ।
ହସରୁ ତା' ଝରେ ରଜତ ଝରା
ଅମୃତ ସମାନ ଅଟଇ ପରା ।
ସେ ହସକୁ ପିଇ ଧରଣୀ ରାଣୀ,
ଶୋଭାର ପସରା ମେଲି ଦେଲାଣି ।
ଆଖିରେ ଯେ ଲେପି ଦେଲା ଅଞ୍ଜନ,
ସୁଷମା ସୁନ୍ଦରୀ ନାମ ତା' ଜାଣ ।

+++

# ବଡ଼ ଦେବତା

**ସୂର୍ଯ୍ୟକାନ୍ତୀ ମିଶ୍ର**
ତୃତୀୟ ଶ୍ରେଣୀ (ଧ୍ରୁବ)

**ଦେ**ଖିଛକି ଭାଇ କେଉଁ ଦେଶେ କାହିଁ
ଦେଉଳରେ ଦିଅଁ କୁହନ୍ତି କଥା,
ପାରନ୍ତିକି ଦେଇ ଆଶା ହୁଏ ଯହିଁ
ଗପଟିଏ ଅବା ସୁନ୍ଦର କଥା ?
ଝୁ□ ପଡ଼ିଲେକି ନେଇଥାନ୍ତି ତୋଳି
ହାତଧରି ପୁଣି ନିଜର କୋଳ ।
ଝରିପଡ଼େ କିବା ହିତ ଉପଦେଶ
ଝରିପଡ଼େ କିବା ଅଖିରୁ ଜଳ ?
ଅଝଟ ହେଲେକି କୋଳେଇ ନିଅନ୍ତି
ବୁଝିଥାନ୍ତି କିବା ମନର ବ୍ୟଥା ?
ପାରିବକି କହି ମୋ ଭାଇ ଭଉଣୀ
କେଉଁ ମନ୍ଦିରର କେଉଁ ଦେବତା ?
ମାଆ ପାଇଁ ନୂଆ ଦୁନିଆ ଦେଖିଲି
ବାପା ହାତ ଧରି ଶିଖିଲି ଚାଲି ?
ଆସୁ ଯେତେ ଝଡ଼ ଝଞ୍ଜା ଜୀବନରେ
ବ□ଥିବା ଯାଏଁ ନଯିବି ଭୁଲି ।
ମାତା ପିତା ମୋର ବଡ଼ ଦେବତାଏ
ସରଗ ପୁରୀରେ ନାହିଁ ରେ ନାହିଁ ?
ତାଙ୍କ ପାଦତଳେ କରୁଚି ଶପଥ
ତାଙ୍କ ଟେକ ପାଇଁ ରହିବି ଜୀଇଁ ।

+++





# ଗୁରୁ ବ୍ରହ୍ମା

**ହରିଶଙ୍କର ଆଚାରୀ**
ଦ୍ୱିତୀୟ ଶ୍ରେଣୀ (ଧର୍ମପଦ)

**ଗୁ**ରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁ ହିଁ ଈଶ୍ୱର,
ଗୁରୁ ପରା ବିଦ୍ୟାଦାତା କରୁଣା ସାଗର ।
ଗୁରୁ ହିଁ ତ ମିତ୍ର, ପଥ ପ୍ରଦର୍ଶକ
ଛାତ୍ରୀ ଛାତ୍ର ଗୁରୁଙ୍କର ପ୍ରାଣଠୁଁ ଅଧିକ ।
ଗୁରୁ ହିଁ ଈଶ୍ୱର ନୁହେଁ ସାଧାରଣ ନର
ଗୁରୁଙ୍କର ପ୍ରତିବାକ୍ୟ ବେଦର ଯେ ଗାର ।
ଗୁରୁପରା ଦେବତା ହେ ବିଦ୍ୟାଳୟ ମନ୍ଦିର
ଗୁରୁ ଶିଷ୍ୟ ସମ୍ପର୍କ ତ ଯୁଗ ଯୁଗାନ୍ତର ।
ଗୁରୁ ଭକ୍ତି ମାନି ଯିଏ ସବୁକାମ କରେ
ସେହି ଛାତ୍ର ଜୀବନରେ କେବେ ବି ନ ହାରେ ।

# ମା'ଆ

**ହଂସିକା ପ୍ରିୟଦର୍ଶିନୀ ସାହୁ**
ଶେଣୀ- ତୃତୀୟ, ଧର୍ମପଦ

**ଯା**ହାର କୋଳରେ ଜନମ ଲଭି
ହୋଇଛି ଆଜି ଏତେ
ସେପରା ଅଟେ ମୋଅରି ମାଆ
ଆଶିଷ ତାର ଲୋଡ଼େ । (୧)
ଅଝଟ ହେଲେ ଦିଅଇ ମୋତେ
କେତେ ଯେ ମାଡ ଗାଳି
ଗାଳି ନୁହେଁସେ ସେନେହ ତା'ର
ଦିଏ ମୋଠାରେ ଢ଼ାଳି । (୨)
ଆହୁରି ଅଛି ଜନନୀ ଏକ
ମାତୃଭୂମି ସେ ମୋର
ଦରକାର ହେଲେ ଶହୀଦ୍ ହୋଇ
ରଖିବି ନାମ ତା'ର (୩)
ମା'ର ନାମ ବଡ଼ ମଧୁର
ଭୁଲେନା କେବେ କେହି
ଦେଖିଲେ ତା'ର ହସିଲା ମୁହଁ
ପାରେ ନା ଦୁଃଖ ରହି । (୪)
ଜନନୀ ଆଉ ଜନମ ଭୂମି
ହେବନି କେବେ ପର
ସେ ଦୁହେଁ ମୋର ସାହା ଭରସା
ତାଙ୍କ ପାଦେ ମୋ ଜୁହାର । (୫)

+++

# ସମର୍ପଣ

**ଶର୍ମିଷ୍ଠାସ୍ୱୟଂପର୍ଣ୍ଣା ପଣ୍ଡା**
ଦ୍ୱିତୀୟ ଶ୍ରେଣୀ (ପ୍ରହଲ୍ଲାଦ)

**ଟି**କି ଫୁଲଟିଏ ନକଲ ନାହିଁହେ
ଦୀପ ଶିଖାଟିଏ କର,
ନିଜେ ଜଳି ଦେବି ଆଲୋକ ତୁମକୁ
ସେଥିରେ ଆନନ୍ଦ ମୋର ।
ଟିକି ତାରା ପଛେ ନହେଲେ ମୁଁ ନାହିଁ
ବଡ଼ ଦାଣ୍ଡ ଧୂଳି ହେବି,
ଦିନରାତି ତୁମ ଭଜନ କୀ□ନ
ଶୁଣି ଶୁଣି ନିସ୍ତରିବି ।
ମୋ'ର ବୋଲି କିଛି ନାହିଁ ମହାବାହୁ
ସବୁତ ତୁମରି ଦାନ
କୁହ କେଉଁ ମତେ ତବ ଦାନ ନେଇ
ଅରଜିବି ମହାପୁଣ୍ୟ ।
କି ଦେଇ ପୂଜିବି ତୁମକୁ ଠାକୁରେ
ତୁମେତ ଜଗତ ନାଥ,
ତୁମେ ଗତି ମୁକ୍ତି ତୁମେ ମୋ' ଶକତି
ତୁମେ ମୋ'ର ତାତମାତ ।





# ଆମଚାନ୍ଦବାଲି

**ଓମ ରାଜ ବେହେରା**
ପ୍ରଥମ ଶ୍ରେଣୀ (ଏକଲବ୍ୟ)

**ଉ**ତ୍କଳ ଭୂବନେ ଚାନ୍ଦବାଲି ଧାମ
ବିଶ୍ୱ ମାନଚିତ୍ର ଲେଖାଅଛି ନାମ
କଳ କଳ ନାଦେ ବହେ ବୈତରଣୀ
ଭେଳା ଭେଳା ହୋଇ ଭାସଇ ତରଣୀ ।
ବୈତରଣୀ ବକ୍ଷେ ଚଳାଇ ବୋଇତ
ଚାନ୍ଦବାଲି ଠାରେ ହୋଇ ଉପଗତ,
ଓଡ଼ିଆ ସାଧବ ବେପାର ବଣିଜେ
ଯାଉଥିଲା ବାଲି ସୁମାତ୍ରାର ଦ୍ୱିପେ ।
ଜଳ ପଥେ ଲୋକେ ଯାଉଥିଲେ ଧାଇଁ
ଦରଶନ ଆସେ ଆରଡ଼ି ଗୋସାଇଁ,
କୁମ୍ଭୀର ପ୍ରକଳ୍ପ ଦେଖିବାର ଆସେ
ପର୍ଯ୍ୟଟକ ମାନେ ଆସନ୍ତି ହରଷେ ।
ଆକାଶରେ ଚାନ୍ଦ ଧରାଧାମେ ବାଲି
ଥିବ ବୈତରଣୀ, ଥିବ ଚାନ୍ଦବାଲି ।।



# ମନଦେଇ ପାଠ ପଢ଼

**ରିତେଶ କୁମାର ସାମଲ**
ଶ୍ରେଣୀ- ତୃତୀୟ, ପ୍ରହ୍ଲାଦ

**ଦୁ**ଇ କେ ଦୁଇ — ମିଛ କହିବ ନାହିଁ । (୧)
ଦୁଇ ଦୁଗୁଣେ ଋରି — କରିବ ନାହିଁ ଋେରୀ । (୨)
ଦୁଇ ତିରି ଛଅ — ଚକା ମାଡ଼ି ବଅ । (୩)
ଦୁଇ ଚଉ ଆଠ — ମନଦେଇ ପଢ଼ ପାଠ । (୪)
ଦୁଇ ପ□ ଦଶ — ସଦା ରହ ହସ ହସ । (୫)
ଦୁଇ ଷୋ ବାଆର — ବହିରେ ନପକା ଗାଆର ।(୬)
ଦୁଇ ସତା ଚଉଦ — ନ ପା□ କାହାର ମନ୍ଦ । (୭)
ଦୁଇ ଅଷ୍ଟା ଷୋହଳ — ସକାଳୁ ଉଠ ସଅଳ । (୮)
ଦୁଇ ନୂଆ ଅଠର — କାହାକୁ ନହୁଅ କଠୋର ।(୯)
ଦୁଇ ଦଶା କୋଡ଼ିଏ — "ଯୋଗ" କର ଭାଇ ଘଡ଼ିଏ ।(୧୦)



# ଅହଂକାର

**ସୋହନ କୁମାର ପଣ୍ଡା**
(ଆଚାର୍ଯ୍ୟ)

ମନୁଷ୍ୟର ଅହଂକାର ଅଜ୍ଞାନତା ପ୍ରସୂତ । ଆମ ଅଲକ୍ଷରେ ଆମ ଜୀବନକୁ ଅଧିକାର କରି ରହିଥିବା ଅହଂକାରରୁ ମୁକ୍ତ ହେବାକୁ ହେଲେ ଆମେ ନିଜକୁ ଭଗବାନଙ୍କ ନିକଟରେ ହଜେଇ ଦେବାକୁ ହେବ । ନଚେତ୍ ଆମେ ନିଜକୁ ଯେତେ ନିସ୍ୱାର୍ଥପର, ଧର୍ମ, ନ୍ୟାୟ ପରାୟଣ ବୋଲି ଆସ୍ଫାଳନ କରୁଥିଲେ ମଧ୍ୟ ଆପେ ଆପେ ଅହଂକାର ବଶବ□ୀ ହୋଇଯାଇଥିବା ।

ବହୁଦିନ ତଳର କଥା । ସୁବର୍ଣ୍ଣପୁର ନାମକ ଏକ ରାଜ୍ୟରେ ବୀରଭଦ୍ର ନାମକ ଜଣେ ରାଜା ଶାସନ କରୁଥିଲେ । ସ୍ୱଭାବରେ ସେ ଏକାନ୍ତ ନାସ୍ତିକ ହେବା ସହ ତାଙ୍କ ମନରେ ସେ ସ୍ୱୟଂ ଜଣେ ଦାନୀ ବୋଲି ଅହଂକାର ବସା ବାନ୍ଧିଥିଲା । ସେଥିପାଇଁ ସେ ନିଜକୁ ଦାନବୀର ଉପାଧିରେ ମଣ୍ଡିତ କରିଥିଲେ । ପ୍ରତିଦିନ ତାଙ୍କ ପାଖକୁ ଦୁଇ ଜଣ ଭିକାରୀ ଭିକ୍ଷା ମାଗିବାକୁ ଆସୁଥିଲେ । ଜଣେ ଯୁବକ ଓ ଅନ୍ୟ ଜଣେ ବୃଦ୍ଧ । ରାଜା ସେମାନଙ୍କୁ କିଛି ଦାନ କରିବା ପରେ ଯୁବକ ଜଣଙ୍କ ରାଜାଙ୍କର ପ୍ରଶସ୍ତି ଗାନ କରି "ମହାରାଜା ! ଆପଣଙ୍କ ଦୟା ଅସୀମ" ବୋଲି କହିବା ବେଳେ  ବୃଦ୍ଧ ଜଣକ ଆକଶକୁ ଚାହିଁ "ପ୍ରଭୁ !" ଆପଣଙ୍କର ଦୟା ଅସୀମ" ବୋଲି କୁହନ୍ତି ।

ସବୁବେଳେ ବୃଦ୍ଧଙ୍କର ଏହିପରି ଉକ୍ତି ଶୁଣି ରାଜା ଦିନେ ବିରକ୍ତ ହୋଇ ବୃଦ୍ଧ ଭିକାରୀଙ୍କୁ ପଚାରିଲେ, "ତୁମେ ମୋ ଠାରୁ ଭିକ୍ଷା ଗ୍ରହଣ କରୁଥିଲେ ମଧ୍ୟ ମୋର ପ୍ରଶଂସା ନକରି ଭଗବାନଙ୍କର ପ୍ରଶଂସା କ'ଣ ପାଇଁ କରୁଛ ?" ବୃଦ୍ଧ ଭିକାରୀ ବିନମ୍ରଭାବେ ଉ□ର ଦେଲେ, "ମହାଭାଗ ! ଭଗବାନ ଆପଣଙ୍କୁ ଦେବାର ସାମର୍ଥ୍ୟ ନଦେଲେ, ଆପଣ ଇଛା କଲେ ମଧ୍ୟ ଦେଇ ପାରିବେ ନାହିଁ ।" କିନ୍ତୁ ଭଗବାନ ଚାହିଁଲେ ମୁହୂ□କ ମଧ୍ୟରେ ସବୁ ବଦଳାଇ ଦେଇ ପାରିବେ, ମୁଁ ସେଥିପାଇଁ ସବୁଦିନ ଭଗବାନଙ୍କର ଧନ୍ୟବାଦ କରୁଛି ।

ରାଜା ବୃଦ୍ଧ ଭିକାରୀ କଥାରେ ଅପମାନିତ ବୋଧ କଲେ । ସେ କ୍ରୋଧ ଜର୍ଜରିତ ହୋଇ ବୃଦ୍ଧ ଭିକାରୀଙ୍କୁ ଦେଖାଇ ଦେବାପାଇଁ ଚାହିଁଲେ ସେ କିପରି ଯାହା ଚାହିଁବେ ତାହା କରିପାରିବେ । ବିନା ଭଗବାନଙ୍କ ସହାୟତାରେ ସେ କିପରି ଯେ କୌଣସି ବ୍ୟକ୍ତିର ଭାଗ୍ୟ ପରିବ□ନ କରିପାରିବେ । ସେଥିପାଇଁ ସେ ରାଜପ୍ରସାଦରେ ମୁଖ୍ୟ ରୋଷେୟାଙ୍କୁ ଦୁଇଟି ପୋଡପିଠା ପ୍ରସ୍ତୁତ କରିବା ପାଇଁ କହିଲେ । ଗୋଟିଏକୁ ଯଥା ପ୍ରକାରରେ କରିବା ବେଳେ, ଅନ୍ୟଟିରେ ସୁନା, ରୁପା, ମୋତି, ହୀରା ଆଦି ମୂଲ୍ୟବାନ ସମାଗ୍ରୀ ରଖିବା ପାଇଁ କହିଲେ । ଏଥିପାଇଁ ଆବଶ୍ୟକ ସାମଗ୍ରୀ ରୋଷେୟାଙ୍କୁ ପ୍ରଦାନ କଲେ ଓ ପିଠା ଦୁଇଟି ଆସନ୍ତା ଦିନ ପ୍ରସ୍ତୁତ ରଖିବା ପାଇଁ ଆଦେଶ ଦେଲେ । ପରଦିନ ରୋଷେୟା ଦୁଇଟିଯାକ ପୋଡ଼ ପିଠା ଆଣି ରାଜାଙ୍କୁ ପ୍ରଦାନ କଲେ । ସାଧାରଣ ପୋଡ଼ ପିଠା ଓ ମୂଲ୍ୟବାନ ସାମଗ୍ରୀ ଥିବା ପୋଡ଼ ପିଠାକୁ ଚିହ୍ନାଇ ଦେଲେ । ପୋଡ଼ ପିଠା ଦୁଇଟି ଏକାପରି ଦେଖାଯାଉଥାଏ । ଭିକାରୀ ଦୁଇଜଣ ଆସିବା ପରେ ରାଜାଙ୍କ ଆଦେଶରେ ରୋଷେୟା ପ୍ରତ୍ୟେକଙ୍କୁ ଗୋଟିଏ କରି ପୋଡ଼ ପିଠା ପ୍ରଦାନ କଲେ । ସାଧାରଣ ପୋଡ଼ ପିଠାଟିକୁ ବୃଦ୍ଧ ଭିକାରୀକୁ ଦେବାସହ ମଣିମୁକ୍ତା-ଥିବା ପୋଡ଼ ପିଠାଟିକୁ ଯୁବକ ଭିକାରୀଙ୍କୁ ପ୍ରଦାନ କଲେ । ସବୁଦିନ ଭଳି ଯୁବକ ଜଣକ ରାଜାଙ୍କର ଓ ବୃଦ୍ଧ ଜଣଙ୍କ ଭଗବାନଙ୍କର ପ୍ରଶଂସା ଗାନ କରି ସେଠାରୁ ଚାଲିଗଲେ ।

ବଡ଼ ବଡ଼ ପୋଡ଼ ପିଠା ପାଇ ଦୁହେଁ ବହୁତ ଖୁସି ହେଲେ । ଯୁବକ ଜଣକ ତା' ପିଠାଟିକୁ ଚିପି ଦେଖିଲା ତାହା ଭାରି ଟାଣ ଲାଗୁଛି । କିନ୍ତୁ ବୃଦ୍ଧଜଣଙ୍କର ପିଠାଟି ନରମ ଲାଗୁଛି । କହିଲା "ମୋ ପିଠାଟି ନେଇ ମୋତେ ତୁମ ପିଠାଟି ପ୍ରଦାନ କଲେ ମୁଁ ଖୁସୀ ହୁଅନ୍ତି । " ବୃଦ୍ଧ ଭୀଷଣ ଉଦାର ତଥା ଅମାୟିକ ଲୋକ ଥିଲେ । ସେ ସଙ୍ଗେ ସଙ୍ଗେ ରାଜି ହୋଇଗଲେ ଓ ଦୁହେଁ ନିଜ ନିଜ ପିଠା ବଦଳାଇ ଦେଲେ ।

ବୃଦ୍ଧ ଭିକାରୀ ତାଙ୍କ ଘରକୁ ଯାଇ ପିଠାକୁ ଖାଇବା ପାଇଁ ଭାଙ୍ଗିଲା ବେଳେ ଦେଖିଲେ ଖାଲି ସୁନା, ରୁପା, ମଣି, ମୁକ୍ତା, ହୀରା ଆଦି ଭ□ି ହୋଇ ରହିଛି । ଅନ୍ତରରେ

ଭଗବାନଙ୍କୁ କୃତଜ୍ଞତା ଜଣାଇ ସେ ସେହି ଧନରତ୍ନରେ ସୁନ୍ଦର ଘରଦ୍ୱାର ତିଆରି କରି, ଋଷବାସ ଓ ବ୍ୟବସାୟ ଆରମ୍ଭ କରି ସୁଖରେ ରହିଲେ ଓ ରାଜାଙ୍କ ପାଖକୁ ଆଉ ଭିକ୍ଷା କରିବା ପାଇଁ ଗଲେନାହିଁ । କିନ୍ତୁ ଯୁବ ଭିକାରୀଟି ପ୍ରତିଦିନ ଯାଏ । ଯୁବ ଭିକାରୀଟି ପୂର୍ବବତ୍ ଆସୁଥିବା ଓ ବୃଦ୍ଧ ଭିକାରୀଟି ଆସୁନଥିବା ଦେଖି ରାଜା ବୀରଭଦ୍ର ଆଶ୍ଚର୍ଯ୍ୟ ହେଲେ । ସନ୍ଦେହ ମୋଚନ ନିମନ୍ତେ ଯୁବକ ଭିକାରୀଟିକୁ ପଚାରିଲେ, "ସେ ଦିନର ପୋଡ଼ ପିଠାଟି କିପରି ଲାଗିଲା ?" ଯୁବକଟି ଆନନ୍ଦ ଗଦ୍ ଗଦ୍ କଣ୍ଠରେ କହିଲା, "ଭାରି ବଢ଼ିଆ ଲାଗିଲା ।" ଏତେ ସୁସ୍ୱାଦୁ ପିଠା ମୁଁ ଆଗରୁ କେବେ ଖାଇନଥିଲି । ଏହା ଶୁଣି ରାଜାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ରୋଷେୟା ସୁନା ରୁପା ସବୁ ଚୋରେଇ ନେଇଥିବା ସନ୍ଦେହ କରି ତାକୁ ଡକାଇ ପଠାଇଲେ । ମୁଣ୍ଡକାଟର ଭୟ ଦେଖାଇବାରେ ସେ ଡରି ଡରି କହିଲା, "ମହାରାଜ ! ମୁଁ ଭଗବାନଙ୍କ ନାମରେ ଶପଥ ନେଇ କହୁଛି, ମୁଁ ପିଠାରେ ଅଳଙ୍କାର ସବୁ ରଖିଥିଲି । ଭଗବାନଙ୍କ ନାମ ଶୁଣି ରାଜାଙ୍କର ରାଗ ଆହୁରି ବଢ଼ିଗଲା ଓ ସେ କହିଲେ, "ତେବେ ତୁମେ ନିଶ୍ଚୟ ଜାଣି ଜାଣି ଅଳଙ୍କାର ଥିବା ପିଠାଟି ବୃଦ୍ଧ ଜଣଙ୍କୁ ଦେଇ ଦେଇଛ ।" ଏହା ଶୁଣି ରୋଷେୟା ଜଣକ କହିଲା, "ନାଁ ମହାରାଜ, ମୁଁ ମୋ ପରିବାର ନାମରେ ଶପଥ ନେଇ କହୁଛି, ମୁଁ ଯୁବକ ଜଣଙ୍କୁ ହିଁ ଅଳଙ୍କାର ଯୁକ୍ତ ପିଠାଟି ଦେଇଥିଲି ।" ଏସବୁ ଶୁଣି ରାଜା ଏ ସମସ୍ତ କଥାର ରହସ୍ୟ କିଛି ବୁଝି ପାରିଲେ ନାହିଁ । ତଥାପି ସେ ସୈନ୍ୟଙ୍କୁ ଡାକି ରୋଷେୟାକୁ ବନ୍ଦୀ କରିବା ପାଇଁ ଆଦେଶ ଦେବା ସହ ବୃଦ୍ଧ ଜଣଙ୍କୁ ଡକେଇ ପଠେଇଲେ ।

ରାଜାଙ୍କର ଆଦେଶ ପାଇ ବୃଦ୍ଧ ଜଣଙ୍କ ରାଜଦରବାରରେ ଉପସ୍ଥିତ ହେଲେ କିନ୍ତୁ ଭିକାରୀ ବେଶରେ ନୁହେଁ, ଜଣେ ଧନୀ ଭଦ୍ରଲୋକ ବେଶରେ । ରାଜା ତାଙ୍କୁ ପଚାରିଲେ, "ତୁମେ ଏପରି ଧନୀ ହେଲେ କିପରି ?" ବୃଦ୍ଧ ଜଣଙ୍କ ହସି ହସି ହାତ ଯୋଡି କହିଲେ, "ସବୁ ସେହି ଭଗବାନଙ୍କ କୃପାରୁ ।" ଏହା କିପରି ଘଟିଲା ଜାଣିବାକୁ ରାଜା ଅଧୈର୍ଯ୍ୟ ହୋଇପଡିବାରୁ ବୃଦ୍ଧ କହିଲେ, "ମହାରାଜା ! ଆପଣ ସେ ଯୁବକର ଭାଗ୍ୟ ପରିବ□ନ ପାଇଁ ପିଠାରେ ଯେଉଁ ଧନରତ୍ନ ଭରି ଦେଇଥିଲେ, ସେ ପିଠାଟି ସେ ପାଇଥିଲା ସତ କିନ୍ତୁ ଭଗବାନଙ୍କର ଇଛା ଥିଲା ଭିନ୍ନ ପ୍ରକାରର । ସେ ପିଠା ଆପଣ ତା' ପାଇଁ ନିର୍ମାଣ କରିଥିଲେ ମଧ୍ୟ ତା'ର ପ୍ରାପ୍ତେଷୁ ଭାବରେ ଭଗବାନ ମୋର ନାମ ଲେଖିଥିଲେ । ତେଣୁ ସେ'ଦିନ ସେହି ପିଠାଟି ତାକୁ ଟାଣ ଲାଗିବାରୁ ସେ ନିଜ ଇଛାରେ ମୋ ସହ ତାକୁ ବଦଳ କରିଦେଲା । ମୁଁ ସେହି ପିଠାଟିକୁ ନେଇ ଘରେ ଯାଇ ଦେଖିଲି ସେଥିରେ ଧନରତ୍ନ ପୁରି ରହିଛି । ସେହି ଧନରତ୍ନ ମାଧ୍ୟମରେ ମୁଁ କୃଷି ଓ ବ୍ୟବସାୟ କରି ଭଗବାନଙ୍କ ଅସୀମ କରୁଣାରୁ ବେଶ୍ ଭଲରେ ଅଛି ।"

ରାଜା ସବୁ ଶୁଣି ନିଜ ଭୁଲ ବୁଝି ପାରିଲେ । "ଭଗବାନ ସର୍ବଦାତା" ସେ ଏହା ସ୍ୱୀକାର କଲେ । ଦାନବୀର ବୋଲି ଥିବା ଅହଂକାରରୁ ମୁକ୍ତ ହୋଇ ସେ ଭଗବାନଙ୍କ ନିକଟରେ ନିଜକୁ ହଜାଇ ଦେଲେ । ରୋଷେୟାକୁ ମଧ୍ୟ ବନ୍ଦୀଶାଳାରୁ ମୁକ୍ତ କରିଦେଲେ । ଭଗବାନଙ୍କ ପୂର୍ଣ୍ଣ ଭାବ ନେଇ ଜନସାଧାରଣଙ୍କର ନିସ୍ୱାର୍ଥପର ସେବା କରିବାକୁ ଲାଗିଲେ ।





# ବେଳହୁଁ ହେବା ସାବଧାନ

ସୌମ୍ୟରଂଜନ ସାହୁ
୩ୟଏକଲବ୍ୟ

ସହରର ଅନତି ଦୂରରେ ଛୋଟ ଜଙ୍ଗଲଟିଏ । ବଣ, ବୁଦା ଓ ଗହଳିଆ ଲତାରେ ଭରପୂର । ତାରି ଭିତରେ ଅନେକ ଜୀବଜନ୍ତୁ ବାସ କରୁଥାନ୍ତି । ସେମାନଙ୍କ ମଧ୍ୟରେ ଗୋଟିଏ ବିଲୁଆ, ଗୋଟେ ଗଧିଆ ଓ ଗୋଟିଏ ମାଙ୍କଡ ଭାରି ସାଙ୍ଗ ହୋଇ ରହନ୍ତି । ପରସ୍ପରକୁ ସାହାଯ୍ୟ ସହଯୋଗ କରନ୍ତି ।

ଆଜିକାଲିତ ଦେଖୁଛନ୍ତି ସହରମାନଙ୍କରେ ବଡ଼ବଡ଼ କୋଠାଘରମାନ ଗଢ଼ି ଉଠିଲାଣି । ସହରମାନଙ୍କର ପରିସୀମା ମଧ୍ୟ ବୃଦ୍ଧି ଦିନକୁ ଦିନ ପାଉଛି । ସହର ନିକଟବର୍ତ୍ତୀ ଜମି ଜଙ୍ଗଲ ଉପରେ ଗଢି ଉଠୁଛି ବିରାଟ ଅଟ୍ଟାଳିକାମାନ । ଉପର ବର୍ଣ୍ଣିତ ତିନି ସାଙ୍ଗ ମଧ୍ୟରୁ ବିଲୁଆ ଖୁବ୍ ଚତୁର । ମାଙ୍କଡ ମଧ୍ୟ କିଛି କମ୍ ନୁହେଁ । ତାର ନିଜ ଉପରେ ଖୁବ୍ ଭରସା ଅଛି । କିନ୍ତୁ ଗଧିଆଟା ଗୋଟେ ମୋଟା ବୁଦ୍ଧିଆ । ବିପଦ ତା ଉପରକୁ ନଆସିବା ପର୍ଯ୍ୟନ୍ତ ସେ ଅଚିନ୍ତାରେ ବସିଥାଏ ।

ଦିନେ ବିଲୁଆ କେଉଁଠାରୁ ଖବର ପାଇଲା ଯେ, ସେମାନେ ରହୁଥିବା ଜଙ୍ଗଲର ଗଛପତ୍ରସବୁ କଟାହେବ । ସେଠାରେ ସରକାର ଗୋଟିଏ ଶିଳ୍ପକାରଖାନା କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ବଡ଼ବଡ଼ ଠିକାଦାର ବାବୁମାନେ ପ୍ରସ୍ତୁତ ହୋଇଗଲେଣି । ଏକଥା ଶୁଣି ବିଲୁଆ, ଗଧିଆ ଓ ମାଙ୍କଡ ବଡ ଚିନ୍ତାରେ ପଡିଗଲେ । କଣ କରିବେ ? ଏହି ବିପଦରୁ କିପରି ରକ୍ଷା ପାଇବେ ?

ଚତୁର ବିଲୁଆ ଦୁଇସାଙ୍ଗଙ୍କୁ କହିଲା, "ଚାଲ ଆମେ ସମସ୍ତେ ଏଠାରୁ ପିଲାଛୁଆ ଧରି ଅନ୍ୟ କୌଣସି ଜଙ୍ଗଲକୁ ପଳାଇଯିବା । ଆମ ଜୀବନ ବଞ୍ଚାଇ ପାରିବା" କିନ୍ତୁ ଅନ୍ୟ ଦୁହେଁ ଏଥିରେ ରାଜି ହେଲେ ନାହିଁ । ମାଙ୍କଡ କହିଲା, ଠିକ୍ ଅଛି, ଠିକାଦାର ବାବୁ କାମ ଆରମ୍ଭ କରନ୍ତୁ ଯିବା । କିନ୍ତୁ ଗଧିଆଟା ମୋଟେ ଶୁଣିଲା ନାହିଁ । ସେ କହିଲା, "କଳକାରଖାନା ଗଢ଼ି ଉଠିଲେ, ତାରି ଭିତରେ ଆମେ ଲୁଚିଛପି ରହିଯିବା" ।

ଦିନ ଗଡିଚାଲିଲା । ବିଲୁଆ ତା ଛୁଆପିଲାଙ୍କୁ ଧରି ଅନ୍ୟ ଏକ ଜଙ୍ଗଲକୁ ଚାଲିଗଲା ଏବଂ ସେଠାରେ କିଆବୁଦାମୂଳେ ଗାତ ଖୋଳି ରହିଗଲା । ଠିକାଦାର ବାବୁଙ୍କର ଗାଡି ମଟର ସେଠାକୁ ଆସିଲା । ସେମାନେ ମାପଚୂପ ଆରମ୍ଭ କରିଦେଲେ । ଏକଥା ଦେଖି ମାଙ୍କଡ ସପରିବାରେ ଗଛକୁ ଗଛ ଡେଇଁ ଦୂର ଜାଗାକୁ ଚାଲିଗଲା । ରହିଗଲା ଗଧିଆ ଓ ତାର ପରିବାର । ଠିକାଦାର ବାବୁ ଲୋକ ଲଗାଇ ମେସିନ୍ ସାହାଯ୍ୟରେ ଜଙ୍ଗଲ ସଫାକଲେ । ସେମାନେ ଠେଙ୍ଗା ଓ ବନ୍ଧୁକ ସାହାଯ୍ୟରେ ସେଠାରେ ଥିବା ସବୁ ଜନ୍ତୁଙ୍କୁ ମାରିଲେ । ବିଚରା ଗଧିଆ ତାର ଦୂର ଦୃଷ୍ଟିର ଅଭାବ ଯୋଗୁଁ ନିଜେ ମଲା ଓ ତାର ଛୁଆପିଲା ମଧ୍ୟ ଠେଙ୍ଗାମାଡ ଖାଇମଲେ ।

କୌଣସି ବିପଦ ଆସିବା ପୂର୍ବରୁ ନିଜକୁ ରକ୍ଷା କରିବା ପାଇଁ ଉଚିତ୍ ପଦକ୍ଷେପ ନେବା ବୁଦ୍ଧିମାନଙ୍କର କାର୍ଯ୍ୟ । ଶ୍ରେଣୀରେ ପରୀକ୍ଷା ଆସିବା ପର୍ଯ୍ୟନ୍ତ ଅପେକ୍ଷା ନକରି ପ୍ରଥମରୁ ମନଦେଇ ପଢ଼ିଲେ, କୃତିତ୍ୱ ହାସଲ କରିବା ସୁନିଶ୍ଚିତ ।



# ସତ କହିବାକୁ କିଆଁ ଡ଼ରିବି

ରୁତୁପର୍ଣ୍ଣା ପତି
୩ୟଏକଲବ୍ୟ

**ଈ**ଶ୍ୱର ଚନ୍ଦ୍ର ବିଦ୍ୟାସାଗର ବିଦ୍ୟାଳୟକୁ ପାଠପଢ଼ିବାକୁ ଯାଉଥାନ୍ତି । ବାଟରେ ଯାଉଯାଉ ଦେଖିଲେ, ଗୋଟିଏ ଜାମୁଗଛରେ ଗୁଡିଏ କଳା ମଚମଚ କୋଳି ଦେଖାଯାଉଛି । ତାଙ୍କର କୋଳିଖାଇବାକୁ ଇଛା ହେଲା, କିପରି ଖାଇବେ ଚିନ୍ତା କଲେ । କଥାରେ ଅଛି, "ଇଛା ଥିଲେ ଆପେ ଆପେ ଉପାୟ ଆସେ," । ହଠାତ୍ ତାଙ୍କ ମୁଣ୍ଡରେ ଗୋଟିଏ ବୁଦ୍ଧି ପଶିଲା । ସେ କେତେଗୁଡିଏ ଟେକା ଗଛକୁ ଫୋପାଡିଲା ବେଳେ ଗୋଟିଏ ଟେକା ଛିଟିକି ଯାଇ ଗଛପାଖରେ ଚରୁଥିବା ଛେଳିଟିର ମୁଣ୍ଡରେ ଜୋରରେ ବାଜିଲା । ଛେଳିଟି ଛଟପଟ ହୋଇ ମରିଗଲା । ଏହାଦେଖି ବିଦ୍ୟାସାଗରଙ୍କର ବୁଦ୍ଧିହଜିଗଲା । କ'ଣ କରିବେ କିଛି ସ୍ଥିର କରି ପାରିଲେ ନାହିଁ । ହଠାତ୍ ତାଙ୍କ ମାଆ କହିଥିବା କଥାମନେ ପଡିଲା "ପୁଅ ତୁ କେବେ ତୋ ଦୋଷକୁ ଲୁଚାଇବୁ ନାହିଁ ।" ବିଦ୍ୟାସାଗର ଏକଥା ଚିନ୍ତା କରି ଛେଳିଟିକୁ କାନ୍ଧରେ ପକାଇ ପଚାରି ପଚାରି ଛେଳିଟିର ମାଲିକ ପାଖରେ ପହ□ିଲେ, ମଲାଛେଳିଟିକୁ ଦେଖି ମାଲିକ ହଠାତ୍ ରାଗିଗଲେ । ବିଦ୍ୟାସଗର କାନ୍ଦି କାନ୍ଦି ସବୁକଥା କହିଲେ । ନିଆଁରେ ପାଣିପଡିଲା ପରି ମାଲିକଙ୍କ ରାଗ କୁଆଡେ ଉଭେଇ ଗଲା । ବିଦ୍ୟାସାଗରଙ୍କ ସତକଥା କହିବାରୁ ସେହି ବିପଦରୁ ରକ୍ଷା ପାଇଲେ । ସେହିପରି ଆମେ ସର୍ବଦା ସତକଥା କହିଲେ ବହୁ ବିପଦରୁ ପାର ପାଇଯିବା । ଏଥିପାଇଁ କୁହାଯାଇଛି ।

"ସତକହିବାକୁ କିଆଁ ଡ଼ରିବି,
ସତକହି ପଛେ ମଲେ ମରିବି ।"

✦ ✦ ✦

# ସୁନାପିଲା

ପ୍ରିୟଙ୍କା ରାଉତ
୩ୟଏକଲବ୍ୟ

**ଗାଁ**ର ସନା ବେହେରା ଜାତିରେ ଗଉଡ । ସେ ଅତି ସରଳ ଓ ନିରୀହ । ଘରେ ସେ ଛେଳି, ମେଣ୍ଢା, ଗାଈ ରଖିଥାଏ । ପ୍ରତିଦିନ ସକାଳୁ ତାର ଗାଈ, ଛେଳି, ମେଣ୍ଢା ନେଇ ପାଖ ଜଙ୍ଗଲକୁ ଚରାଇବାକୁ ନିଏ । ସଂଜବେଳେ ଘରକୁ ଫେରେ । ଥରେ ତାର ଦେହ ଖରାପ ହେଲା । ସେ ବଣକୁ ଯାଇପାରିଲା ନାହିଁ । ତାର ପୁଅ ଗୋବିନ୍ଦ ଛେଳି, ଗାଈ, ମେଣ୍ଢା ନେଇ ଜଙ୍ଗଲକୁ ଗଲା । ପାଖ ଗାଁର ହରି, ଗୋପାଳ ଓ ମଧୁ ଭୋଜି କରିବା ପାଇଁ ଲୁଚି ଲୁଚି ଆସି ତାର ଗୋଟିଏ ବଡ଼ ଛେଳି ଚୋରିକରି ନେଇଗଲେ । ଗୋବିନ୍ଦ ଏକଥା ଜାଣି ପାରିଲା ନାହିଁ । ଛେଳିକି ମାରି ମାଂସକରି ଭୋଜିକଲେ । ସନାର ଦେହ ଭଲହେଲା ପରେ ସେ ଦେଖିଲା ତାର ସବୁଠୁ ସୁନ୍ଦର ଓ ବଡ଼ଛେଳିଟି ନାହିଁ । ସେ ଜଙ୍ଗଲକୁ ଯାଇ ବହୁତ ଖୋଜା ଖୋଜି କଲା କିନ୍ତୁ ପାଇଲା ନାହିଁ । ବହୁତ କାନ୍ଦିଲା । ହରି, ଗୋପାଳ ଓ ମଧୁ ଭୋଜି କରିବା ତାଙ୍କ ଗାଁର ଜଣେ ଲୋକ ଦେଖିଥିଲା । ଗାଁର ଏହି ତିନିଜଣ ଖରାପ ପିଲା ଥିଲେ । ସେମାନଙ୍କୁ ପଚାରିବାରୁ ପ୍ରଥମେ ସେମାନେ ମାନିଲେ ନାହିଁ । ହେଲେ ମାଡ ଭୟରେ ମାନିନେଲେ । ଗାଁରେ ସଭା ହେଲା, ସେ ତିନିଜଣ ଭୁଲ ମାଗି ମୁଣ୍ଡିଆ ମାରିଲେ, ସେମାନଙ୍କର ବାପା ମା' ସନା ବେହେରାକୁ ଛେଳିର ଉଚିତ ମୂଲ୍ୟ ଦେଲେ । ସେହିଦିନ ଠାରୁ ସେମାନେ ଭଲ ପିଲା ହୋଇଗଲେ । ଗାଁରେ ସମସ୍ତେ ଭଲ ପାଇଲେ ।

✦ ✦ ✦

# ନିଜର କାମ ନିଜେ କର

ଅନନ୍ୟା ମିଶ୍ର
୩ୟ ପ୍ରହ୍ଲାଦ

ଥରେ ଗୋଟିଏ ଟ୍ରେନ ପଶ୍ଚିମବଙ୍ଗର ଏକ ଗାଉଁଲି ଷ୍ଟେସନରେ ଅଟକିଗଲା । ଗାଡି ଅଟକିବା ମାତ୍ରେ ଜଣେ ଚହଟ ଚିକଣା ଯୁବକ କୁଲି ! କୁଲି ! ଡାକ ପକାଇଲା । ଯୁବକଟି ଗୋଟିଏ ଅତି ସୁନ୍ଦର ପ୍ୟା□ ପିନ୍ଧିଥିଲା । କୋଟ୍‌ର ରଙ୍ଗ ମଧ୍ୟ ପ୍ୟା□ର ରଙ୍ଗ ସହିତ ମ୍ୟାଚ୍ କରୁଥିଲା । ମୁଣ୍ଡରେ ଟୋପି ଥିଲା । ବେକରେ ଟାଇ ବାନ୍ଧିଥିଲା ଓ ତା'ର ବୁଟ୍ ଚିକ୍‌ଚିକ୍ କରୁଥିଲା ।

ଗାଁଉଲି ଷ୍ଟେସନରେ ତ କୁଲି ନଥାନ୍ତି । ଯୁବକଟି ବାରମ୍ବାର ଡାକ ମାରୁଥିଲା ଓ ବ୍ୟସ୍ତ ହୋଇ ଏପଟ ସେପଟକୁ ଚାହୁଁଥିଲା । ସେତିକିବେଳେ ସାଦା ଧଳା ଲୁଗା ପିନ୍ଧିଥିବା ଜଣେ ଭଦ୍ରଲୋକ ସେଠାକୁ ଆସିଲେ । ସେ ଯୁବକର ଜିନିଷ ତଳକୁ ଓହ୍ଲାଇ ପକାଇଲେ । ଯୁବକ ତାଙ୍କୁ କୁଲି ବୋଲି ଭାବିଲେ । ତେଣୁ ତାଙ୍କ ଉପରେ ବିଗିଡି ଯାଇ କହିଲା – "ତୁମେମାନେ ବଡ ସୁସ୍ଥିଆ ହୋଇ ଗଲଣି । ମୁଁ କେତେବେଳୁ ଡାକିଲିଣି ?"

ଭଦ୍ରଲୋକ ଜଣକ କୌଣସି ଉ□ର ଦେଲେ ନାହିଁ । ଯୁବକର ହାତରେ ଧରି ନେବା ଭଳି ଗୋଟିଏ ଛୋଟ ବାକ୍ସ ଥିଲା । ତାହାକୁ ଧରି ଭଦ୍ରଲୋକ ଜଣକ ଯୁବକର ପଛେ ପଛେ ତା' ଘର ପର୍ଯ୍ୟନ୍ତ ଗଲେ । ଘରେ ପହ□ ଯୁବକଟି ତାଙ୍କୁ ଦେବାପାଇଁ ପଇସା କାଢ଼ିଲା । ମାତ୍ର ପଇସା ନେବା ପରିବ□ େସେହି ଭଦ୍ରଲୋକ 'ଧନ୍ୟବାଦ' କହି ଫେରିବାକୁ ଉଦ୍ୟତ ହେଲେ ।

ଯୁବକକୁ ଭାରି ଆଶ୍ଚର୍ଯ୍ୟ ଲାଗିଲା । ସେ ଭାବିଲା, ଏ କେମିତିକା କୁଲି ! ବୋଝ ବୋହି ଆଣି ମଧ୍ୟ ପଇସା ନେଉ ନାହିଁ । ଓଲଟା ଧନ୍ୟବାଦ ଦେଉଛି ! ସେତିକିବେଳେ ତା'ର ବଡ ଭାଇ ଆସି ପହ□ିଲା । ସେ ଭଦ୍ରଲୋକଙ୍କୁ ଦେଖି ଆଚମ୍ବିତ ହୋଇ ପଡିଲା । ତା ମୁଁହରୁ କେବଳ ଏମିତି ବାହାରି ପଡିଲା 'ଆପଣ' !

ଯେତେବେଳେ ସେହି ଯୁବକକୁ ଜଣାପଡିଲା ଯେ, ଯାହାକୁ ସେ କୁଲି ମନେକରି ଗାଳି ଦେଇଥିଲା ଓ ଯିଏ ତା'ର ଜିନିଷ ବୋହି ଆଣିଥିଲେ, ସେ ଅନ୍ୟକେହି ନୁହନ୍ତି, ସେ ହେଉଛନ୍ତି ବଙ୍ଗଳାର ପ୍ରସିଦ୍ଧ ମହାପୁରୁଷ ପଣ୍ଡିତ 'ଈଶ୍ୱରଚନ୍ଦ୍ର ବିଦ୍ୟାସାଗର' ସେତେବେଳେ ସେ ତାଙ୍କ ପାଦତଳେ ପଡିଗଲା ଓ ନିଜ ଭୁଲ ପାଇଁ କ୍ଷମା ମାଗିଲା ।

ପଣ୍ଡିତ ଈଶ୍ୱରଚନ୍ଦ୍ର ତାକୁ ଉଠାଇଲେ ଓ କହିଲେ – "ଏଥିରେ କ୍ଷମା ମାଗିବାର କୌଣସି କଥା ନାହିଁ । ଆମେ ସମସ୍ତେ ଭାରତବାସୀ । ଆମଦେଶ ଗରିବ ଆମକୁ ନିଜକାମ ନିଜ ହାତରେ କରିବାରେ ଲାଜମାଡିବା ଉଚିତ୍ ନୁହେଁ । ନିଜ କାମ ନିଜ ହାତରେ କରିବାକୁ ସମୃଦ୍ଧ ଦେଶମାନଙ୍କରେ ମଧ୍ୟ ଗୌରବର କଥା ମନେ କରାଯାଏ" ।







# ମା'ର ମମତାରେ ମହାପୁରୁଷ

**ଶୁଭଲକ୍ଷ୍ମୀ ନାୟକ**
୭ମ ଧର୍ମପଦ

ତୁଳସୀ ଦୁଇ ପତ୍ରରୁ ବାସିଲା ପରି ପିଲାଟିଏ ଛୋଟ ବେଳୁ ଗୁଣବନ୍ତ ଥିଲା । ଦୁଃଖୀ ରଙ୍କୀଙ୍କ ପ୍ରତି ବହୁତ ଦୟାଳୁ ଥିଲା । ମନଦେଇ ଅନବରତ ପଢୁଥିଲା । ଅତ୍ୟନ୍ତ ଗରିବ ଘରର ଛୁଆ ସେ । ମାଙ୍କୁ ବହୁତ ଭକ୍ତି କରେ, ସକାଳେ ଉଠି ବାପା ମାଆଙ୍କୁ ଜୁହାର ହୁଏ ।

ଥରେ ଭିକାରୀଟିଏ ଆସିଲା । ଅତି କରୁଣ କଣ୍ଠରେ ଭିକ ମାଗୁଥାଏ । ପିଲାଟି କାନରେ ସେ ସ୍ୱର ତା' ହୃଦୟକୁ ବିଦୀର୍ଣ୍ଣ କଲା । ପିଲାଟି ଦୌଡିଗଲା । ମା'ଙ୍କୁ କହିଲା, ମା' ଲୋକଟା ବହୁତ ଦୁଃଖରେ ଅଛି । କିଛି ହେଲେ ତାକୁ ଦିଅ । ମା' କହିଲା, ବାବୁରେ ମୋ ପାଖରେ ତ କିଛି ନାହିଁ । ତୁ ତ ଜାଣିଛୁ, ଆଜି ବାପା କିଛି ଆଣିଲେ, ଆମେ ଚଳିବା । ହଉ ଯଦି ତୁ କହୁଛୁ ମୋ ହାତରେ ଦୁଇପଟ ଚୂଡ଼ି ଅଛି, ନେଇ ଯା ବିକ୍ରିକରି ତାକୁ ଦେବୁ, ସେ ବ□ଯାଉ । ଆଉ ମୋ ପୁଅ ପାଠ ପଢ଼ି ମଣିଷ ହେଲେ ଚୂଡ଼ି କରି ଦେବ-ତାହା ହିଁ ମୋ ପାଇଁ ଯଥେଷ୍ଟ ହେବ ।

ପୁଅ ଖୁସି ମନରେ ଚୂଡ଼ି ନେଇ ବିକି ଭିକାରୀକୁ ଟଙ୍କାତକ ଦେଲା, କିନ୍ତୁ ତାର ମନେରହିଲା ତା' ମା ତାକୁ ଯାହା କହିଥିଲେ । ପିଲାଟି ଦିନ ରାତି ମନଦେଇ ପାଠ ପଢ଼ିଲା । ଗରିବ ହୋଇଥିବା ଯୋଗୁ ଘରେ ଆଲୁଅ ଅଭାବରୁ ରାସ୍ତାପାଖ ଆଲୁଅରେ ବି ବସି ପାଠ ପଢ଼ିଲା । ଦିନେ ସେ ବଡ଼ ବିଦ୍ୱାନ ହେଲା, ହେଲେ ମା'ଙ୍କୁ ସର୍ବଦା ଭକ୍ତି କରୁଥିଲା ।

ସେ ଗୋଟିଏ କଲେଜରେ ଅଧ୍ୟାପକ ହେଲା ପରେ ତାଙ୍କର ସମ୍ମାନ ବଢ଼ିଯାଇଥିଲା । ତଥାପି ସରଳ ଶାନ୍ତ ନମ୍ରଭାବ ତା' ଭଲ ଗୁଣର ସୂଚନା ଦେଉଥିଲା । ଚାକିରୀର ପ୍ରଥମ ଦରମା ପାଇ ସେ ବଣିଆ ପାଖକୁ ଗଲା । ମା'ର ଚୂଡ଼ି ଯେମିତି ଥିଲା - ତା'ଠାରୁ ଆହୁରି ଭଲ ଚୂଡ଼ି ଗଢେଇ ଆଣି ମା'ଙ୍କୁ ଦେଇ କହିଲା - ମା' ପିଲାଦିନେ ଚୂଡ଼ି ଦେଇଥିଲ, ଆଜି ସେ ଋଣ ସୁଝିବା ପାଇଁ ଚୂଡ଼ି ଗଢ଼େଇ ଆଣିଛି । ଏଇ ନିଅ ।

ମା' କହିଲେ ପୁଅରେ ଏ ଚୂଡ଼ି ଆଜି ଦେଲେ କ'ଣ ହେବ, ପୁଣି କିଏ ଦୁଃଖିରଙ୍କୀ ଆସିବ - ତାପାଇଁ ମୋତେ ଏହି ଚୂଡ଼ି ଓହ୍ଲେଇବାକୁ ପଡିବ । ମୁଁ ସେତିକିରେ ଖୁସିହେବି - ଯେତେବେଳେ ତୁ ଦୁଃଖିରଙ୍କୀଙ୍କ ପାଇଁ ଏମିତି କାମ କରିବୁ - ଯାହା ଫଳରେ ମୋତେ ଆଉ ଚୂଡ଼ି ଓହ୍ଲେଇବାକୁ ପଡିବ ନାହିଁ । ସେହି ଦିନଠାରୁ ସ୍ନେହ ଓ ପ୍ରେମର ପବିତ୍ର ଶିକ୍ଷାଦାନ ସହ ଦୁଃଖୀରଙ୍କୀ ସେବାରେ ସେ ଲାଗିଲେ । ସେ ଆଉ କେହି ନୁହେଁ ବିଶ୍ୱବିଖ୍ୟାତ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ଯିଏ ମା'ର ମମତାରେ ମହାପୁରୁଷ ହୋଇଥିଲେ ।

✦✦✦





# ସତ୍ୟ ପାଇଲା ମିଛର ଫଳ



**ପ୍ରତ୍ୟୁଷ ମହାରଣା**
୪ର୍ଥ ପ୍ରହ୍ଲାଦ

**ମା**ଆ ନିଶି ଓ ବାପା ପ୍ରକାଶଙ୍କର ଏକମାତ୍ର ପୁତ୍ର ସତ୍ୟମ୍ । ସ୍ନେହରେ ସମସ୍ତେ ସତ୍ୟ ବୋଲି ଡାକନ୍ତି । ଜେଜେ, ଜେଜେମା, ଅଜା, ଆଈ, ମାଉସୀ, ପିଉସୀ, ସାଙ୍ଗ ସାଥୀ ସାହି ପଡିଶା ସମସ୍ତେ ଆଦର କରୁଥିଲେ ସତ୍ୟକୁ । କାରଣ ତା'ନା ଯେମିତି, ରୂପ ଗୁଣ ବି ସେମିତି । ଧୀରସ୍ଥିର, ସବୁବେଳେ ସତକହିବା, କାହାର ଦୁଃଖ ଦେଖି ନପାରିବା ଆଦିଗୁଣ ଯୋଗୁଁ ସେ ସମସ୍ତଙ୍କ ପ୍ରିୟପାତ୍ର ଥିଲା । ଖାଲି ପାଠ ଓ କାମରେ ଟିକେ ମାନ୍ଦା ଥିଲା । ସାଙ୍ଗମାନଙ୍କର ମାଆମାନେ ତାଙ୍କ ପିଲାଙ୍କର ପର୍ସେ□ଜ୍ ସତ୍ୟ କହି ଗର୍ବି ହେଲାବେଳେ, ସତ୍ୟର ମାଆ କିନ୍ତୁ ସତ୍ୟର ସତ୍ୟତାକୁ ନେଇ ଗର୍ବ ଅନୁଭବ କରୁଥିଲେ ।

ସମସ୍ତଙ୍କ ସ୍ନେହ ଆଦର ପାଇ ସତ୍ୟ, ଧୀରେ ଧୀରେ ବଡ ହେଲା । ବୟସ ବଢ଼ିବା ସଙ୍ଗେ ସଙ୍ଗେ ତା' ବ୍ୟବହାରରେ ବି ପରିବ□ନ ଆସିଲା । କିଛିଦିନ ହେଲା ମାଆ ନିଶିଙ୍କ ମନ ଭାରି ଦୁଃଖ । କେତୋଟି ଘଟଣାରୁ ଯେ ଅନୁଭବ କରୁଛନ୍ତି, ଯେ ସତ୍ୟ ତାଙ୍କୁ ଏବେ ମିଛ କହିବା ଆରମ୍ଭ କରୁଛି । କହିବା ଅଭ୍ୟାସ ନଥିବାରୁ ତାଙ୍କ ଆଖିରେ ଧରା ପଡିଯାଉଛି । ସେ କାହିଁକି ଏପରି କରୁଛି, କେମିତି ତାକୁ ବାଟକୁ ଆଣିବେ – ଏହି ଚିନ୍ତାରେ ସେ ଖାଲି ଘାରିହେଲେ । ବିଦ୍ୟାଳୟରେ କେଉଁଦିନ ପରୀକ୍ଷା ଅଛି, ମାଆ ପଚାରିଲେ ବି କହୁ ନଥିଲା । କାଳେ ମାଆ ପଢ଼ିବାକୁ ବାରମ୍ବାର ତାଗିଦ୍ କରିବେ ସେ ଭୟରେ ମିଛ କହୁଥିଲା । ଥରେ ମା'ଙ୍କୁ କହିଥିଲା ସାତ ତାରିଖରେ ପରୀକ୍ଷା ଅଛି ବୋଲି, ସାତ ତାରିଖ ଶନିବାର ଥିଲା । ପ୍ରତି ଶନିବାର ତାଙ୍କ କ୍ଲାସ ବନ୍ଦରହେ, କିନ୍ତୁ ସେଦିନ ପରୀକ୍ଷା ପାଇଁ ଖୋଲାଥିଲା । ମାଆ ତାକୁ ପରୀକ୍ଷା କରିବା ପାଇଁ ଶୁକ୍ରବାର ରାତିରେ ସାଙ୍ଗହୋଇ ଖାଇଲା ବେଳେ ପଚାରିଲେ କାଲି ତୋର ତ ଛୁଟି ଅଛି । ମୋର ଗୋଟେ କାମ କରିଦେବୁ ? ସତ୍ୟ ଚଟ୍‌କିନା କହିଲା, ନାଇଁ କାଲି ମୋର ସ୍କୁଲ ଅଛି । ମାଆ କହିଲେ, ସ୍କୁଲତ ଶନିବାର ବନ୍ଦ ରହେ । ଆଗରୁ ପରୀକ୍ଷା କଥା ମାଙ୍କୁ କହିଥିଲା ବୋଲି ସେ ଭୁଲିଯାଇଥିଲା, ତେଣୁ ସେ ଭାବିଲା, ଯଦି ପରୀକ୍ଷା କଥା କହେ, ତେବେ ମାଆ ତାକୁ ଖେଳିବା ପାଇଁ ନଛାଡି ପଢ଼ିବାକୁ ବାଧ କରିବେ । ସେଥିପାଇଁ ସଙ୍କୋଚ ନକରି ମିଛ କହିଦେଲା । କହିଲା–ଆଗକୁ ଥିବା ଗଣେଶ ପୂଜା ପାଇଁ ଆଲୋଚନା ହେବ । ଥାପଡ ମାରିବାକୁ ଇଚ୍ଛା ହେଉଥିଲେ ବି ନିଜକୁ ସମ୍ଭାଳି ମନଦୁଃଖରେ ଉଠିଗଲେ ମାଆ । ଭାବିଲେ କେମିତି ସତ୍ୟକୁ ବାଟକୁ ଆଣିବେ । ସେଥିପାଇଁ ତାଙ୍କୁ ଟିକେ କଠୋର ହେବାକୁ ପଡିବ । ଭାବି ଭାବି ଶୋଇଗଲେ । ସକାଳ ହେଲା, ମାଆ ଉଠିଲେ, ହେଲେ ସତ୍ୟକୁ ଉଠାଇଲେ ନାହିଁ, ଆଠଟା ସୁଦ୍ଧା ତାକୁ ବିଦ୍ୟାଳୟରେ ପହ□ିବାକୁ ପଡିବ । ସେଥିପାଇଁ ସାତଟା ଭିତରେ ଘରୁ ବାହାରି ବସ୍ ଧରିବାକୁ ହେବ । ତାକୁ ନ ଡାକିଲେ ସେ ଉଠେ ନାହିଁ । ତା' ନିଦ ଭାଙ୍ଗିଲା । ଉଠିଲା ବେଳକୁ ଘ□ାରେ ଆଠଟା ବାଜି ଗଲାଣି । ତରବରରେ ଉଠି ମାଆଙ୍କ ଉପରେ ଚିଲେଇବା ଆରମ୍ଭ କଲା । ମତେ କାହିଁକି ଉଠେଇଲନି, ମୁଁ ଏବେ କ'ଣ କରିବି ? ଆଜି ତ ପାଠପଢ଼ା ହେବନି, ଖାଲି ପୂଜା ବିଷୟରେ ଆଲୋଚନା ହେବ । ନଗଲେ ବି ଚଳିବ । ସାଙ୍ଗମାନଙ୍କଠୁ ବୁଝି ନେବୁନୁ ? ସେଥିପାଇଁ ଶାନ୍ତିରେ ଶୋଇଥିଲୁ ତ ଡାକିଲିନି, ଏବେ କ'ଣ କରିବ ସତ୍ୟ ? ମିଛତ କହିଛି । ଆଉ ସମୟ ହେବ ନାହିଁ, ଯାଇ ପରୀକ୍ଷା ଦେବ । ଗୋଟିଏ ବିଷୟରେ ଫେଲ ହେଲେବି ସତକଥା କହିଲା । କହିଲା, ମାଆ ମୁଁ ଆଜି ମିଛର ଫଳ ପାଇଗଲି, ଆଉଦିନେ ମିଛ କହିବନି । ମାଆ ତା'ର ଫେଲ୍ ହେବା ଦୁଃଖ ଭୁଲି ଆନନ୍ଦରେ କୋଳେଇ ନେଲେ ପୁଅକୁ ।

# ଆତ୍ମବଳ

**ସ୍ମିତା ପାୟଲ ପଟ୍ଟନାୟକ**
୪ର୍ଥ ଏକଲବ୍ୟ



**ଥ**ରେ ପା□ଜଣ ସାଙ୍ଗ କର୍ମକ୍ଷେତ୍ରରେ ବିଫଳ ହୋଇ ପଳାୟନ କରିବା ପାଇଁ ସ୍ଥିର କଲେ । ସେମାନଙ୍କର ବୟସ ୨୦ରୁ ୨୫ବର୍ଷ ମଧ୍ୟରେ । ତହୁଁ ସେମାନେ ଗୋଟିଏ ନଦୀ କୂଳେ କୂଳେ ଆଗକୁ ଚାଲିଲେ । କ'ଣ ଖାଇବେ, କେଉଁଠି ରହିବେ-ଏହି ଚିନ୍ତାରେ ସେମାନେ ଯାଉ ଯାଉ ବାଟରେ ଗୋଟିଏ ବଡ ବରଗଛ ପଡିଲା । ସେଇ ବରଗଛ ଆକାରକୁ ଦେଖି ପା□ଜଣଯାକ ସାଙ୍ଗ ଆଶ୍ଚର୍ଯ୍ୟ ହୋଇଗଲେ । ସେମାନେ ସେହି ଗଛର ଗୋଟିଏ ଡାଳରେ ବସିପଡିଲେ । ସେଠାରେ ବସି ବିଭିନ୍ନ ଆଲୋଚନା କଲେ । ସେହି ଗଛ ତଳେ ତମ୍ବୁପକାଇ ଜଣେ ଉଦ୍ଭିଦ ବିଜ୍ଞାନୀ ବୃହତ୍ ବରଗଛ ଉପରେ ଗବେଷଣା କରି କରି ବିଭିନ୍ନ ତଥ୍ୟ ସଂଗ୍ରହ ପାଇଁ ସେଠାରେ ରହୁଥିଲେ । ପିଲାମାନଙ୍କ ପାଟିଶୁଣି ପଦାକୁ ବାହାରି ଆସିଲେ ଓ ଭାବିଲେ, ଏମାନେ ନିଶ୍ଚିତ କେହି ଛାତ୍ର, ଯେକି ଏଠାରେ ତଥ୍ୟ ପାଇଁ ଉପସ୍ଥିତ ଅଛନ୍ତି । ଉଦ୍ଭିଦ ବିଜ୍ଞାନୀଜଣକ ସେମାନଙ୍କ ନିକଟତର ହେଲେ । ସେ ସେମାନଙ୍କ ସହ କଥା ହେଲେ । ସମସ୍ୟା ଜାଣିପାରିଲେ । ପରେ ବୈଜ୍ଞାନିକ କହିଲେ-ତୁମ ପା□ ଜଣଙ୍କୁ ମୁଁ କିଛିଦାନ କରିବି । କହ, ତୁମମାନଙ୍କର କ'ଣ ଦରକାର ?

ପା□ଜଣ ଯାକତ ନିଜ ଭିତରେ ନିରାଶ ମନଦେଇ ପଳାଇ ଆସିଛନ୍ତି । ସେମାନେ ଏଭଳି ଆଶ୍ୱସନା ପାଇ ଟିକିଏ ଆଶ୍ୱସ୍ତ ହେଲେ । ପ୍ରଥମ ଜଣକ କହିଲା- ଆମକୁ ପ୍ରଥମେ କିଛି ଅନ୍ନ ଦିଅନ୍ତୁ । କାରଣ ଅନ୍ନ ବିନା ଏଜୀବନ ବ□ିବା ସମ୍ଭବ ନୁହେଁ । ଦ୍ୱିତୀୟ ଜଣ କହିଲେ- ଆମକୁ କିଛି ବୁଦ୍ଧି ଦିଅନ୍ତୁ । କାରଣ ବୁଦ୍ଧି ବିନା କୌଣସି ଭଲ କାମ କରିବା ଅସମ୍ଭବ । ତୃତୀୟଜଣକ ବଳ ମାଗିଲେ । ତାଙ୍କ ମତରେ ବଳ ନହେଲେ କୌଣସି କଠିନ କାମ କରିହେବନି । ଚତୁର୍ଥଜଣକ କହିଲେ-ଆମକୁ କିଛି ସୁଖ ପ୍ରଦାନ କରନ୍ତୁ । କାରଣ ମଣିଷ ସବୁବେଳେ ସୁଖକୁ ହିଁ ଭଲପାଏ । ପ□ମ ଜଣଙ୍କ ଟିକେ ଚିନ୍ତାକରି କହିଲେ - ଆଜ୍ଞା ସ୍ୱର୍ଗସୁଖ ପ୍ରଦାନ କରନ୍ତୁ । କାରଣ ମୁଁ ଶୁଣିଛି, ସ୍ୱର୍ଗସୁଖ କୁଆଡେ ସବୁଠୁ ମହାସୁଖ । ସବୁ ଶୁଣିସାରିବା ପରେ ଗବେଷକ ଜଣକ ଠୋ ଠୋ ହୋଇ ହସିଉଠିଲେ । ଯୁବକମାନେ ଟିକେ ଇତସ୍ତତଃ ହୋଇପଡିଲେ । ବୈଜ୍ଞାନିକ ଜଣକ କହିଲେ-ପିଲାଏ, ତୁମେମାନେ ଜଣ ଜଣ କରି ୫ଟି କଥା ମାଗିଲ; କିନ୍ତୁ ଏ ପା□ଟି କଥାକୁ ଅକ୍ତିଆର ପାଇଁ ଯାହା ଆବଶ୍ୟକ, ତାହାତ ତ କେହି ମାଗିଲ ନାହିଁ । ପିଲାମାନେ ନୀରବ ହୋଇଗଲେ । ସେମାନଙ୍କ ମଧ୍ୟରୁ ଜଣେ କହିଲା-ସେ ଜିନିଷଟି କ'ଣ ? ଗବେଷକ କହିଲେ-ତାହା ହେଲା ଆତ୍ମବଳ । ତୁମେ ସବୁ ଛାତ୍ର ଶକ୍ତି । ତୁମମାନଙ୍କ ଉପରେ ଗୋଟିଏ ଦେଶ ଓ ଜାତିର ଭବିଷ୍ୟତ ନିର୍ଭର କରୁଛି । ତୁମେମାନେ ଯଦି ଆତ୍ମବଳଠାରୁ ଦୂରରେ ରହିବ, ନିଜ ନିଜର ସ୍ୱପ୍ନକୁ ସାର୍ଥକ କରି ପାରିବନି ।

ଆତ୍ମବଳ ଥିଲେ ସବୁ ଅସାଧ୍ୟ ସାଧାନ ହୋଇପାରିବ । ତେଣୁ ଆତ୍ମବଳକୁ ଦୃଢ଼ କରି କ□ର୍ବ୍ୟ, ନିଷ୍ଠା, ଅଧ୍ୟବସାୟ, ଧୈର୍ଯ୍ୟ ସହ ନିଜ ଲକ୍ଷ୍ୟପଥରେ ଆଗେଇ ଗଲେ ସଫଳତା ତୁମ ପଛେ ପଛେ ଯିବା ନିଶ୍ଚିତ । ଏହାର ଉଦାହରଣ ଇତିହାସରେ ଅନେକ ଅଛି । ଆତ୍ମବଳ ଥିଲେ ତୁମେ ବୈଜ୍ଞାନିକଠାରୁ ଦାର୍ଶନିକ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠା କରିପାରିବ । ମନେରଖ, ଆତ୍ମବଳ ନଥିଲେ ମଣିଷ ଭୀରୁ ହୁଏ, ଅନ୍ୟ ଉପରେ ନିର୍ଭର କରିଥାଏ । ବିଫଳତା ପାଇଁ ନିଜ ଭାଗ୍ୟ ଓ ଭଗବାନଙ୍କ ଉପରେ ଦୋଷାରୋପ କରିଥାଏ ।

ପିଲାଦିନେ ଏହାଶୁଣି ନିଜର ଭୁଲ୍ ବୁଝିପାରିଲେ । ଆଉ ଆଗକୁ ନଯାଇ ଘରକୁ ଫେରି ଆସି ନିଜ ନିଜର ଲକ୍ଷ୍ୟ ସାଧନ ପାଇଁ ଶପଥ ନେଲେ ।



# ସୂର୍ଯ୍ୟ ଓ ଚନ୍ଦ୍ର



**ଅଭିଷେକ ବେହେରା**
୫ମ ଶ୍ରେଣୀ, ଧ୍ରୁବ

**ଗୋ**ଟିଏ ରାଜ୍ୟରେ ଜଣେ ରାଜାଥିଲେ । ତାଙ୍କର ଦୁଇରାଣୀ ଓ ଦୁଇ ପୁତ୍ର ଥିଲେ । ପୁତ୍ରଙ୍କ ନାମ ସୂର୍ଯ୍ୟ ଓ ଚନ୍ଦ୍ର । ଦୁଇ ଭାଇ ରାଜାଙ୍କର ଦୁଇ ଆଖି ଥିଲେ । ଦୁଇରାଣୀ ମଧ୍ୟ ଦୁଇ ପୁତ୍ରଙ୍କୁ ବହୁତ ଭଲ ପାଉଥିଲେ । ବଡରାଣୀଙ୍କ ନାମ ସୀତା ଓ ସାନ ରାଣୀଙ୍କ ନାମ ପଦ୍ମା । ରାଜା ନିଜ ପ୍ରଜାମାନଙ୍କୁ ବହୁତ ଭଲ ପାଉଥିଲେ, ତେଣୁ ସେ ରାଜ୍ୟର ଟିକିନିଖି ଖବର ରଖୁଥିଲେ । ପ୍ରଜାମାନେ ମଧ୍ୟ ରାଜାଙ୍କୁ ଭକ୍ତି ଓ ସ୍ନେହ କରୁଥିଲେ । ଏମିତି କିଛିବର୍ଷ ବିତିଗଲା ପରେ ରାଜା ବାର୍ଦ୍ଧକ୍ୟରେ ପହ□ିଲେ । ପୁତ୍ର ସୂର୍ଯ୍ୟର ରାଜା ହେବାର ବୟସ ଆସି ପହ□ିଲା । ସେହି ସମୟରେ ସାନରାଣୀ ପଦ୍ମାଙ୍କର ଦେହ ଖରାପ ହେଲା । ରାଣୀ ପଦ୍ମାଙ୍କର ଦେହ ଏତେ ଖରାପ ହେଲା ଯେ, ସେ ଚଲାବୁଲା ମଧ୍ୟ କରିପାରିଲେ ନାହିଁ । ବହୁ ରାଜ୍ୟରୁ ବଡବଡ ବୈଦ୍ୟରାଜମାନେ ଆସି ରାଣୀଙ୍କର ଚିକିତ୍ସା କରିବା ସ□େ ରାଣୀ ଠିକ୍ ହୋଇପାରିଲେ ନାହିଁ । ରାଜା ଓ ଦୁଇଭାଇ ଏବଂ ବଡରାଣୀ ବହୁତ ଭାଙ୍ଗି ପଡିଲେ । ସେତିକି ବେଳେଜଣେ ଭଲ ବୈଦ୍ୟ ଆସି ରାଣୀଙ୍କୁ ଦେଖି କହିଲେ, ଏହାଙ୍କର ବ□ିବା ସମ୍ଭବ ହେବ ମୃତ୍ୟୁ ସଞ୍ଜିବନୀ ସେବନ ଦ୍ୱାରା । ଏହିକଥା ଶୁଣି ଦୁଇଭାଇ ସୂର୍ଯ୍ୟ ଓ ଚନ୍ଦ୍ର ବହୁତ ଖୁସି ହୋଇଗଲେ । କିନ୍ତୁ ରାଜା ଓ ରାଣୀ ଖୁସି ହୋଇ ପାରିଲେ ନାହିଁ କାରଣ ସେଜାଣି ଥିଲେ ଯେ ମୃତ୍ୟୁ ସଞ୍ଜିବନୀ ପାଇବା ସହଜ କଥା ନୁହେଁ । ଦୁଇଭାଇ ରାଜା ଓ ରାଣୀଙ୍କୁ ଦୁଃଖିତ ହେବାର ଦେଖି ପଚାରିଲେ । "ପିତା !ଆପଣ କାହିଁକି ଦୁଖିଃତ ଅଛନ୍ତି ? ରାଜା କହିଲେ, ମୃତ୍ୟୁ ସଞ୍ଜିବନୀ ଏପରି ଏକ ଜିନିଷ ଯାହା ମନୁଷ୍ୟ ପାଇବା ଏତେ ସହଜ ନୁହେଁ । କାରଣ କେହି ଜାଣିନାହାନ୍ତି ମୃତ୍ୟୁ ସଞ୍ଜିବନୀ କେଉଁଠାରେ ଅଛି ?" ଏହାଶୁଣି ସୂର୍ଯ୍ୟ ଓ ଚନ୍ଦ୍ର କହିଲେ, "ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ଆମେ ମୃତ୍ୟୁ ସଞ୍ଜିବନୀ ଆଣିବାକୁ ଯିବୁ ଓ ମୃତ୍ୟୁ ସଞ୍ଜିବନୀ ଯେଉଁଠାରେ ଥିଲେ ମଧ୍ୟ ଆମେ ଖୋଜି ବାହାର କରିବୁ । ତେଣୁ ଆପଣ ଆମକୁ ଆଶୀର୍ବାଦ ଦିଅନ୍ତୁ, ଯେମିତି ହେଲେ ଆମେ ମୃତ୍ୟୁ ସଞ୍ଜିବନୀ ଆଣିପାରିବୁ । ରାଜାଙ୍କର ଇଚ୍ଛା ନଥିଲେ ମଧ ସାନରାଣୀଙ୍କୁ ବ□ାଇବା ପାଇଁ ସେ ଦୁଇଭାଇଙ୍କୁ ମୃତ୍ୟୁ ସଞ୍ଜିବନୀ ଆଣିବା ପାଇଁ ଅନୁମତି ଦେଲେ ।

ଦୁଇଭାଇ ସୂର୍ଯ୍ୟ ଓ ଚନ୍ଦ୍ର ପିତାଙ୍କର ପରାମର୍ଶ ଘେନି ନିଜର ଅସ୍ତ୍ରଶସ୍ତ୍ର ଧରି ବାହାରିଲେ ମୃତ୍ୟୁ ସଞ୍ଜିବନୀ ଖୋଜିବା ପାଇଁ । ଦୁଇଭାଇ ସିନା ମୃତ୍ୟୁ ସଞ୍ଜିବନୀ ଖୋଜିବାରେ ବାହାରି ପଡିଲେ, କିନ୍ତୁ ମୃତ୍ୟୁ ସଞ୍ଜିବନୀ କେଉଁଠାରେ ଅଛି ସେ ବିଷୟରେ ଜାଣି ନଥିବାରୁ ଗୋଟିଏ ଗଛତଳେ ବସିପଡିଲେ ଓ ଚିନ୍ତା କଲେ । କେଉଁ ଆଡେ ଗଲେ ମୃତ୍ୟୁସଞ୍ଜିବନୀର ଠିକଣା ପାଇବେ । ସେହି ସମୟରେ ଗୋଟିଏ ମୂଷାକୁ ବିରାଡିଟିଏ ଗୋଡାଉଥାଏ । ସେହି ସ୍ଥାନରେ ସୂର୍ଯ୍ୟ ଓ ଚନ୍ଦ୍ର ବସି ଥାଆନ୍ତି । ଏହା ଦେଖି ମୂଷାଟି ଦୁଇଭାଇଙ୍କ ପାଖକୁ ଆସି ରକ୍ଷା କରିବା ପାଇଁ କହିଲା । ମୂଷାଟିର ଅନୁରୋଧ କ୍ରମେ ସେ ନିଜ ତୀରରେ ବିରାଡିଟିକୁ ମାରି ମୂଷାର ଜୀବନ ରକ୍ଷା କଲେ । ସେ ମୂଷାଟିର ନାମ ଥିଲା କଙ୍କଣ । ସେ ମୂଷା ମାନଙ୍କର ରାଜାଥିଲା । ଦୁଇଭାଇ ତା'ର ପ୍ରାଣ ବ□ାଇଥିବାରୁ ସେ ତା'ଙ୍କୁ ପଚାରିଲା, "ତୁମେ କିଏ ଓ କଣ ପାଇଁ ଏ ଶୂନଶାନ୍ ଜଙ୍ଗଲ ଭିତରକୁ ଆସିଛ ?" ଦୁଇଭାଇ ନିଜର କାହାଣୀ ମୂଷାକୁ କହିଲେ ଓ ମୃତ୍ୟୁ ସଞ୍ଜିବନୀ କେଉଁଠାରେ ଅଛି ପଚାରିଲେ । ମୂଷାଟି ବହୁତ ଦୟାଳୁ ଥିଲା, ସେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କୁ କହିଲା, "ମୁଁ ବତାଇ ଦେବି ମୃତ୍ୟୁ ସଞ୍ଜିବନୀ କେଉଁଠାରେ ଅଛି, କିନ୍ତୁ ସେଠାକୁ ଗଲେ ତୁମକୁ ବହୁ ବିପଦର ସମ୍ମୁଖନୀନ ହେବାକୁ ପଡିବ ।" ତେଣୁ ମୁଁ ତୁମକୁ ଏକ ଉଡୁଥିବା ବାଡି ଦେବି ଯାହାଫଳରେ ତୁମେ ସେଠାରେ

ସହଜରେ ପହଞ୍ଚିବ ପାରିବ । ମୂଷାଟି କହିଲା, ମୃତ୍ୟୁ ସଞ୍ଜିବନୀ ଗୋଟିଏ ଶୁଆ ପାଖରେ ଅଛି । ଆଉ ସେହି ଶୁଆ ଗୋଟିଏ ଗଛ କୋରଡରେ ଅଛି । ସେହି ଗଛ ପାଖକୁ ଯିବାକୁ ହେଲେ ତୁମକୁ ଗୋଟିଏ ବଡ ପୋଖରୀ ପାର ହେବାକୁ ପଡିବ । ସେହି ପୋଖରୀକୁ ଜଗି ରହିଛନ୍ତି ଅନେକ ରାକ୍ଷସ । କିନ୍ତୁ ଏହି ଉଡୁଥିବା ବାଡିଦ୍ୱାରା ତୁମେ ଗଛ ନିକଟରେ ପହଞ୍ଚିପାରିବ । ଶୁଆଟି ମୋର ଅତି ଘନିଷ୍ଠ ବନ୍ଧୁ ଅଟେ । ତେଣୁ ମୁଁ ଗୋଟିଏ ପତ୍ର ଲେଖିକରି ଦେବି । ଯାହା ପଢ଼ି ଶୁଆଟି ତୁମକୁ ମୃତ୍ୟୁ ସଞ୍ଜିବନୀ ଦେବ । ମୂଷାଟି କହିଲା, ବର୍ତ୍ତମାନ ତୁମେ କିଛି ଖାଇ ନିଅ ଓ ତା'ପରେ ବାହାରିବ ଯିବ ମୃତ୍ୟୁ ସଞ୍ଜିବନୀ ଆଣିବା ପାଇଁ । ସୂର୍ଯ୍ୟ ଓ ଚନ୍ଦ୍ର ଖାଇସାରି ବାହାରିଲେ ଶୁଆଟି ପାଖକୁ । ଉଡୁଥିବା ବାଡିଟିକୁ ଧରି ଆକାଶମାର୍ଗକୁ ଉଡିଗଲେ ଦୁଇ ଭାଇ । ଯାଉଥିବା ସମୟରେ ଗୋଟିଏ ପୋଖରୀ ପଡିଲା, ଆଃ... କି ସୁନ୍ଦର ପୋଖରୀ ! ଜଳ ତାର ଖାଲି ହୀରା ଭଳି ଝଲମଲ କରୁଥାଏ । ତା'ମଝିରେ ଗୋଟିଏ ଗଛ ଥାଏ । ମୂଷାଟିର କଥା ସ୍ମରଣ କରି ସୂର୍ଯ୍ୟ ଓ ଚନ୍ଦ୍ର ସେହି ଗଛଆଡକୁ ଉଡିଗଲେ । ସେହି ଗଛରେ ଗୋଟିଏ ଶୁଆ ଶୋଇଥିଲା । ଶୁଆଟି ଦୁଇଭାଇଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା ଓ ତା'ର ଅସ୍ତ୍ରଶସ୍ତ୍ର ବାହାର କଲା । ସେହି ସମୟରେ ସୂର୍ଯ୍ୟ ମୂଷାଟି ଦେଇଥିବା ପତ୍ର ବାହାର କରି ଶୁଆଟିକୁ ଦେଲା । ଶୁଆଟି ଚିଠିଟିକୁ ପଢ଼ି ରାଗ ଶାନ୍ତ କଲା । ସୂର୍ଯ୍ୟ ଓ ଚନ୍ଦ୍ରଙ୍କୁ ନିଜ କୋରଡ ପାଖକୁ ନେଇଗଲା । ଶୁଆଟି ଭଲ ଫଳ ଆଣି ସୂର୍ଯ୍ୟ ଓ ଚନ୍ଦ୍ରଙ୍କୁ ଖାଇବାକୁ ଦେଲା । ପରେ ତାଙ୍କୁ ମୃତ୍ୟୁ ସଞ୍ଜିବନୀ ଦେଲା । ମୃତ୍ୟୁ ସଞ୍ଜିବନୀ ପାଇ ଦୁଇଭାଇ ଖୁସି ହୋଇଗଲେ । ଶୁଆଟିକୁ ଧନ୍ୟବାଦ ଦେଲେ । ଶୁଆଟି ପାଖରେ ବହୁତ ଧନସମ୍ପଦ ଥିଲା । ମାତ୍ର ତା'ର କେହି ସନ୍ତାନ ନଥିଲେ । ତେଣୁ ସେ ତା'ର ସମସ୍ତ ଧନସଂପତ୍ତି ସୂର୍ଯ୍ୟ ଓ ଚନ୍ଦ୍ରଙ୍କୁ ଦେଲା । ସୂର୍ଯ୍ୟ ଓ ଚନ୍ଦ୍ର ଶୁଆଟିକୁ ପ୍ରଣାମ କରି ମୃତ୍ୟୁ ସଞ୍ଜିବନୀ ଧରି ଉଡୁଥିବା ବାଡି ଦ୍ୱାରା ନିଜ ରାଜ୍ୟରେ ପହଞ୍ଚିଲେ । ତା'ପରେ ନିଜ ମା'ଙ୍କର ଚିକିତ୍ସା କଲେ । ରାଜା ନିଜ ପୁତ୍ରମାନଙ୍କର ସଫଳତା ପାଇଁ ନିଜକୁ ଧନ୍ୟମନେ କଲେ । ସାନରାଣୀ ପଦ୍ମା ସୁସ୍ଥ ହେଲେ । ତା'ପରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ବିବାହ ହେଲା ଓ ସେମାନେ ସୁଖ ଶାନ୍ତିରେ ଜୀବନ ଯାପନ କଲେ ।



# ଗଣେଶ ତୁଳସୀ



**ସୁଚିସ୍ମିତା ସାମନ୍ତରାୟ**
୫ମ ଶ୍ରେଣୀ, ଧ୍ରୁବ

ଏକଦା ଗଣେଶ ଯୋଗ କରୁଥିଲେ । ଧର୍ମ ଦେବତାଙ୍କ କନ୍ୟା ତୁଳସୀ ନିଜେ ସହଚରୀ ମାନଙ୍କ ସହିତ ଭ୍ରମଣ କରିବା ସମୟରେ ଗଣେଶଙ୍କୁ ଦେଖି ତାଙ୍କ ରୂପରେ ମୁଗ୍ଧ ହୋଇ ତାଙ୍କୁ ବିବାହ କରିବାକୁ ଇଚ୍ଛା କଲେ । ତେଣୁ ଗଣେଶଙ୍କ ଯୋଗ ଭଗ୍ନ ପାଇଁ ସେ ତାଙ୍କ ସମ୍ମୁଖରେ ନୃତ୍ୟ କଲେ ଏବଂ ଏଥିରେ ସଫଳ ହେଲେ । ତୁଳସୀ ନିଜର ଅଭିପ୍ରାୟ ଗଣେଶଙ୍କୁ ଜଣାଇଲେ । ଗଣେଶ ଚିରକୁମାର ବ୍ରତ ଗ୍ରହଣ କରିଥିବାରୁ ଏ ପ୍ରସ୍ତାବରେ ଅସମ୍ମତ ହେଲେ । ଫଳରେ ତୁଳସୀ ରାଗି ଯାଇ ଅଭିଶାପ ଦେଲେ ଯେ, ତୁମର ଚିରକୁମାର ବ୍ରତ ନିଶ୍ଚୟ ଭଗ୍ନ ହେବ । ତୁଳସୀ ଗଣେଶଙ୍କୁ ଅଯଥାରେ ଅଭିଶାପ ଦେଇ ଥିବାରୁ ଗଣେଶ ବ୍ୟଥିତ ହୋଇ ତୁଳସୀଙ୍କୁ ଅଭିଶାପ ଦେଲେ, 'ତୁମେ ଜଣେ ଅସୁରକୁ ବିବାହ କରିବ ।' ଗଣେଶଙ୍କ ଅଭିଶାପରେ ତୁଳସୀ ପ୍ରକୃତିସ୍ଥ ହୋଇ ନିଜ ଭୁଲ ପାଇଁ ଅନୁତପ୍ତ କଲେ ଓ ଅଭିଶାପରୁ ମୁକ୍ତି ହେବା ପାଇଁ ଆକୁଳ ନିବେଦନ କଲେ । ଗଣେଶ ତୁଳସୀଙ୍କ ପ୍ରତି ଦୟା ପ୍ରଦର୍ଶନ କରି କହିଲେ, ତୁମେ ତୁଳସୀ ଗଛ ହୋଇ ରହିବ । ତୁମର ପତ୍ର ଦେବତାଙ୍କ ମସ୍ତକରେ ଶୋଭା ପାଇବ । ଯେଉଁ ଭକ୍ତ ତୁମର ପତ୍ରକୁ ନେଇ ଭକ୍ତି ସହକାରେ ଦେବତାଙ୍କୁ ଚଢ଼ାଇବ ଓ ପାଖରେ ରଖିବ, ତାର ମନସ୍କାମନା ପୂର୍ଣ୍ଣ ହେବ । କିନ୍ତୁ ତୁମ ପତ୍ର କେବେ ହେଲେ ମୋ ପୂଜାରେ ଲାଗିବ ନାହିଁ ।

# ବିଚିତ୍ର ବହୁରୂପୀ

**ସୁକନ୍ୟା ମିଶ୍ର**
୫ମ ଶ୍ରେଣୀ, ଧ୍ରୁବ



ଥରେ ଜଣେ ବାବାଜୀ କୌଣସି ଏକ ସ୍ଥାନକୁ ଯାଉଥିଲେ । ବାଟରେ ଗୋଟିଏ କ୍ଷେତ ପଡିଲା । ବାବାଜୀ ସେଠାରେ ପରିସ୍ରା କରିବା ପାଇଁ ବସିଗଲେ । କ୍ଷେତର ମାଲିକ ପଛପଟୁ ବାବାଜୀଙ୍କୁ ଦେଖି ଭାବିଲା, ଏ ଜଣକ ନିଶ୍ଚୟ ସେହି ତରଭୁଜ ଚୋର । ସେ ସମୟରେ ତରଭୁଜ ଚୋରି ହେଉଥାଏ । ସେ ପଛରୁ ଆସି ବାବାଜୀଙ୍କ ମୁଣ୍ଡରେ ଠେଙ୍ଗାରେ ପାହାରେ ଦେଲା ଓ କହିଲା "ମୋ ବିଲରୁ ତରଭୁଜ ଚୋରୀ କରୁଛୁ ?" ବାବାଜୀ କହିଲେ -"ଭାଇ ! ମୁଁ ତ ପରିସ୍ରା କରିବାକୁ ବସିଥିଲି । କୃଷକ ବାବାଜୀଙ୍କୁ ଦେଖି ବଡ ଦୁଃଖ କଲା, କହିଲା "ଆଜ୍ଞା ! ମୋର ବଡ ଭୁଲ ହୋଇଗଲା ।" ମୁଁ ତରଭୁଜ ଚୋର ବୋଲି ଭାବି ଆପଣଙ୍କୁ ବାଡେଇ ଦେଲି । ବାବାଜୀ କହିଲେ "ତୋର ଦୋଷ ନାହିଁ ।" ତୁ କ'ଣ ସାଧୁ ବୋଲି ଜାଣି ମୋତେ ମାରିଲୁ ? କୃଷକ କହିଲା - "ନାଇଁ ଆଜ୍ଞା ! ଚୋର ବୋଲି ବୁଝି ବାଡେଇ ଦେଲି ।" ଏବେ ମୁଁ କ'ଣ କରିବି ? "ବାବାଜୀ କହିଲେ ତୋର ଯେମିତି ଇଚ୍ଛା ତୁ ସେମିତି କର ।" ବାବାଜୀଙ୍କ ମୁଣ୍ଡରେ ଠେଙ୍ଗା ବାଜିବାରୁ ରକ୍ତ ବହୁଥିଲା ଓ ଯନ୍ତ୍ରଣା ମଧ୍ୟ ହେଉଥିଲା । କୃଷକ ଜଣକ ତାଙ୍କୁ ବଳଦଗାଡିରେ ନେଇ ଡାକ୍ତରଖାନାରେ ଭର୍ତ୍ତି କରିଦେଲା । ସେଠାରେ ବ୍ୟାଣ୍ଡେଜ ଇତ୍ୟାଦି କରି ତାଙ୍କୁ ଶୁଆଇ ଦିଆଗଲା । କିଛି ସମୟପରେ ଜଣେ କ୍ଷୀର ଧରି ଆସିଲା ଓ ବାବାଜୀଙ୍କୁ କହିଲା "ଗୋସେଇଁ ! ମୁଁ କ୍ଷୀର ଆଣିଛି ଆପଣ ପିଅନ୍ତୁ ।" ବାବାଜୀ ଆଗ ହସିଲେ ଓ ତା'ପରେ କହିଲେ "ବାଃ ! ତୁତ ଗୋଟେ ବିଚିତ୍ର ବହୁରୂପୀ । ଆଗେ ଠେଙ୍ଗାରେ ପିଟିଲୁ, ଏବେ କ୍ଷୀର ଧରି ଆସିଛୁ ?" ସେ ଲୋକ ଜଣକ କହିଲା "ଗୋସେଇଁ ! ମୁଁ ବାଡେଇନି, ବାଡେଇଥିଲା ଅନ୍ୟଜଣେ ।" ବାବଜୀ କହିଲେ - "ନା, ନା ମୁଁ ତତେ ଚିହ୍ନିଛି, ତୁ ହିଁ ଠେଙ୍ଗାରେ ବାଡେଇଥିଲୁ । ତୋ ଛଡା ଆଉ କିଏ ଆସିଲା, କେଉଁଠୁ ଆସିଲା ଓ କେମିତି ଆସିଲା କହିଲୁ ? "ଏସବୁ ତୋର ହିଁ ଲୀଳା ! " ଏହିପରି ଭାବରେ ବାବାଜୀଙ୍କ ଦୃଷ୍ଟି "ବାସୁଦେବଃ ସର୍ବମ୍ " ପ୍ରତିଥିଲା, କିନ୍ତୁ ସେ ଲୋକ ଜଣଙ୍କ ଭାବୁଥିଲା ଯେ ବାବାଜୀ ତାକୁ ଥାନାରେ ବନ୍ଧାଇ ଦେବେ ନାହିଁ ତ ! ମୋଟ ଉପରେ କହିଲେ, ସବୁ ରୂପରେ ଭଗବାନ ହିଁ ବିଦ୍ୟମାନ ।



# ନାରଦ ମୁନିଙ୍କ କଥା

**ତନୟା ପଣ୍ଡା**
୫ମ ଶ୍ରେଣୀ, ଧ୍ରୁବ

**ଗୋ**ଟିଏ ଗାଁରେ ସ୍ୱାମୀ ସ୍ତ୍ରୀ ଦୁଇଜଣ ରହୁଥିଲେ । ବୟସ ଅଧିକ ହୋଇଗଲାଣି । ପିଲାପିଲି କିଛି ହୋଇନାହିଁ । ବହୁତ ମନଦୁଃଖ । ଦିନେ ଦୁହେଁ ଶିବ ମନ୍ଦିର ଗଲେ । ଠାକୁରଙ୍କୁ ବହୁତ ଗୁହାରି ଜଣାଇଲେ । ଶିବ ଠାକୁର କହିଲେ, ପିଲାଟିଏ ହେବ । କିନ୍ତୁ ଦଶ ବର୍ଷରୁ ଅଧିକ ବଞ୍ଚିବ ନାହିଁ । କିଛିଦିନ ପରେ ତାଙ୍କର ପୁଅଟିଏ ହେଲା । ପୁଅଟି ଗୋଲ୍‌ଗାଲ ହୋଇ ସୁନ୍ଦର ଦିଶୁଥାଏ । ମା'ବାପ ଭାବିଲେ ପିଲାତ ଆମର ବେଶୀ ଦିନ ରହିବ ନାହିଁ । ଚାଲ ଆମେ ଜଙ୍ଗଲରେ ରହିବା । ତାପରେ ସେମାନେ ଜଙ୍ଗଲରେ ଯାଇ ରହିଲେ । ଦିନେ ନାରଦ ମୁନି ମର୍ତ୍ତ୍ୟ ଭ୍ରମଣରେ ଆସିଲେ । ସେ ଦେଖିଲେ କୁଡ଼ିଆ ପାଖରେ ପିଲାଟିଏ ଖେଳୁଛି । ସେ ପିଲାଟିର ପାଖକୁ ଗଲେ । ପିଲାଟି ନାରଦଙ୍କୁ ଦେଖୁ ଦେଖୁ ନମସ୍କାର କଲା । ନାରଦ ସଙ୍ଗେ ସଙ୍ଗେ ଆଶୀର୍ବାଦ କଲେ ଓ କହିଲେ ଚିରଞ୍ଜିବୀ ଭବଃ । ତାପରେ ପିଲାଟିର ବାପା ଓ ମା' ସେକଥା ଶୁଣିଲେ । ସଙ୍ଗେ ସଙ୍ଗେ ନାରଦଙ୍କୁ କହିଲେ ଆପଣ ଆଶୀର୍ବାଦ ଦେଲେ ଯେ କିନ୍ତୁ ଶିବଠାକୁର କହିଛନ୍ତି ଯେ ଦଶ ବର୍ଷରୁ ଅଧିକ ବଞ୍ଚିବ ନାହିଁ । ନାରଦ ମୁନି ବଡ ଅଡୁଆରେ ପଡିଲେ । କରିବେ କ'ଣ ? ସେ ଭାବିଲେ ମୋତେ ଯିଏ ଖାଲରେ ପକାଇଛି, ମୁଁ ତାଙ୍କୁ ଖାଲରେ ପକାଇବି । ତାପରେ ସେ ଗୋଟିଏ ଦିନ ବିଷ୍ଣୁଙ୍କ ପାଖରେ ବସିଥିଲେ । କହିଲେ, ଠାକୁରେ ! ବହୁତ ଦିନ ହେବ ମର୍ତ୍ତ୍ୟକୁ ଯାଇନାହାନ୍ତି । ଚାଲନ୍ତୁ ଟିକିଏ ବୁଲି ଆସିବା । ବିଷ୍ଣୁ କହିଲେ ହଉଚାଲ । ଦୁହେଁ ମର୍ତ୍ତ୍ୟକୁ ଆସିଲେ । ନାରଦମୁନି ଜାଣିଜାଣି ତାଙ୍କୁ କୁଡ଼ିଆ ପାଖକୁ ନେଲେ ନିଜେ ପଛକୁ ରହି ଠାକୁରଙ୍କୁ ଆଗ ଯିବାକୁ କହିଲେ । ଠାକୁର ଯିବାରୁ ପିଲାଟି ତାଙ୍କୁ ନମସ୍କାର କଲା । ବିଷ୍ଣୁ କହିଲେ ଚିରଞ୍ଜିବୀ ଭବଃ । ନାରଦ କହିଲେ କ'ଣ କଲେ ଆପଣ ? ତାକୁ ପରା ଶିବ ଠାକୁର ଅଳ୍ପ ଆୟୁ ଦେଇଛନ୍ତି । ଆପଣ କିପରି ଚିରଞ୍ଜିବୀ ଭବ କହିଦେଲେ ? ଠାକୁର ବଡ ଅଡୁଆରେ ପଡିଲେ । ଦୁହେଁ ଯାଇ ଶିବ ଠାକୁରଙ୍କୁ କୋଣସି ପ୍ରକାରରେ ମନାଇ ମର୍ତ୍ତ୍ୟକୁ ଧରି ଆସିଲେ । ତାପରେ ସେମାନେ ସେହି କୁଡ଼ିଆ ପାଖକୁ ଗଲେ । ନାରଦ ମୁନି ଓ ବିଷ୍ଣୁ ଦୁହେଁପଛକୁ ରହି ଶିବ ଠାକୁରଙ୍କୁ ଆଗକୁ ଯିବାକୁ କହିଲେ । ପୂର୍ବ ପରି ପିଲାଟି ସେହି ସ୍ଥାନରେ ଖେଳୁଥିଲା । ଶିବଙ୍କୁ ଦେଖିବା ମାତ୍ରେ ନମସ୍କାର କଲା । ଶିବଠାକୁର କହିଲେ, ଚିରଞ୍ଜିବୀ ଭବଃ । ତାପରେ ତା'ର ମାଆ ବାପା ବାହାରକୁ ଆସି କହିଲେ କ'ଣ କଲେ ଆପଣ ? ତାକୁ ଶିବ ଠାକୁର ଅଳ୍ପ ଆୟୁ ଦେଇଛନ୍ତି । ତାପରେ ଶିବ ଠାକୁର ପୂର୍ବକଥା ମନେ ପକାଇଲେ । ଭାବିଲେ ମୋ କଥାତ କେବେ ଅନ୍ୟଥା ଯିବ ନାହିଁ । ତାପରେ ତିନିଜଣ ବିଚାର କଲେ ଓ କହିଲେ ପିଲାଟି ଦିନରେ ବଞ୍ଚିବ ଓ ରାତିରେ ମଲାଙ୍କ ପରି ଶୋଇ ରହିବ ।ଏତିକି କହି ତିନି ଠାକୁର ସ୍ୱର୍ଗକୁ ଚାଲିଗଲେ ।







# ମ୍ୟାଜିକ୍ କୋଟ୍

**ଇପ୍‌ସିତା ସ୍ୱାଇଁ**
୫ମ ଶ୍ରେଣୀ, ଧ୍ରୁବ

**ଗୋ**ଟିଏ ଗ୍ରାମରେ ଚଗଲା ନାମରେ ଏକ ପିଲାଥିଲା । ତା'ର ବୟସ ୧୪ବର୍ଷ । ତା'ର ବାପା ମରି ଯାଇଥିଲେ । ତା'ର କେବଳ ମା' ଥିଲେ । ସେ ବହୁତ ଚଗଲା ହୁଏ । ପାଠପଢ଼ାରେ ମନ ଦିଏ ନାହିଁ । ମା'ଙ୍କ କଥା ଶୁଣେ ନାହିଁ । ଦିନେ ସେ ମଳତ୍ୟାଗ କରିବା ପାଇଁ ପଡ଼ିଆକୁ ଗଲା । ସେ ସେଠାକୁ ଯାଇ ଦେଖିଲା ଯେ, ଗୋଟିଏ ପୁରୁଣା ମଇଳା କୋର୍ଟଟିଏ ପଡିଛି । ସେ ପିନ୍ଧିବା ପାଇଁ ଘରକୁ ନେଇଗଲା । ସେ ଯେତେବେଳେ ସେହି କୋର୍ଟଟିକୁ ପିନ୍ଧିଲା । ସେତେବେଳେ ସେ ଅଦୃଶ୍ୟ ହୋଇଗଲା । ସେ ଏହାକୁ ପିନ୍ଧି ସମସ୍ତଙ୍କ ଦୋକାନ, ଘର ମାନଙ୍କରେ ପଶି ସବୁ ଖାଦ୍ୟ ଖାଇ ଦେଉଥିଲା । ଲୋକମାନେ କିଛି ଜାଣି ପାରୁନଥିଲେ । ସେମାନେ ପୋଲିସ୍‌କୁ କହିଲେ, ପୋଲିସ୍ ମଧ ଖୋଜି ପାଇଲା ନାହିଁ । ଦିନେ ଚଗଲା ସକାଳୁ ସକାଳୁ ଗାଧୋଇବା ପାଇଁ ଯାଇଥିଲା । ଏହି ସମୟରେ ତା'ର ମାଆ ଘର ଝାଡୁ କରୁକରୁ କବାଟ କଣରୁ ମଇଳା କୋର୍ଟଟିକୁ ପାଇଲେ ଓ ଏହାକୁ ନେଇ ପୋଡିଦେଲେ । କିଛି ସମୟ ପରେ ଚଗଲା ଘରକୁ ଆସି କୋର୍ଟଟିକୁ ନପାଇବାରୁ ମାଆଙ୍କୁ ପଚାରିଥିଲା । ମାଆ କୋର୍ଟଟିକୁ ବାରିଆଡେ ପୋଡି ଦେଇଛନ୍ତି ବୋଲି ଚଗଲାକୁ କହିଲେ । ଚଗଲା ଭାବିଲା ଯେ, ଯଦି କୋର୍ଟଟି ପିନ୍ଧିବାରୁ ସେ ଅଦୃଶ୍ୟ ହୋଇଗଲା । ତେବେ ଏହାର ପାଉଁଶ ଲଗାଇଲେ ମଧ ସେ ଅଦୃଶ୍ୟ ହୋଇଯିବ । ତେଣୁ ସେ ବାରିଆଡକୁ ଯାଇ କୋର୍ଟର ପୋଡା ପାଉଂଶକୁ ଆଣିଲା ।ପାଉଂଶ ଲଗାଇଲେ ମଧ୍ୟ ସେ ଅଦୃଶ୍ୟ ହୋଇଗଲା । ସେ ପୂର୍ବପରି ପ୍ରତିଦିନ ସମସ୍ତଙ୍କ ଦୋକନରେ ପଶି ସବୁ ଖାଇଦେଲା । ଦିନେ ସେ ସକାଳୁ ସକାଳୁ ଗୋଟିଏ ମିଠା ଦୋକାନରେ ପଶି ମିଠା ଖାଉଥିଲା । ତାକୁ ଏହି ସମୟରେ ବହୁତ ଶୋଷକଲା । ସେ ପାଣି ଗ୍ଲାସ୍ ଆଣି ପାଣି ପିଇଲା ବେଳେ ଓଠରେ ଲାଗିଥିବା ପାଉଁଶ ଧୋଇ ହୋଇଗଲା । ଫଳରେ ତା'ର ଓଠ ଦେଖାଗଲା ଏହା ଦେଖି ସମସ୍ତ ଲୋକ ଚିତ୍କାର କରି କହିଲେ, ଗୋଟିଏ ଓଠ ମିଠା ଖାଇ ଦେଇଛି । ଏହାପରେ ଚଗଲା ଦୌଡିଲା ଓ ତା' ପଛେ ପଛେ ସମସ୍ତେ ତାକୁ ଧରିବା ପାଇଁ ଦୌଡିଲେ । ଚଗଲା ଉପାୟ ଶୂନ୍ୟହୋଇ ନିକଟରେ ଥିବା ପୋଖରୀକୁ ଡେଇଁପଡିଲା ଫଳରେ ସବୁପାଉଁଶ ଧୋଇଗଲା । ଲୋକମାନେ ଚଗଲାକୁ ଚିହ୍ନିଗଲେ ଓ ବହୁତ ବାଡେଇଲେ । ଚଗଲା ସେମାନଙ୍କୁ କ୍ଷମା ମାଗି, ଆଉ ଏଭଳି କରିବନି ବୋଲି ଶପଥ କଲା ।







# ବୁଝି ବିଚାରି କାମ କର

ସିମ୍ରନ୍ ବେହେରା
ଷଷ୍ଠ ଶ୍ରେଣୀ, ଏକଲବ୍ୟ

**ଗୋ**ଟିଏ ରାଜ୍ୟର ରାଜା ଥରେ ବଣକୁ ବୁଲିବାକୁ ଯାଇଥାନ୍ତି । ଅନେକ ସମୟ ବଣ ମଧ୍ୟରେ ବୁଲିବା ପରେ ସେ ବାଟବଣା ହୋଇଗଲେ । ଶେଷରେ ଭୋକ ଶୋଷରେ ଆତୁର ହୋଇ ଏଣେ ତେଣେ ଗୋଟିଏ ଘର ଖୋଜିବାକୁ ଲାଗିଲେ । ଯାହା ହେଉ ବହୁତ ଖୋଜିବା ପରେ ସେ ଜଣେ ବନବାସୀର କୁଡିଆ ଘରେ ପହ□ିଲେ । ବନବାସୀ ସେତେବେଳକୁ ଖାଇପିଇ ସାରିଥାଏ । ରାଜା ତା'ନିକଟରେ ପହ□ିବା କ୍ଷଣି ସେ ତାଙ୍କର ଖୁବ୍ ସେବା ସତ୍କାର କଲା । ପୁଣି ଥରେ ଖାଦ୍ୟ ରାନ୍ଧି ରାଜାଙ୍କୁ ଦେଲା । ରାଜା ଖାଇପିଇ ଅତ୍ୟନ୍ତ ତୃପ୍ତି ଲାଭ କଲେ ।

ବିଦାୟ ନେବାବେଳେ ସେ ବନବାସୀଙ୍କୁ କହିଲେ, ମୁଁ ହେଉଛି ଏ ରାଜ୍ୟର ରାଜା । ଆଜି ତୁମ ଅତିଥି ସେବାରେ ମୁଗ୍ଧ ହୋଇ ମୁଁ ତୁମକୁ ଏକ ଚନ୍ଦନ ବଣ ଉପହାର ଦେଉଛି । ତାକୁ ତୁମେ ସଦ୍‌ବ୍ୟବହାର କରି ପାରିଲେ ତୁମ ଜୀବନ ସୁଖ ସମୃଦ୍ଧିରେ ଅତିବାହିତ ହେବ । ଏହାକହି ରାଜା ସେଠାରୁ ଚାଲିଗଲେ ।

ତହିଁ ପରଦିନ ରାଜାଙ୍କ କର୍ମଚାରୀ ବନବାସୀଙ୍କୁ ଚନ୍ଦନବଣ ଦେଖେଇ ଦେଲେ । ହେଲେ ଚନ୍ଦନ କାଠର ମହ□ କ'ଣ ଓ ସେଥିରୁ କି ଲାଭ ମିଳେ, ଏହା ସେହି ବନବାସୀଙ୍କୁ ଆଦୌ ଜଣାନଥାଏ । ତେଣୁ ସେ ନିଜର ଭରଣ ପୋଷଣ ଲାଗି ସବୁଦିନ ଗଛକାଟି ସେଥିରୁ କୋଇଲା ତିଆରି କରି ସହର ବଜାରରେ ବିକ୍ରିକଲା ।

ଧୀରେ ଧୀରେ ବଗିଚାରୁ ସବୁଗଛ ଶେଷ ହେବାକୁ ଲାଗିଲା । ବାକି ରହିଲା କେବଳ ଗୋଟିଏ ଗଛ । ବର୍ଷାଦିନ ଆସିଯିବାରୁ ସେ ଗଛକୁ ହାଣି କୋଇଲା କରିପାରିଲା ନାହିଁ । ଫଳରେ କାଠ ବିକ୍ରି କରିବା ନିମନ୍ତେ ସ୍ଥିର କଲା । ଦିନେ ସେହି ଗଛକୁ ହାଣି କାଠଗୋଛା କରି ବିକ୍ରି କରିବାକୁ ବଜାରରେ ପହ□ିଲା ।

ଚନ୍ଦନ କାଠର ସୁଗନ୍ଧିରେ ଆକୃଷ୍ଟ ହୋଇ ଲୋକମାନେ ଯଥେଷ୍ଟ ମୂଲ୍ୟ ଦେଇ ତାକୁ କିଣିନେଲେ । ବନବାସୀ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ପଚାରିବାରୁ ଲୋକମାନେ କହିଲେ, ଏହା ହେଉଛି ଅତି ମୂଲ୍ୟମାନ ଚନ୍ଦନକାଠ । ଯଦି ତୁମେ ପାଖେ ଏହିପରି ଆହୁରି ଥାଏ, ତା' ହେଲେ ତାକୁ ବିକ୍ରି କରି ଯଥେଷ୍ଟ ମୂଲ୍ୟ ପାଇପାରିବ ।

ଲୋକମାନଙ୍କ କଥା ଶୁଣି ବନବାସୀ ନିଜ ନିର୍ବୋଧତା ନିମନ୍ତେ ଅନୁତାପ କଲା । ଏତେ ମୂଲ୍ୟବାନ ଚନ୍ଦନ କାଠକୁ ସାମାନ୍ୟ କୋଇଲା କରି ବିକ୍ରି କରିଦେଇଥିବାରୁ ସେ ନିଜକୁ ସବୁଠାରୁ ବୁଦ୍ଧିହୀନ ବୋଲି ମନେକଲେ ।

ପିଲାଏ, ତୁମେମାନେ ଜାଣିବା ଦରକାର ଯେ, ସବୁକିଛି ଶେଷ ହୋଇଯିବା ପରେ ଯେଉଁମାନେ ଚେତା ପାଆନ୍ତି, ସେମାନେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥାନ୍ତି । ସେଥିଲାଗି ତ କଥାରେ ଅଛି, "ବୁଦ୍ଧି ବିଚାରି କାମ କଲେ, ପ୍ରମାଦ ନ ପଡଇ ଭଲେ ।"

ଯଦି ବନବାସୀ ଜଣକ ମୂଲ୍ୟବାନ ଚନ୍ଦନକାଠର ପ୍ରକୃତ ମୂଲ୍ୟ ବୁଝିପାରିଥାନ୍ତା, ତେବେ ତା'ର ଏପରି ଅବସ୍ଥା ହୋଇ ନଥାନ୍ତା । ଏଣୁ ସବୁକାମ କରିବା ଆଗରୁ ବୁଝି ବିଚାରି କାର୍ଯ୍ୟ କଲେ ଭବିଷ୍ୟତରେ ଆଉ ଜଟିଳ ପରିସ୍ଥିତି ସୃଷ୍ଟି ହୋଇ ନଥାଏ ।

✦ ✦ ✦





# ବୁଦ୍ଧି ବଳରେ ସିଦ୍ଧି ମିଳେ

**ଆଶୁତୋଷ ମଲ୍ଲ**
୫ମ ଶ୍ରେଣୀ, ପ୍ରହ୍ଲାଦ

**ଆ**ମ ଗାଁର ଛୋଟା ବଢେଇ ରାମଚନ୍ଦ୍ରପୁରରେ କାଠ କାମ କରୁଥାଏ । କିଛିଦିନ ପରେ ତା'ର କାମ ଶେଷ ହୋଇଗଲା । ମାଲିକଙ୍କ ପାଖରୁ ନିଜର ମଜୁରୀ ବାବଦ ଟଙ୍କା ନେଇ ସେ ଘରକୁ ଫେରୁଥାଏ । ସେ ତ ଛୋଟା, ତେଣୁ ଚାଲିଲା ବେଳେ ଖଣ୍ଡେ ବାଡି ଧରିଥାଏ । ଆସୁଥିବା ସମୟରେ ଗୋଟିଏ ନିଛାଟିଏ ରାସ୍ତାରେ ସେ ଏକ ଡକାୟତ ହାବୁଡରେ ପଡିଲା । ଡକାୟତ ପସ୍ତଲ ଦେଖାଇ ଛୋଟା ବଢ଼େଇ ଠାରୁ ସବୁ ଟଙ୍କା ଝାମ୍ପି ନେଲା । ଛୋଟା ବଢ଼େଇ ନ ଡରି ସେ ଡକାୟତକୁ କହିଲା – ଦେଖ ଭାଇ, ମୋର ଟଙ୍କା ତ ନେଇଗଲ । ମୁଁ ମୋ ସ୍ତ୍ରୀ ପିଲାଙ୍କୁ କି ଉ□ର ଦେବି ? ଲଢ଼େଇରେ ତୁମ ପାଖରୁ ହାରିଗଲି ବୋଲି କିଛି ପ୍ରମାଣ ତ ଦରକାର । ତୁମେ ମୋ ପଗଡିକୁ ମନ ଇଛା ଗୁଳି ମାର, ମୁଁ ସେଇଟିକୁ ନେଇ ମୋ ଘରେ ଦେଖାଇବି । ଏହା କହି ଛୋଟା ବଢ଼େଇ ନିଜ ପଗଡିକୁ ମୁଣ୍ଡରୁ କାଢ଼ି ଦେଖାଇଲା । ଡକାୟତର କଥାଟା ମନକୁ ପାଇଲା । ସେ ପଗଡିକୁ ଚାରିଟା ଗୁଳି ମାରିଲା । ବଢ଼େଇ କହିଲା, ଆଉ ଗୁଳି ମାରୁନ ? ଡକାୟତ କହିଲା, "ଆଉ ଗୁଳି ପିସ୍ତଲରେ ନାହିଁ ।"ବଢ଼େଇ ଏଇ ସମୟକୁ ଅପେକ୍ଷା କରିଥିଲା । ସଂଗେ ସଂଗେ ନିଜ ବାଡି ଉଠାଇ ଗର୍ଜି ଉଠି କହିଲା, ଶୀଘ୍ର ମୋ ଟଙ୍କା ଫେରା, ନ ହେଲେ ଏ ବାଡିରେ ପିଟି ସାଇଜ୍ କରିଦେବି । ଡକାୟତକୁ ଚାରି ଦିଗ ଅନ୍ଧାର ଦିଶିଲା । ସେ କାଳ ବିଳମ୍ବ ନ କରି ଟଙ୍କା ଥଳିକୁ ଫୋପାଡି ଦେଇ ପ୍ରାଣ ବିକଳରେ ସେଠୁ ପଳାଇଗଲା । ନିଜ ବୁଦ୍ଧି ଯୋଗୁଁ ଛୋଟା ବଢ଼େଇ ନିଜ ରୋଜଗାର ଧରି ମନ ଖୁସିରେ ଘରକୁ ଫେରିଲା । ସେଥିପାଇଁ କୁହାଯାଇଛି ।ବୁଦ୍ଧି ଥିଲେ ସବୁ କିଛି ହୋଇପାରେ, "ବୁଦ୍ଧି ବଳରେ ସିଦ୍ଧି ।"

✦ ✦ ✦

# ଗୁଣ୍ଡୁଚି ମୂଷାର ଭ୍ରମଣ

**ପ୍ରିୟଙ୍କା ମହାପାତ୍ର**
ଷଷ୍ଠ ଶ୍ରେଣୀ, ଧ୍ରୁବ

**ନ**ଦୀଟିଏ ବହି ଯାଉଥିଲା । ନଦୀର ଦୁଇପଟେ ଦୁଇଟି ବଡ ବଡ ଗଛ ଥାଏ । ଦୁଇଟି ଯାକ ଗଛ କୋରଡରେ ଅନେକ ଗୁଣ୍ଡୁଚି ମୂଷା ବାସ କରୁଥାଆନ୍ତି । ଗୁଣ୍ଡୁଚି ମୂଷାମାନଙ୍କ ମଧ୍ୟରେ ନିକୁ ଓ ଚିକୁ ନାମରେ ଦୁଇଟି ଗୁଣ୍ଡୁଚି ମୂଷା ଥାଆନ୍ତି । ନିକୁ ନଦୀର ପୂର୍ବ ପଟରେ ଥିବା ଗଛରେ ବାସ କରୁଥାଏ । ଚିକୁ ନଦୀର ପଶ୍ଚିମ ପଟରେ ଥିବା ଗଛରେ ବାସକରୁଥାଏ ।

ନିକୁ ଓ ଚିକୁ ଗଛର ଶିଖରରେ ଥାଇ ପରସ୍ପରକୁ ଦେଖନ୍ତି, କଥା ହୁଅନ୍ତି । ଏହିପରି ପ୍ରତିଦିନ କଥା ହେଉ ହେଉ ସେମାନଙ୍କ ମଧ୍ୟରେ ଖୁବ୍ ବନ୍ଧୁତା ହୋଇଗଲା । ନିକୁ ଭାବେ ଯଦି ଚିକୁ ନଦୀ ପାର ହୋଇ ଆମ ଗଛକୁ ଆସନ୍ତା, ଆମେ ଗୋଡାଗୋଡି ଖେଳନ୍ତୁ । ଖୁବ୍ ମଜା ହୁଅନ୍ତା । ଚିକୁ ମଧ୍ୟ ସେହିପରି ଭାବେ କିନ୍ତୁ ଏତେ ବଡ ନଦୀ ପାର ହେବା ମୂଷାମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ତେଣୁ ନିକୁ ଓ ଚିକୁ ଭାବନାକୁ ନିଜ ମନରେ ଦବାଇ ରଖନ୍ତି । ଦିନେ ଚିକୁର ଜନ୍ମଦିନ ହେଲା । ତା'ର ମା' ଅନେକ ମିଠେଇ ତିଆରି କଲେ । ସେଦିନ ଚିକୁ ଆଉ ସମ୍ଭାଳି ପାରିଲା ନାହିଁ । ନିକୁକୁ ବଡ ପାଟିରେ ଡାକି କହିଲା ନିକୁରେ ନିକୁ ! ଆ'ତୁ ଚାଲି । ମୋର ଜନମ ଦିନ ଆଜି । ଖାଇବା ମିଠା, କରିବା ମଜା, କେତେ ଖେଳିବା ଲୁଚକାଳି ।

ନିକୁର ମଧ୍ୟ ଭାରି ଇଛା ହେଲା ଚିକୁର ନିକଟକୁ ଯାଇ ଖେଳିବାକୁ । ହେଲେ ନଦୀ ପାରହେବ କେମିତି ? ଉଭୟେ ବିଚାର କଲେ । ଶେଷରେ ଉପାୟ ସ୍ଥିର ହେଲା । ନିକୁ ଗୋଟିଏ ଲମ୍ବା ବନିଶୀ କ□ା ସାଇତି ରଖିଥିଲା । ସେ ବନିଶୀ କ□ାର ସୂତାଟିକୁ କାଢି ଗଛର କୋରଡରେ ପୁରାଇ ପଥରଟିଏ ବାନ୍ଧି ଘୁରାଇ ଘୁରାଇ ଚିକୁ ନିକଟକୁ ଫୋପାଡିଲା । ଚିକୁ ସେଇଟିକୁ ପାଇ ଗୋଟିଏ ଛୋଟ ଗଛର ଗଣ୍ଡି ଦେହରେ ବାନ୍ଧି ଦେଲା । ତା'ପରେ ନିକୁ ତା'ର ଛତାଟିକୁ ସୂତାଟିରେ ଝୁଲାଇ ଛତା ମଝିରେ ବସିଗଲା । ବନଶୀକ□ା ସୂତାରେ ଛତାଟି ଖସି ଖସି ଯାଇ ଅପର ପାଶ୍ୱରେ ପହଁ□ିଲା । ଚିକୁ, ନିକୁକୁ ତା' ଘରକୁ ପାଛୋଟି ନେଲା । ଏଥର ନିକୁ ଓ ଚିକୁ ଉଭୟ ଖୁସି ।

✦ ✦ ✦

# ଚତୁର୍ଥ ସତ୍ୟ

**ବିଜୟା ଲକ୍ଷ୍ମୀ ସାହୁ**
ଷଷ୍ଠ ଶ୍ରେଣୀ, ଏକଲବ୍ୟ

ଦିନେ ଗୋଟିଏ ଛେଳି ବାଟ ଭୁଲି ଜଙ୍ଗଲରେ ପହ□ିଲା । ସେ ଜଙ୍ଗଲ ବୁଲାବୁଲି କରି ଘାସ ଖାଉଥିବା ବେଳେ ହଠାତ୍ ଗୋଟିଏ ବାଘ ଆସି ପହ□ିଲା । ବାଘକୁ ଦେଖି ଛେଳି ଟିକିଏ ବି ଡରିଲା ନାହିଁ । ସେ ବାଘର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ହୋଇଗଲା । ଏହା ଦେଖି ବାଘଟି ବସିଗଲା ଓ କହିଲା,"ଏ ଛେଳି ! ଭୟ କରନା, ମୁଁ ତୋତେ ବ□ମାନ ଖାଇବି ନାହିଁ । ତୁ ଯଦି ଆଜି ଦିନର ସବୁଠାରୁ ମହାନ୍ ସତ୍ୟ ବତାଇ ଦେଇ ପାରିବୁ, ତେବେ ମୁଁ ଛାଡି ଦେଇ ପାରେ ।"

ଛେଳିଟି ତୁରନ୍ତ ଚିନ୍ତା କରି କହିଲା, "ଧନ୍ୟବାଦ ଶ୍ରୀମାନ ।" ମୁଁ ଚେଷ୍ଟା କରିବି । ପ୍ରଥମେ ସତ୍ୟ ଏହି ଯେ, ମୁଁ ଯଦି ଫେରିଯାଇ ମୋ ବନ୍ଧୁମାନଙ୍କୁ କହିବି ଯେ ମୁଁ ବାଘ ହାବୁଡରେ ପଡିଗଲି ଏବଂ ସେ ବାଘ ମୋତେ ଖାଇଲା ନାହିଁ । ସେମାନେ ମୋ କଥାକୁ ମୋଟେ ବିଶ୍ୱାସ କରିବେ ନାହିଁ । ବାଘ କହିଲା, "ଏହା ପୁରାପୁରି ଠିକ୍ ।" ପୁଣି ଛେଳିଟି କହିଲା, "ଦ୍ୱିତୀୟ ସତ୍ୟଟି ଏହି ଯେ, ଯଦି ଆପଣ ଆପଣଙ୍କ ବନ୍ଧୁମାନଙ୍କୁ କହିବେ, ଯେ, ଆପଣଙ୍କୁ ଏକ ଛେଳି ମିଳିଥିଲା, ମାତ୍ର ଆପଣ ଛେଳିକୁ ନଖାଇ ଛାଡିଦେଲେ ।" ତେବେ ସେମାନେ ଆପଣଙ୍କ କଥାକୁ ବିଶ୍ୱାସ କରିବେ ନାହିଁ । ବାଘ କହିଲା, ଏକଥା ବି ଠିକ୍ ।

ତୃତୀୟ ସତ୍ୟ ଏହି ଯେ, ଆପଣ ଏଠାରେ ବସି ମୋ କଥା ଶୁଣୁଛନ୍ତି । ଏଥିରୁ ଜଣା ପଡେ ଯେ, ଆପଣଙ୍କୁ ବାସ୍ତବରେ ଭୋକ ଲାଗୁନାହିଁ । ବାଘ କହିଲା, "ତୁମର ଏକଥା ବି ଠିକ୍ ।" ମାତ୍ର ଅଳ୍ପ ସମୟ ମଧ୍ୟରେ ମୋତେ ଭୋକ ଲାଗିପାରେ । ଏଠୁ ଚ□ଳ ପଳା । ଆଉ କେବେ ଭେଟ ହେଲେ ମୁଁ ତୋତେ ଛାଡିବି ନାହିଁ ।

ଛେଳିଟି ତୁରନ୍ତ ଦଉଡି ପଳାଇ ଯାଉ ଯାଉ କହିଲା, ଶ୍ରୀମାନ ! ଆଉ ସେପରି ସୁଯୋଗ କେବେ ଆସିବ ନାହିଁ କି ଆପଣ ମୋତେ ଆଉ ଥରେ ଦେଖିବାକୁ ପାଇବେ ନାହିଁ । ଏଇଟି ଚତୁର୍ଥ ସତ୍ୟ ଅଟେ ।

✦✦✦

# ବିଶ୍ୱର ସବୁଠୁ ବଡ଼

**ନେହାଲ୍ ସିଂ**
ଷଷ୍ଠ ଶ୍ରେଣୀ, ଧ୍ରୁବ

୧. ବିଶ୍ୱର ସବୁଠୁ ବଡ ଇନ୍‌ଡୋର ସୁଇମିଂ ଫୁଲ - ୱାର୍ଲଡୱାଟର ପାର୍କ ଏଡମ□ୋନ, ଆଲବର୍ଟ, କାନଡାରେ ଥିବା ଏ ପାର୍କର ସୁଇମିଂଫୁଲର ଆକାର ୫ ଏକର ।

୨. ବିଶ୍ୱର ସବୁଠୁ ଉଚ୍ଚ ମୂ□- ଖ୍ରୀଷ୍ଟ ଦି ରିଡିମର, ରିଓ-ଡି-ଜାନେଇରୋ, ବ୍ରାଜିଲ ।

୩. ବିଶ୍ୱର ସବୁଠୁ ବଡ ଷ୍ଟାଡିୟମ୍ - ମାରାକାନା ଷ୍ଟାଡିୟମ୍, ବ୍ରାଜିଲ । ଏ ଷ୍ଟାଡିଅମରେ ୧.୯୯.୦୦୦ ଦର୍ଶକ ବସିବାର ସୁବିଧା ଅଛି ।

୪. ବିଶ୍ୱର ସବୁଠୁ ବଡ ଯାତ୍ରୀ ବାହୀ ଜଳ ଜାହାଜ - ଏମ୍‌ଏସ୍‌ଫ୍ରିଡମ, ଅଫ ସି, ଏହା ଭିତରେ ୪୩୦୦ ଜଣ ଯାତ୍ରୀ ସମସ୍ତ ଉଚ୍ଚ ଶ୍ରେଣୀ ଆଡମ୍ବର ସହିତ ଯାତ୍ରା କରିବାର ସୁବିଧା ଅଛି ।

୫. ବିଶ୍ୱର ସବୁଠୁ ବଡ ବସ୍ - ନେପୋଲିଅନ ଡୁମ୍ପୋକ୍ଲଜର, ଏହି ଦୁଇ ମହଲା ବସରେ ୧୭୦ଜଣ ଯାତ୍ରୀ ସୁବିଧାରେ ଯାତ୍ରା କରି ପାରନ୍ତି ।

୬. ବିଶ୍ୱର ସବୁଠୁ ଓସାରିଆ ପୋଲ - ସିଡ୍‌ନି ହାର୍ବର ବ୍ରିଜ, ସିଡ୍‌ନି । ଅଷ୍ଟ୍ରେଲିଆରେ ଥିବା ଏହି ଦୁଇ ଥାକିଆ ପୋଲର ପ୍ରତିଥାକରେ କାର୍ ଯିବା ପାଇଁ ଆଠଟି ଲେଖା ଲେନ୍ ଅଛି ।

୭. ବିଶ୍ୱର ସବୁଠୁ ବ୍ୟସ୍ତ ବିମାନ ବନ୍ଦର - ଜନ୍ ଏପ୍ କେନେଡି ଅନ୍ତର୍ଜାତୀୟ ବିମାନ ବନ୍ଦର, ନ୍ୟୁୟର୍କ ଆମେରିକା ।



# ଏକତା ହିଁ ବଳ

**ରାକେଶ କୁମାର ମହାନ୍ତି**
ସପ୍ତମ ଶ୍ରେଣୀ, ଧ୍ରୁବ

**ଏ**କଦା ଗୋଟିଏ ଗ୍ରାମରେ ବୃଦ୍ଧ ପିତାଟିଏ ତା'ର ଚାରିପୁଅଙ୍କ ସହିତ ବାସ କରୁଥିଲା । ସେହି ବୃଦ୍ଧର ଘର ପଛପଟେ ଏକ ବିରାଟ ଜମିଥିଲା । ସେହି ଜମିକୁ କେହି ଚାଷ କରୁ ନଥିଲେ କି ଫସଲ ଉତ୍ପାଦନ କରୁ ନଥିଲେ । କାରଣ ବୃଦ୍ଧର ପୁତ୍ରମାନେ ନିଜ ନିଜ ଭିତରେ କଳହରେ ମାତି ରହୁଥିଲେ । ବୃଦ୍ଧ ପିତା ପୁତ୍ରମାନଙ୍କର ଏକତାର ଅଭାବ ଦେଖି ମନସ୍ତାପ କରୁଥିଲା । ସେ ହୃଦୟଙ୍ଗମ କରୁଥିଲା ଯେ, ଦିନେ ଏକତାର ଅଭାବରୁ ପୁତ୍ରମାନେ ଛାରଖାର ହୋଇ ଯିବେ । ଦିନେ ମୃତ୍ୟୁ ଶଯ୍ୟାରେ ବୃଦ୍ଧ ପିତା ତା'ପୁତ୍ରମାନଙ୍କୁ ଡକାଇ କହିଲା ଯେ ମୁଁ ମରିବା ପୂର୍ବରୁ ତୁମକୁ ଗୋଟିଏ ମୂଲ୍ୟବାନ କଥା କହିବାକୁ ଯାଉଛି । ଏକତାର ସହିତ କାମ କଲେ ସଫଳତା ମିଳିଥାଏ । ଆମ ଘର ପଛପଟେ ଥିବା ଜମି ତଳେ ଗୋଟିଏ ସୁନାରେ ପୂର୍ଣ୍ଣ ମାଠିଆ ପୋତା ହୋଇଛି । ତୁମେମାନେ ଯଦି ସମସ୍ତେ ମିଶି ଜମିକୁ ଖୋଳିବ, ତେବେ ସେ ସୁନା ମାଠିଆ ପାଇ ପାରିବ । ତା'ପରେ ପୁତ୍ରମାନେ କଳହ ନକରି ଜମି ଖୋଳିବାରେ ଲାଗିଲେ । ବହୁ ଖୋଳାଖୋଳି ପରେ ମଧ୍ୟ ସେମାନେ କିଛି ପାଇଲେ ନାହିଁ । ଭାବିଲେ ବାପା ଆମକୁ ମିଛ କହିଥିଲେ । ତା'ପରେ ବର୍ଷାଋତୁ ଆସିଲା । ପୁଅମାନେ ଦେଖିଲେ ଯେ ଜମିଟା ଭଲଭାବେ ଖୋଳା ହୋଇଛି । ଏଥିରେ ଧାନ ବୁଣିବା । ଫସଲ ଭଲ ହେଲା ଓ ପ୍ରଚୁର ଶସ୍ୟ ଉତ୍ପାଦନ ହେଲା । ଏହା ଦେଖି ଭାଇମାନେ ବହୁତ ଖୁସି ହେଲେ । ବାପା ଆମକୁ ଏଇ ସୁନା ମାଠିଆ କଥା କହୁଥିଲେ, ଯେଉଁଟାକି ଆମେ ଏକତାର ସହିତ କାର୍ଯ୍ୟ କରିବାର ସୁଫଳ । କାରଣ ଜଣେ ଚାହିଁଥିଲେ ସେହି ଜମିରୁ ଫସଲ ଉତ୍ପାଦନ କରି ପାରିନଥାନ୍ତା । ସେହି ଦିନଠୁ ଭାଇମାନେ ଏକତ୍ର ହୋଇ କାର୍ଯ୍ୟ କରିଆସିଲେ । ତେଣୁ କୁହାଯାଇଛି "ଏକତା ହିଁ ବଳ ।"

# ଅନୁତାପ

**ଶୁଭଶ୍ରୀ ନାୟକ**
ସପ୍ତମ ଶ୍ରେଣୀ, ପ୍ରହଲ୍ଲାଦ

**ଗୋ**ଟିଏ ଗାଁର ନାମ ମଧୁପୁର । ସେଠାରେ ଗୋଟିଏ ବଡ ପୁଷ୍କରିଣୀ ଥିଲା । ସେଠାକୁ ପ୍ରତ୍ୟେକ ଦିନ ବହୁସଂଖ୍ୟକ ମାଛଧରାଳି ଆସୁଥିଲେ ମାଛଧରିବା ପାଇଁ । ସେମାନଙ୍କ ମଧ୍ୟରୁ ଜଣଙ୍କର ନାମ ରଘୁଆ ଥିଲା । ସେ ବହୁତ ଗର୍ବୀ ଏବଂ ରାଗିଥିଲା । ସେ ଟିକେ ଟିକେ କଥାରେ ବହୁତ ରାଗି ଯାଉଥିଲା । ତା'ର ପୁଅର ନାମ ରବି ଥିଲା । ରବି ଭାରି ଦୁଷ୍ଟ ଥିଲା । ଦିନେ ସେ ଏମିତି ଦୁଷ୍ଟାମି କରିବାକୁ ଯାଇ ତା'ର ବାପା ରଘୁଆର ମାଛଧରା ଜାଲକୁ କାଟି ଦେଇଥିଲା ଏବଂ ଏହାଦେଖି ରଘୁଆର ରାଗ କହିଲେ ନସରେ । ସେ ତା ପୁଅକୁ ବହୁତ ଗାଳି ଦେଲା । ଏହା ଫଳରେ ତା' ପୁଅ ରାଗିଯାଇ ଘରୁ ରାତି ଅଧରେ କୁଆଡେ ପଳେଇଲା । ବଡିଭୋରରୁ ଉଠି ରଘୁଆ ଦେଖିଲା ବେଳକୁ ରବି ଆଉ ଘରେ ନାହିଁ । ଦ୍ୱିପହର ବେଳକୁ ଚାରିଆଡେ ଚର୍ଚ୍ଚା ହୋଇଗଲା । ସମସ୍ତେ ଧାଇଁ ଗଲେ ରଘୁଆକୁ ଖୋଜିବାକୁ । ସେଠାରେ କେତେଜଣ ସ୍ତ୍ରୀଲୋକ ବସି ବାସନ ମାଜୁଥାନ୍ତି । ଆଉ କିଏ ଲୁଗା କାଚୁଥାନ୍ତି । ସେତେବେଳେ ସେମାନେ ଦେଖିଲେ ଯେ, ପୋଖରୀରେ ଗୋଟିଏ ଶବ ଭାସୁଥାଏ । ଏହା ଶୁଣି ଗାଆଁ ଲୋକ ଧାଇଁ ଆସିଲେ ପୋଖରୀ ପାଖକୁ । ସେଥି ମଧ୍ୟରୁ ରଘୁଆବି ଆସିଥିଲା । ସମସ୍ତେ ରବିର ଶବ ଦେଖି ସେଇଠି ହିଁ ଚମକି ପଡିଲେ । ରଘୁଆର ମାଆ ରୀନା କାନ୍ଦିକାନ୍ଦି ସେଇଠି ହିଁ ମରିଗଲା । ରଘୁଆ ମନେ ମନେ ଦୁଃଖ ପ୍ରକାଶ କରି କହିଲା, ଯଦି ମୁଁ ଏ ଛୋଟ କଥାଟିକୁ ଏତେ ବଡ କରି ନଥାନ୍ତି, ତାହାହେଲ ଏହି ଦୁର୍ଘଟଣା ଘଟିନଥାନ୍ତା । ତେଣୁ ସେହି ଦିନ ରଘୁଆ ତା ଭୁଲ ବୁଝିଲା ଓ ଅନୁତାପ କଲା ।



# ଲୋଭୀ ମଣିଷର ଅବସ୍ଥା

**ଦେବାଶିଷ ଦାଶ**
ସପ୍ତମ ଶ୍ରେଣୀ, ପ୍ରହ୍ଲାଦ

**ଥ**ରେ ଭଗବାନ ବୟସ ବା□ିବା ପାଇଁ ଚାରୋଟି ପ୍ରାଣୀକୁ ତାଙ୍କର ଦରବାରକୁ ଡକାଇ ଥିଲେ । ସେହି ଚାରୋଟି ପ୍ରାଣୀ ହେଲେ – ମଣିଷ, ବଳଦ, କୁକୁର ଓ ପେଚା ।

ପ୍ରଥମେ ମଣିଷକୁ ଭଗବାନ ୪୦ବର୍ଷ ବୟସ ପ୍ରଦାନ କଲେ । ସେ ତାହାକୁ ଗ୍ରହଣ କରି ଦେଲା ।

ଦ୍ୱିତୀୟରେ ଭଗବାନ ବଳଦକୁ ୪୦ବର୍ଷ ବୟସ ପ୍ରଦାନ କଲେ । କିନ୍ତୁ ବଦଳ କହିଲା, ପ୍ରଭୁ ମୁଁ ଏତେ ଗୁଡାଏ ବୟସ ଗ୍ରହଣ କରି ଖଟି ପାରିବି ନାହିଁ । ତେଣୁ ମୋତେ ୨୦ବର୍ଷ ବୟସ ପ୍ରଦାନ କରନ୍ତୁ । ତାପରେ ଭଗବାନ ୨୦ବର୍ଷ ବୟସ ପ୍ରଦାନ କଲେ । ବଳଦର ବଳକା ହୋଇଥିବା ୨୦ବର୍ଷ ବୟସକୁ କିଏ ନେବ ବୋଲି ଭଗବାନ ପଚାରିଲେ । ମଣିଷ କହିଲା, ଆଜ୍ଞା ମୁଁ ନେବି । ଭଗବାନ କହିଲେ ତଥାସ୍ତୁ । ଏବେ ମଣିଷର ବୟସ ହେଲା ୬୦ବର୍ଷ ।

ତୃତୀୟରେ ଭଗବାନ କୁକୁରକୁ ୪୦ବର୍ଷ ବୟସ ପ୍ରଦାନ କଲେ । କୁକୁର କହିଲା, ପ୍ରଭୁ ମୁଁ ୪୦ବର୍ଷ ବୟସ ନେଇ ଘରକୁ ବାରି ଓ ବାରିକୁ ଘର ହୋଇ ଦୀର୍ଘ ବର୍ଷ କଷ୍ଟରେ ବ□ିବାକୁ ଚାହୁଁ ନାହିଁ । ମୋତେ ୨୦ବର୍ଷ ବୟସ ପ୍ରଦାନ କରନ୍ତୁ । ଭଗବାନ କହିଲେ ତଥାସ୍ତୁ । ତା'ପରେ ଭଗବାନ ପଚାରିଲେ କୁକୁରର ବଳକା ହୋଇଥିବା ୨୦ବର୍ଷ ବୟସକୁ କିଏ ନେବ ? ମଣିଷ କହିଲା, ଆଜ୍ଞା ମୁଁ ନେବି । ତେଣୁ ଭଗବାନ କହିଲେ ତଥାସ୍ତୁ । ପୁଣି ମଣିଷର ବୟସ ହେଲା ୮୦ବର୍ଷ ।

ଚତୁର୍ଥରେ ପେଚାର ପାଳି ପଡିଲା । ଭଗବାନ ପେଚାକୁ ମଧ୍ୟ ୪୦ବର୍ଷ ବୟସ ପ୍ରଦାନ କଲେ । ପେଚା କହିଲା, ପ୍ରଭୁ ମୁଁ ଦିନରେ ଦେଖିପାରେ ନାହିଁ କି ଚଲା ବୁଲା କରିପାରେ ନାହିଁ । କେବଳ ରାତିରେ ମୁଁ ଦେଖିପାରେ ଓ ଚଳପ୍ରଚଳ କରିପାରେ । ତେଣୁ ମୁଁ ଏତେ ଗୁଡାଏ ବର୍ଷ ନେଇ ବ□ିବାକୁ ଚାହୁଁ ନାହିଁ । ମୋତେ ୨୦ବର୍ଷ ବୟସ ପ୍ରଦାନ କରନ୍ତୁ । ଭଗବାନ କହିଲେ ତଥାସ୍ତୁ । ପେଚାର ବଳକା ହୋଇଥିବା ୨୦ବର୍ଷ ବୟସ କିଏ ନେବ ବୋଲି ଭଗବାନ ପଚାରିଲେ ମଣିଷ କହିଲା, ଆଜ୍ଞା ମୁଁ ନେବି । ଭଗବାନ କହିଲେ ତଥାସ୍ତୁ । ଶେଷରେ ମଣିଷର ବୟସ ହୋଇଗଲା ଶହେ ବର୍ଷ ।

ଲୋଭୀ ମଣିଷ ଶହେ ବର୍ଷର ଜୀବନକୁ କିପରି ଉପଭୋଗ କଲା, ଆମ୍ଭେ ଜାଣିବା । ଭଗବାନ ଦେଇଥିବା ୪୦ବର୍ଷ ବୟସକୁ ମଉଜ ମଜଲିସରେ ଉପଭୋଗ କରେ । ବଳଦଠାରୁ ନେଇଥିବା ୨୦ବର୍ଷ ବୟସ ମିଶାଇ ୬୦ବର୍ଷରେ ପହ□ । ଏଣୁ ୪୦ରୁ ୬୦ବର୍ଷ ସେ ପରିବାର ପାଇଁ ବଳଦ ଭଳିଆ ଖଟେ । କୁକୁର ଠାରୁ ନେଇଥିବା ୨୦ବର୍ଷ ବୟସକୁ ମିଶାଇ ୮୦ବର୍ଷରେ ପହ□ ୬୦ରୁ ୮୦ବର୍ଷ ପର୍ଯ୍ୟନ୍ତ କୁକୁର ପରି ଘରକୁ ବାରି ବାରିକୁ ଘର ହୋଇ ଧନ ଜୀବନ ଜଗିଥାଏ । ପେଚାଠାରୁ ୨୦ବର୍ଷ ନେଇ ସେ ୧୦୦ବର୍ଷରେ ପହ□ିଲା ବେଳକୁ କୁକୁର ପରି ତାକୁ ସମସ୍ତେ ଅଣଦେଖା କରନ୍ତି । ନିଜ ବିଛଣାରେ ଶୋଇ ମିଟି ମିଟି କରି ସମସ୍ତଙ୍କୁ ଚାହୁଁଥାଏ । କିଛି କାହାକୁ କହିପାରେ ନାହିଁ ।

✦✦✦







# ସଚ୍ଚୋଟତାର ମୂଲ୍ୟ





**ରାଜଲକ୍ଷ୍ମୀ ମହାଲିକ**
ସପ୍ତମ ଶ୍ରେଣୀ, ପ୍ରହ୍ଲାଦ

**ଗୋ**ଟିଏ ରାଜ୍ୟରେ ଜଣେ ରାଜା ଥିଲେ । ତାଙ୍କର କୌଣସି ସନ୍ତାନ ନଥିଲା । ତେଣୁ ତାଙ୍କୁ ବୟସ ହୋଇଯିବା ପରେ ରାଜ୍ୟଭାର ତୁଲାଇବା ପାଇଁ ଜଣେ ସୁଯୋଗ୍ୟ ଉ□ରାଧିକାରୀ ସନ୍ଧାନରେ ସେ ଲାଗି ପଡିଲେ । ରାଜାଙ୍କର ଇଛା ଥିଲା ଯେ ସଚ୍ଚୋଟ ଓ ବିଶ୍ୱାସୀ ଯୁବକଟିକୁ ନିଜର ଉ□ରାଧିକାରୀ ରୂପେ ବାଛିବେ । ତହୁଁ ରାଜା ଏକ ଉପାୟ ଚିନ୍ତା କଲେ ।

ଦିନେ ସେ ତାଙ୍କ ରାଜ୍ୟରେ ଥିବା ଯୁବକମାନଙ୍କୁ ରାଜ ସଭାକୁ ଡକାଇଲେ । ଯୁବକମାନେ ରାଜସଭାରେ ଏକତ୍ରିତ ହେବା ପରେ ରାଜା ଘୋଷଣା କରି କହିଲେ, ମୁଁ ବ□ମାନ ତୁମ ସମସ୍ତଙ୍କୁ ଗୋଟିଏ ଗୋଟିଏ ମଞ୍ଜିଦେବି । ତୁମେମାନେ ସେଇ ମଞ୍ଜିକୁ ନେଇ ନିଜ ନିଜ ଘରେ ଲଗାଇବ । ଠିକ୍ ବର୍ଷକ ପରେ ଆଜିର ଦିନରେ ଆମେ ସମସ୍ତେ ଆଉ ଥରେ ଏକାଠି ହେବା । ସେତେବେଳେ ତୁମେମାନେ ଏଇ ମଞ୍ଜିରୁ ପ୍ରସ୍ତୁତ କରିଥିବା ଗଛକୁ ସାଙ୍ଗରେ ନେଇ ଏଠାକୁ ଆସିବ । ଯାହାର ଗଛ ସବୁଠାରୁ ଭଲ ହୋଇଥିବ, ତାକୁ ମୁଁ ମୋର ଉ□ରାଧିକାରୀ ରୂପେ ବାଛିବି । ରାଜସଭାରେ ଉପସ୍ଥିତ ସମସ୍ତ ଯୁବକ ରାଜାଙ୍କ ପାଖରୁ ଗୋଟିଏ ଗୋଟିଏ ମଞ୍ଜିନେଇ ନିଜ ନିଜ ଘରକୁ ଗଲେ । ସେଦିନ ରାଜସଭାକୁ ଆସିଥିବା ଯୁବକମାନଙ୍କ ମଧ୍ୟରେ ଥିଲାଜଣେ ଅତ୍ୟନ୍ତ ସଚ୍ଚୋଟ ଯୁବକ । ସେ ମଧ୍ୟ ପାଇଥିଲା ଗୋଟିଏ ମଞ୍ଜି । ଘରକୁ ଫେରିବାପରେ ସେ ତା'ମାଙ୍କୁ ଘଟଣା ସଂପର୍କରେ ସବୁକଥା କହିଲା । ପରେ ମା' ଓ ପୁଅ ମିଶି ଗୋଟିଏ କୁଣ୍ଡ ଆଣି ସେଥିରେ ଅତି ଯତ୍ନ ସହକାରେ ମଞ୍ଜିଟିକୁ ପୋତି ସେଥିରେ ସବୁଦିନ ପାଣି ଦେବାକୁ ଲାଗିଲେ । କିନ୍ତୁ ଦିନ ପରେ ଦିନ ବିତିଗଲା ସିନା, ମଞ୍ଜିରୁ ଗଜା ବାହାରିଲା ନାହିଁ କି ଗଛ ମଧ୍ୟ ହେଲା ନାହିଁ ।

ଏଣେ ସେଦିନ ରାଜାଙ୍କ ହାତରୁ ମଞ୍ଜି ପାଇଥିବା ଅନ୍ୟ ଯୁବକମାନେ ସେମାନଙ୍କର ଗଛ ସମ୍ପର୍କରେ ବାହାରେ କଥା ହେବାରେ ଲାଗିଲେ । ସେମାନଙ୍କର ଗଛ ସେଥିରେ ବଡ ବଡ ଫୁଲ ଓ ଫଳ ଧରିଥିଲା ବୋଲି ସେମାନେ କୁହାକୁହି ହେଉଥିଲେ । ଅନ୍ୟ ଯୁବକମାନଙ୍କୁ ଠାରୁ ସେମାନଙ୍କର ଗଛ କଥା ଶୁଣିବା ପରେ ଯୁବକଟିର ମନ ଖରାପ ହୋଇଗଲା ଏବଂ ସେ ଦିନ ଭାଗ୍ୟକୁ ନିନ୍ଦିବାକୁ ଲାଗିଲା । କିନ୍ତୁ ଯବୁକଟିର ମା' ତାକୁ ଆଦୌ ବ୍ୟସ୍ତ ନହୋଇ ଧୈର୍ଯ୍ୟର ସହ ଅପେକ୍ଷା କରିବା ପାଇଁ ପରାମର୍ଶ ଦେଲେ ।

ଏମିତି ଏମିତି ବର୍ଷଟିଏ ବିତିଗଲା । ନିର୍ଦ୍ଦିଷ୍ଟ ଦିନ ରାଜ୍ୟର ଯୁବକମାନେ ନିଜ ନିଜର ଗଛ ସବୁକୁ ଧରି ରାଜସଭାକୁ ଗଲେ । ଏ ଯୁବକଟି କିନ୍ତୁ ନିର୍ଦ୍ଦିଷ୍ଟ ଦିନ ରାଜସଭାକୁ ଯିବା ପାଇଁ ଅନିଛା ପ୍ରକାଶ କଲା । କାରଣ ତା' ମଞ୍ଜିରୁ କୌଣସି ପ୍ରକାରର ଗଛ ହୋଇ ନଥିଲା । ମାତ୍ର ତା'ର ମା'ତାକୁ ବୁଝାବୁଝି କରିବା ପରେ ଅବଶେଷରେ ସେ ନିଜର ଖାଲି କୁଣ୍ଡଟିକୁ ଧରି ରାଜସଭାରେ ପ୍ରଦର୍ଶନ କରିବାକୁ ଗଲା । ସେତେବେଳକୁ ରାଜ୍ୟର ଅନ୍ୟ ଯୁବକମାନେ ନିଜ ନିଜର ଗଛକୁ ଆଣି ରାଜସଭାରେ ପ୍ରଦର୍ଶନ କରୁଥାନ୍ତି । କାହାର ଗଛ ଫୁଲରେ ଭ□ ତ କାହାର ଫଳରେ ଭ□ । ରାଜା କାହାକୁ କିଛି ନକହି ଗଛ ଗୁଡିକୁ ନିରୀକ୍ଷଣ କରୁଥାନ୍ତି । ହଠାତ୍ ରାଜା ସେଇ ଖାଲି କୁଣ୍ଡ ନିକଟରେ ଅଟକିଗଲେ ଏବଂ କୁଣ୍ଡ ନିକଟରେ ଛିଡା ହୋଇଥିବା ଯୁବକକୁ ନିଜର ଉ□ରାଧିକାରୀ ରୂପେ ଘୋଷଣା କଲେ । କାରଣ ରାଜା ମଞ୍ଜି ବା□ିବା ପୂର୍ବରୁ ସେଗୁଡିକୁ ଭଲ ଭାବରେ ସିଝାଇ ଦେଇଥିଲେ ଏବଂ ଜାଣିଥିଲେ ଯେ ସେ ଦେଇଥିବା ମଞ୍ଜି ଗୁଡିକରୁ କଦାପି ଗଛ ହେବ ନାହିଁ ।

✦ ✦ ✦

# କୂଅବେଙ୍ଗ

ଡ଼ି. ସିରିଡି
ଅଷ୍ଟମ ଶ୍ରେଣୀ, ପ୍ରହ୍ଲାଦ

ସମୁଦ୍ର ପାଖରୁ ଅଳ୍ପ ଦୂରରେ ଥିବା ଗୋଟିଏ କୂଅରେ ବଡ କଳା ବେଙ୍ଗଟିଏ ବାସ କରୁଥିଲା । ସେହି କୂଅରେ ତାର ଜନ୍ମ ହୋଇଥିଲା । ସେ କୂଅ ବାହାରକୁ କେବେ ଯାଇପାରି ନଥିଲା । ତେଣୁ କୂଅ ବ୍ୟତୀତ ବାହାର ଜଗତ ବିଷୟରେ କିଛି ଜାଣିନଥିଲା । ହେଲେ ସେ ନିଜକୁ ଭାରି ବୁଦ୍ଧିମାନ ବୋଲି ଭାବୁଥିଲା । କୂଅରେ ପଡୁଥିବା ସବୁ ପୋକଜୋକ ଖାଇ ସେ ଭାରି ମୋଟା ହୋଇଥିଲା । ଦିନେ ଖରାବେଳେ ସେ ଶୋଇଥିବାବେଳେ ସମୁଦ୍ରରୁ ଗୋଟିଏ ବେଙ୍ଗ ଆସି ସେହି କୂଅରେ ପଡିଲା । କୂଅ ବେଙ୍ଗର ନିଦ ଭାଙ୍ଗିଲା । ବଡ ପୋକଟିଏ ପଡିଲା ଭାବି ଖାଇବାକୁ ପ୍ରସ୍ତୁତ ହେଲା । କିନ୍ତୁ ଶିକାରକୁ ଦେଖି କୂଅ ବେଙ୍ଗ ଆଶ୍ଚର୍ଯ୍ୟ ହୋଇଗଲା । ରଙ୍ଗକଳା ନହେଲେ ମଧ୍ୟ ଏତ ତା'ପରି ଆଉ ଏକ ବେଙ୍ଗ । କୂଅ ବେଙ୍ଗଟି ଡରିଗଲା । ସମୁଦ୍ର ବେଙ୍ଗଟି କହିଲା ଡରନାହିଁ । ମୁଁ ଜଣେ ବିଦେଶୀ । କିନ୍ତୁ କୂଅ ବେଙ୍ଗଟି ତା'ସଙ୍ଗେ କଥାବା୍ତା ନକରି ଦୂରେଇ ରହିଲା । ସମୁଦ୍ର ବେଙ୍ଗ ଦେଖିଲା, ଏମୂର୍ଖ କୂଅ ବେଙ୍ଗ ସହ ଯୁକ୍ତି କରି କିଛି ଲାଭ ହେବ ନାହିଁ । ତେଣୁ ସେ କୂଅ ଛାଡି ଚାଲିଗଲା । କୂଅବେଙ୍ଗ ହସି ହସି କହିଲା, ହା ! ହା ! ସେ ଭାବିଥିଲା ମୋତେ ବୋକା ବନାଇବ । ମୋର ଏହି ବିରାଟ କୂଅ ପାଖରେ ସମୁଦ୍ର ଯେ କେତେ ଛୋଟ ।

✦ ✦ ✦



# ପିନୋକିଓ ଏଣ୍ଡୁଅର ଲୁଚକାଳି

ସମ୍ରାଟ ବେହେରା
ଅଷ୍ଟମ ଶ୍ରେଣୀ, ଧ୍ରୁବ

ପିନୋକିଓ ଏଣ୍ଡୁଅ ହେଉଛି ଏକ ବିରଳ ସରୀସୃପ । ଏହି ଏଣ୍ଡୁଅ ସୁନ୍ଦର ବୃକ୍ଷଲତା ଓ ଫୁଲଭରା ଦକ୍ଷିଣ ଆମେରିକାର କୁହୁଡ଼ିଆ ବଣରେ ଦେଖାଯାନ୍ତି । ଏହି ଏଣ୍ଡୁଅର ନାକ ପିନୋକିଓ ନାମକ କାଠ କଣ୍ଢେଇ ପରି ଦିଶେ । ତେଣୁ ଏହାର ନାମ ପିନୋକିଓ ଏଣ୍ଡୁଅ । ପ୍ରଥମେ ଏହି ଏଣ୍ଡୁଅ ୧୯୫୦ରେ ଆବିଷ୍କାର ହୋଇଥିଲା । ତା'ପରଠୁ ୧୫ବର୍ଷ ଯାଏ କାଁ ଭାଁ କେଉଁଠି କେମିତି ଦେଖା ଯାଉଥିଲା । ପରେ ୨୦୦୫ରେ କେତେକ ଗବେଷକ ରାସ୍ତାରେ ଏହାକୁ ଦେଖିଥିଲେ । ପୁନଶ୍ଚ ୨୦୧୦ରେ ହାର୍ଭର୍ଡ ବିଶ୍ୱବିଦ୍ୟାଳୟର ଦଳେ ଗବେଷକ ଏହାକୁ ଦେଖିଥିଲେ । ପିନୋକିଓ ଏଣ୍ଡୁଅର ଦେହ ଏମିତି ଯେ ସେ କୁହୁଡିଆ ବଣର ଗଛ ବୃଛ ମାନଙ୍କରେ ପଶିଥିଲା ବେଳେ ସହଜରେ ଆଖିରେ ପଡେ ନାହିଁ । ରାତିରେ ଆଲୁଅ ପଡିଲେ ତା ଦେହରଙ୍ଗ ଧଳାମିଶା ଶାଗୁଆ ଦେଖାଯାଏ । ତେଣୁ ତାହାକୁ ସହଜରେ ଦେଖିହୁଏ ।

ଏହାର ଲମ୍ବା ନାକଟି କାଠ ପରି ଟାଣୁଆ ହୋଇଥାଏ । ଲତା ପରି ଲକ୍ ଲକ୍ ହେଉଥାଏ । ୨୦୧୦ ମସିହାରେ ପିନୋକିଓର ଦର୍ଶନ ମିଳିଥିଲା ବୋଲି କେତେକ ବୈଜ୍ଞାନିକ ମତ ଦେଇଛନ୍ତି । ସେମାନେ ୩ବର୍ଷ ଧରି ତାକୁ ଖୋଜୁଥିଲେ । ପରେ ସେମାନେ ଏକ କୁହୁଡିଆ ବଣରେ ହେମାଳ ଝରଣାଟିଏ ପାରି ହେଉଥିବା ବେଳେ ଏହି ସୁନ୍ଦର ପିନୋକିଓଟି କାକରରେ ଭିଜି ପାଣିଠୁ ୨ମିଟର ଉଚ୍ଚରେ ନିଶ୍ଚିନ୍ତରେ ଶୋଇଥିବା ଦେଖି ସେମାନେ ତାର ଫଟୋ ଉଠାଇ ଆଣିଥିଲେ ବୋଲି ସେମାନଙ୍କ ଭିତରୁ ଜଣେ ଗବେଷକ ପ୍ରକାଶ କରିଥିଲେ ।

✦ ✦ ✦



# ଗୋବର ଗଣେଶ

**ଦେବପ୍ରଭା ଦାସ**
ଅଷ୍ଟମ ଶ୍ରେଣୀ, ଧ୍ରୁବ

**'ଛୁ**□ ସୂତା' କ୍ଲବ ଘରେ ଭାରି ଭିଡ । କ୍ଲବରେ ପୁରୁଣା ଓ ନୂଆ ସଭ୍ୟ ସମସ୍ତେ ଏକଜୁଟ ହୋଇଛନ୍ତି । ଖାଲିବାକି ଅଛି ଗୁଣ୍ଡୁଚି ଭାଇନାଙ୍କୁ । ସେ ଆସିଲେ ଗଣେଶ ପୂଜାର ଫାଇନାଲ ମିଟିଂଟା ଆରମ୍ଭ ହେବ । ରାତି ନଅଟା ହୋଇଗଲା । ଗୁଣ୍ଡୁଚି ବାବୁ ପହ□ ଗଲେ । କ୍ୟାରମ୍ ଚେସ୍ ଓ ତାସର ବଡ ବଡ ପସରା ପଡିଛି । ଦିଟା ବଲ ଜଳୁଛି । ରାସ୍ତାରେ ଯାଉଥିବା ଲୋକ ଗହଳି ଶୁଣି ଟିକିଏ କ୍ଲବ ଘରେ ଆଡେ କଣେଇ ଚାହୁଁଥାନ୍ତି ।

ମିଟିଂ ଆରମ୍ଭ ହେଲା । ମିଟିଂ ଉଦ୍ଦେଶ୍ୟ ହେଲା ଗଣେଶ ପୂଜା କେମିତି ହେବ । କଲୋନୀରେ ବଡ ଘରୁ ଶହେ ଏକ ଓ ସାନ ଘରୁ ଏକାବନ ଟଙ୍କା ଆଦାୟ ହେବ । ଦୋକନୀଙ୍କ କଥା ଅଲଗା ରେଟ୍ । ସେଟା ଗୁଣ୍ଡୁଚି ଭାଇନା ଲୋକ ଦେଖି ଆଦାୟ କରିବେ । ଅତି କମ୍‌ଟା ପା□ଶହ ଏକ ଟଙ୍କା ।

ଟଙ୍କା ଆଦାୟ କଥା ଶୁଣି ଗୁଣ୍ଡୁଚି ଭାଇ ରାଗି କରି ପାଟିକଲା । ରାଗରେ ତା କାନଗୁଡାକ ଫକ୍ ଫକ୍ ହେଉଥାଏ । 'ଭାଇରେ ! ତୁମର ଖାଲି ପଇସା ଚିନ୍ତାଟା ଆଗ ।' ସବୁ ବର୍ଷ ତ ଆଦାୟ ହେଉଛି ହେବ । ହେଲେ କିଏ କେଉଁ ଦାୟିତ୍ୱ ନେବ, ସେଇଟା ଠିକ୍ କର ।

ଜଣେ ଠିଆ ହୋଇ ପଡି କହି ପକାଇଲା "ଏଥରକ ଗଣେଶ ପୂଜା ୟୁନିକ୍ ଷ୍ଟାଇଲ ହବା ଦରକାର ।" ମୂ□ ବିଷୟରେ ସମସ୍ତେ ଭିନ୍ନ ଭିନ୍ନ ମତ ଦେଲେ । ଶେଷରେ ଗୋବରରେ ଗଣେଶ ତିଆରି ହେବ, ଯୋଜନା ହୋଇଗଲା । ଗୁଣ୍ଡୁଚି ଭାଇନା କଥାରେ ସମସ୍ତେ ଏକମତ ହୋଇଗଲା । ହେଲେ ଏତେ ଗୋବର ଆସିବ କୁଆଡୁ । ଚାନ୍ଦା ଆଦାୟ ଦୂରେ ଥାଉ ପ୍ରଥମେ ଗୋବର ସଂଗ୍ରହ ଯୋର ସୋରରେ ଆରମ୍ଭ ହୋଇଗଲା । ଗାଁ ଗଣ୍ଡା, ଗଳିକନ୍ଦି ଓ ରାସ୍ତାରୁ କ୍ଲବ ପିଲାମାନେ ଗୋବର ସଂଗ୍ରହ କଲେ । କାରିଗର ତାଟିରେ ଗୁଣେଶର ଛା□ ବସାଇ ଦେଲା । ନ'ଫୁଟ ଉଚ୍ଚର ଗଣେଶ ମୂ□ିତ ତିଆରି ହେବ । ଏଇଟା କ'ଣ ଛୋଟ କଥା ? ସାତ ଟ୍ରକ ଗୋବର ଗଦା ହୋଇଛି ।

ଗୁଣ୍ଡୁଚି ଭାଇନା ଭାରିବ୍ୟସ୍ତ । କ୍ଲବ ଘର ପାଖରେ ଠିଆ ହୋଇ ଦେଖିଲା ଲୋକେ ଗୋବରକୁ ଦେଖି ନାକ ଟେକି ଚାଲିଯାଉଛନ୍ତି । ସେତେବେଳକୁ ମୂ□ କାମ ଅଧା ସରିଗଲାଣି । ପ୍ରବଳ ଗନ୍ଧ ହେଉଥାଏ । କାରିଗରମାନେ ରାଗିକି ବିରକ୍ତ ହେଉଥାନ୍ତି । ଗୁଣ୍ଡୁଚି ଭାଇନା ମୁଣ୍ଡରେ ବୁଦ୍ଧି ପଶିଲା । ଦଶ କିଲୋ ଝୁଣା, କର୍ପୂର ଓ ଶ୍ରୀକର୍ପୂର ଗଣେଶଙ୍କ ପେଟରେ ଛାଡି ଦେଲେ ।

ଗଣେଶ ପୂଜା ପୂର୍ବଦିନ, ସୁଶାନ୍ତର ଡେକୋରେସନ୍ ଦେଖି ସମସ୍ତେ ଖୁସି । ହେଲେ ଭିତରକୁ ପଶିଗଲା ବେଳକୁ ଗୋବର ଗନ୍ଧରେ ଠାକୁରଙ୍କୁ କେହି ଦେଖିବାକୁ ଗଲେନି । ଶେଷରେ ଗୁଣ୍ଡୁଚି ଭାଇନା ଠାକୁରଙ୍କ ଉପରକୁ କର୍ପୂର ସ୍ପ୍ରେ କରିବାକୁ ନିର୍ଦ୍ଦେଶ ଦେଲା । ଗନ୍ଧ କଟିଗଲା । ଠାକୁରଙ୍କୁ ଦେଖିବାକୁ ଲୋକଙ୍କର ପ୍ରବଳ ଭିଡ । ଲୋକେ ଖୁସିରେ ଗୁଣ୍ଡୁଚି ଭାଇନାଙ୍କୁ ପ୍ରଶଂସା କଲେ । ଭାଇନାର ଛାତି ଗର୍ବରେ ଫାଟି ପଡୁଥାଏ ।

ଆଜି ଭସାଣି ଗଣେଶ ମେଢ଼ରେ ସଜା ହୋଇଛି । ବିମଳ ବାବୁ ବ୍ରାହ୍ମଣ ଲୋକ । ପୂଜା କରି ଗଣେଶଙ୍କ ହାତରେ ଲଡୁ ଓ ବେକରେ ଗଜରା ହାର ଗଳାଇ ଦେଲେ । ଗଣେଶଙ୍କ ଶୁଣ୍ଢକୁ, ପେଟକୁ ଓ ଲୋକଙ୍କ ପଟକୁ ତିନିଟା ବଡ ହାଲୋଜିନ୍ ଲାଗିଛି । ଚାରିଟା ସାଉଣ୍ଡ ବକ୍ସ ଟ୍ରଲିରେ ଥୁଆ ହେଲା । ପ୍ରଶେସନ ଆରମ୍ଭ ହୋଇଗଲା । ରଂଗବତୀ, ଲେଇଲେଇକା ନାଚ ଗୀତରେ ସମସ୍ତେ ନାଚୁଥାନ୍ତି । ଛକ ଉପରେ କୁମ୍ପି, ସୁତୁଲି ବାଣ ଫୁଟୁଥାଏ । ଧପଧପି ବାଣରେ ଆଖି ଝଲସି ଯାଉଥାଏ । ଟୁଟୁ ସାଉଣ୍ଡ ଆଣ୍ଡ ମେଲୋଡି ଭୁବନେଶ୍ୱରରୁ ଆସିଛି । ଗୁଣ୍ଡୁଚି ଭାଇ ମୁରବୀ ପରି ଆଗରେ ଚାଲିଥାନ୍ତି । ହଠାତ୍ ପଛକୁ ଚାହିଁ ଦେଖିଲା ଗଣେଶଙ୍କ ପେଟଟା ଜଳୁଛି । ଗୀତ୍ନନାଚରେ ରାସ୍ତାଯାକ କମ୍ପୁଛି ।

ହେଲେ ଠାକୁରଙ୍କ ପ୍ରତି କାହାର ଦୃଷ୍ଟି ନାହିଁ । ନିଆଁକୁ ଦେଖି ପ୍ରବଳ ହୋ ହଲ୍ଲା ଆରମ୍ଭ ହୋଇଗଲା । ଦଳାଚକଟା ଭିତରେ ଗୁଣ୍ଡୁଚି ଭାଇନା କଥାକୁ ଶୁଣୁଛି କିଏ ! ରାସ୍ତା ଉପରେ ଗୁଣ୍ଡୁଚି ଭାଇନା ଦରମରା ହୋଇ ପଡିଛନ୍ତି । ତା ସହ ଆଉ ଦଶପନ୍ଦର ପଡିଛନ୍ତି ଦମକଳବାଲା ଆସି ଗଣେଶଙ୍କ ପେଟକୁ ପାଣି ମାରିଚି । ସେ ନିଆଁ ଛାଡିବ ବା କାହିଁକି ? ଝୁଣାକର୍ପୂର ଓ ଗୋବର ହେତୁ ହୁ ହୁ ହୋଇ ଜଳୁଛି ।

ତା'ପରଦିନ ଖବର କାଗଜରେ ପ୍ରକାଶ ପାଇଲା, "ଭସାଣିରେ ଠାକୁର ଜଳିଗଲେ, ବାର ଜଣ ଆହତ ।"

✦ ✦ ✦



# ଅତିଲେମ୍ବୁ ଚିପୁଡିଲେ ପିତା

**ପ୍ରଦ୍ୟୁମ୍ନ ବେହେରା**
ଅଷ୍ଟମ ଶ୍ରେଣୀ, ଧ୍ରୁବ

**ଗୋ**ପାଳପୁର ନାମକ ଗ୍ରାମରେ ଏକ ମଧ୍ୟମ ବର୍ଗର ପରିବାର ବାସ କରୁଥିଲେ । ସେହି ପରିବାରରେ ତିନିଜଣ ସଦସ୍ୟ ଥିଲେ । ବାପା, ମାଆ ଓ ପୁଅ । ବାପା ଧନଶ୍ୟାମ ମାଆ ସେବତୀ ଓ ପୁଅ ରମେଶ । ଥରେ ଧନଶ୍ୟାମ ଓ ସେବତୀ ଭ୍ରମଣରେ ଗୋଟିଏ ଦୂର ଜାଗାକୁ ଗଲେ । ପୁଅ ରମେଶ ଘରେ ଏକୁଟିଆ କିଛିଦିନ ପର୍ଯ୍ୟନ୍ତ ରମେଶର ଜେଜେ ବାପା ତା ସାଙ୍ଗରେ ତା' ପାଖରେ ରହିଲେ ।

ଜେଜେବାପାକୁ କିଛି କିଛି କୁହୁକ ଜଣାଥିଲା । କିଛିଦିନ ରମେଶ ସାଙ୍ଗରେ ରହିଛନ୍ତି । ରମେଶ ତାଙ୍କର ବହୁ ସେବା ଯତ୍ନ କଲା । ହଠାତ୍ ଜେଜେବାପାଙ୍କର ଦେହ ଖରାପ ହୋଇଗଲା । ଗାଁରୁ ଡାକ୍ତରଖାନା ବହୁ ଦୂର । ତାଙ୍କୁ ଯିବାକୁ ବାଧ, ତେଣୁ ଜେଜେବାପା ରମେଶକୁ ଏକ କୁହୁକ କଠଉ ଦେଲେ । ଆଉ ମଧ୍ୟ କହିଲେ, ଏହି କଠଉ ପିନ୍ଧି ତୁ ଯେତେଥର ଡେଇଁବୁ ସେତେଥର ସୁନା ମୁଦ୍ରା ବାହାରିବ, ଯଦି ତୋର କିଛି ଦରକାର ହୁଏ ତେବେ ତୁ ବ୍ୟବହାର କରିବୁ । ଯଦି ବିନା କାରଣରେ ବା ଦରକାରରେ ବେଶି ବ୍ୟବହାର କରୁ ତୁ ଅସୁବିଧାର ସମ୍ମୁଖୀନ କରିବୁ । ଏତିକି କହି କଠଉ ରମେଶ ହାତରେ ଧରେଇ ଜେଜେ ବାପା ଡାକ୍ତରଖାନାକୁ ଚାଲିଗଲେ । ରମେଶ ଯାଇ ତାର ସାଙ୍ଗମାନଙ୍କୁ ସବୁକଥା କହିଲା । ସାଙ୍ଗମାନେ ଅତିଖୁସିରେ କହିଲେ କିଛି ଅସୁବିଧା ହେବ ନାହିଁ । ତୁ ଡରନା, ଜେଜେ ବାପା ଡରେଇବା ପାଇଁ ତତେ ଏମିତି କହିଛନ୍ତି । ରମେଶ ମନରୁ ଭୟ ଚାଲିଗଲା । ସେ କଠଉକୁ ପିନ୍ଧି ଡେଇଁବାକୁ ଲାଗିଲା । ଯାହା ଜେଜେ ବାପା କହିଥିଲେ ତାହା ହିଁ ହେଲା । ବିନା କାରଣରେ ଡେଇଁବାରୁ ରମେଶ ଏକ ବଡ ଅସୁବିଧାର ସମ୍ମୁଖୀନ ହେଲା । ସେ ଯେତେଯୋରରେ ଡେଇଁବାକୁ ଲାଗିଲା ତାର ଉଚ୍ଚା ସେତେ କମିବାକୁ ଲାଗିଲା । ସେ ଖୁସିରେ ଏତେ ଭାବ ବିହ୍ୱଳ ହୋଇ ଯାଇଥିଲା ସେ ନିଜ ଶରୀର ଉଚ୍ଚତା ବିଷୟରେ ଠିକ୍ ଭାବରେ ଜାଣି ପାରିଲା ନାହିଁ ।

ଠିକ୍ ସେହି ସମୟରେ ବାପା ଓ ମାଆ ଉଭୟ ଆସି ଘରେ ପହ□ିଲେ । ପୁଅ ରମେଶକୁ ଖୋଜଲେ । ହେଲେ ପୁଅ ଛୋଟ ହୋଇଯାଇଛି । ତେଣୁ ଦେଖିପାରିଲେ ନାହିଁ । କିନ୍ତୁ ଘରଟି ସୁନା ମୁଦ୍ରାରେ ଭ□ ଯାଇଛି । ସେ ଜେଜେବାପାଙ୍କୁ ଡାକିଲେ, ଜେଜେବାପା ରହସ୍ୟଟି ଜାଣିପାରିଲେ ଓ କଠଉଟିକୁ ଖୋଜିଲେ । କଠଉ ପାଖରେ ରମେଶ ଠିଆ ହୋଇଛି । ତାର ଉଚ୍ଚା ମୁଦ୍ରା ଠାରୁ ଛୋଟ ହୋଇଛି । ଜେଜେ ବାପା ତା'ପରେ ସେହି କଠଉଟିକୁ ଫିଙ୍ଗି ଦେଲେ ଓ ରମେଶ ପୂର୍ବ ଅବସ୍ଥା ଫେରି ପାଇଲା । ଏହି ଗଳ୍ପରୁ ଏହି ଶିକ୍ଷା ମିଳିଲା ଯେ ଲେମ୍ବୁ ଚିପୁଡିଲେ ରସ ବାହାରେ କିନ୍ତୁ ଅତି ମାତ୍ରାରେ ଚିପୁଡିଲେ ପିତା । ଏହାର ଭାବାର୍ଥଟି ଅତି ଦୃଢ଼ ଓ ମହତ୍ୱପୂର୍ଣ୍ଣ କାରଣ ଅତି ହିଁ ଇତିର କାରଣ ।

✦ ✦ ✦

# ଅଳସୁଆର ବୁଦ୍ଧି

**ବାସୁଦେବ ପଣ୍ଡା**
ଅଷ୍ଟମ ଶ୍ରେଣୀ, ପ୍ରହ୍ଲାଦ

**ଗୋ**ଟିଏ ଗାଁରେ ଭାରି ଅଳସୁଆ ଲୋକଟିଏ ଥିଲା । ତାର ନିଜର ବୋଲି କେହି ନଥିଲେ । ଗାଁ ଲୋକମାନେ ତାର ଭଲମନ୍ଦ କଥା ବୁଝୁଥିଲେ । ବୟସ ହେଲାରୁ ଗାଁ ଲୋକମାନେ ତାର ବାହାଘର କରାଇ ଦେଲେ । ତାର ସ୍ତ୍ରୀ ଦିନେ ତାକୁ କହିଲା, ଗାଁ ଲୋକ ଆମକୁ ଆଉ କେତେଦିନ ଚଳାଇବେ ? ତୁମେ କିଛି କାମ କର । ସେ ଠିକ୍ ଅଛି କହି ତା' ପରଦିନ କିଛି ଖାଦ୍ୟ ନେଇଗଲା । ବରଗଛଟିଏ ଦେଖି ତା'ର ଛାଇରେ ଶୋଇଲା ଓ ସନ୍ଧ୍ୟାରେ ଘରକୁ ଫେରିଲା । ତା'ର ସ୍ତ୍ରୀକୁ କହିଲା ବହୁତ ବଢ଼ିଆ କାମ ମିଳିଛି । ଏପରି ପ୍ରତିଦିନ ଯାଏ ଓ ଶୋଇ ଘରକୁ ଫେରେ । ମାସେ ଦିମାସ ଗଲା । ପଇସା ନଦେବାରୁ ତା'ର ସ୍ତ୍ରୀ ପଚାରିବାରୁ ସେ କହିଲା, "ଦେବେ ଦେବେ", ତାର କଥାରୁ ସେ ମିଛ କହୁଛି ବୋଲି ତା'ର ସ୍ତ୍ରୀ ବୁଝିଲା ଓ ଖୁବ୍ ରାଗିଯାଇ ତା'ପରଦିନ ତା ଜଳଖିଆରେ ବିଷ ଦେଇଦେଲା । କୋଢ଼ିଆ ଶୋଇଥିବା ବେଳେ ଗୋଟିଏ ହାତୀ ତା'ର ଜଳଖିଆ ଖାଇ ମରିଗଲା । ସୈନିକମାନେ ତାକୁ ଉଠାଇ ରାଜାଙ୍କୁ ପାଖକୁ ନେଲେ । ରାଜା ତାକୁ ପଚାରିଲେ, ତମେ ହାତୀଟାକୁ ମାରିଛ । କୋଢ଼ିଆ ଲୋକଟି ହଁ କହିଲା । ରାଜା କେମିତି ବୋଲି ପଚାରିବାରୁ ସେ କହିଲା, ମୁଁ ଶୋଇଥିବା ବେଳେ ହାତୀ ମୋ ଛାତି ଉପରେ ଗୋଡ ରଖିଦେଲା । ମୁଁ ମଶାଟିଏ ଭାବି ଗୋଟିଏ ଚାପୁଡା ମାରିଲି ଓ ସେ ମରିଗଲା । ରାଜା ଏତେ ଶକ୍ତିଶାଳୀ ଲୋକ ଦେଖି ତାକୁ ସାବାସୀ ଦେଲେ । ମରିଥିବା ହାତୀଟି ଗୋଟିଏ ପାଗଳ ହାତୀ ଥିଲା । ତେଣୁ ରାଜା ସେଇ ଅଳସୁଆ ଲୋକଟିକୁ ଲକ୍ଷେ ଟଙ୍କା ଦେଲେ । ସେ ଘରକୁ ଫେରି ଟଙ୍କାତକ ସ୍ତ୍ରୀକୁ ଦେଇ କହିଲା । ତା'ର ସ୍ତ୍ରୀ ଖୁସିହେଲା ଓ ପରେ ଦୁହେଁ ସୁଖରେ ରହିଲେ ।

ନୀତିଶିକ୍ଷା - ବୁଦ୍ଧି ହିଁ ବଳ । ଏହି ବଳ ସାହାଯ୍ୟରେ ମନୁଷ୍ୟ ସବୁ କିଛି କରିପାରେ ।

✦ ✦ ✦

# ଦୁଇଟି ପ୍ରଜାପତି




**ଆକାଂକ୍ଷା ଦାସ**
ଅଷ୍ଟମ ଶ୍ରେଣୀ, ଧ୍ରୁବ

**ନୀ**ଳହ୍ରଦ କୂଳରେ ବୁଢ଼ୀଟିଏ ଘର କରି ରହୁଥାଏ । ହ୍ରଦ କୂଳକୁ ଲାଗି ବୁଢ଼ୀର ସୁନ୍ଦର ଫୁଲ ବଗିଚାଟିଏ ଥାଏ । ପାଖ ନୋଳିଆ ଗାଁର ଲୋକମାନେ ବୁଢ଼ୀକୁ ଭାରି ଭଲ ପାଆନ୍ତି । କେବେ କେବେ ବୁଢ଼ୀ ପାଇଁ ମାଛ ନେଇ ଆସନ୍ତି । ମାଛ ରଖି ବୁଢ଼ୀ ସେମାନଙ୍କୁ ସୁନ୍ଦର ଫୁଲରୁ କିଛି ଦିଏ । ସେମାନେ ମନ ଖୁସିରେ ଫୁଲ ନେଇ ଫେରନ୍ତି ।

ନୋଳିଆମାନେ କେମିତି କ'ଣ ଜାଣିପାରିଲେ, ବୁଢ଼ୀ କିଛି କିମିଆଁ ଜାଣିଛି । କାରଣ ରାତିରେ ବୁଢ଼ୀ ଘରଟି ଆଲୁଅରେ ଝଲମଲ୍ ଦିଶେ । କେତେକ ବୁଢ଼ୀ ଘରେ ଛୋଟ ଛୋଟ ସୁନ୍ଦରୀ ପରୀମାନଙ୍କୁ ଦେଖିଛନ୍ତି ବୋଲି କହନ୍ତି । ସେମାନେ ବୁଢ଼ୀକୁ ବଗିଚା ଦେଖାରଖା କରିବାରେ ସହାଯ୍ୟ କରନ୍ତି । କିନ୍ତୁ ସେମାନେ ରାତିରେ ଆସନ୍ତି ଦିନରେ ନୁହେଁ । ଦିନେ କୁଆଡୁ ଦିଜଣ ସ୍ୱାମୀ ସ୍ତ୍ରୀ ଆସିଲେ । ସେମାନେ ଭାରି ଅହଙ୍କାରୀ । ଅସୁନ୍ଦର ଜିନିଷ ଆଖିରେ ପଡିଲେ ମୁହଁ ବୁଲେଇ ସେଠାରୁ ଚାଲି ଯାଆନ୍ତି ।

ସେମାନେ ବୁଲୁ ବୁଲୁ ହ୍ରଦର ପାଖରେ ଥିବା ବୁଢ଼ୀ ବଗିଚାକୁ ଦେଖିଲେ । ସେମାନଙ୍କୁ ବଗିଚାର ଫୁଲ ବହୁତ ଭଲ ଲାଗିଲା । ସେମାନେ ବୁଢ଼ୀକୁ ନପଚାରି ବଗିଚା ଭିତରେ ପଶିଲେ ଓ ଫୁଲ ତୋଳିଲେ । ଏକଥା ଦେଖି ବୁଢ଼ୀର ରାଗ ହେଲା ଓ ସେମାନଙ୍କୁ ବଗିଚାରୁ ବାହାରିଯିବାକୁ କହିଲା ।

କିନ୍ତୁ ବୁଢ଼ୀକୁ ଆଡ ଆଖିରେ ଚାହିଁଲେବି ନାହିଁ । ବୁଢ଼ୀକୁ ଭାରି ଦୁଃଖ ଲାଗିଲା । ତେଣୁ ସେ ତାଙ୍କ ଦେହରେ ନିଜ କୁହୁକ ବେତଟି ଛୁଆଁଇ ଦେଇ କହିଲା, "ତୁମେମାନେ କେବଳ ସୁନ୍ଦର ଜିନିଷ ପସନ୍ଦ କରୁଛ । ତେଣୁ ତୁମେମାନେ ସବୁଠାରୁ ସୁନ୍ଦର କୀଟ ହୋଇଯାଅ ।" ଚାହୁଁ ଚାହୁଁ ସ୍ୱାମୀ ସ୍ତ୍ରୀ ଦୁଇଜଣ ବିଚିତ୍ର ରଙ୍ଗର ଦୁଇଟି ପ୍ରଜାପତି ପାଲଟି ଗଲେ ଓ ଫୁଲରୁ ଫୁଲକୁ ଉଡିବୁଲିଲେ ।

✦ ✦ ✦



# ଜଙ୍ଗଲ ସୁରକ୍ଷା

**ସୋନାଲି ସାହୁ**
ଅଷ୍ଟମ ଶ୍ରେଣୀ, ଏକଲବ୍ୟ

**ଥ**ରେ ଏକ ଜଙ୍ଗଲରେ ମହାରାଜ ବାଘ ମନ ଦୁଃଖରେ ବସିଥିଲେ । ସେହି ବାଟଦେଇ ଶୃଗାଳଟିଏ ଯାଉଥିଲା । ବାଘକୁ ପଚାରିଲା, "ମହାରାଜ, ଆଜି ମନ ଦୁଃଖରେ କାହିଁକି ବସିଛନ୍ତି, କ'ଣ କିଛି ଅଘଟଣ ଘଟିଛି କି ?" ବାଘ କହିଲେ, ହଁ ଅଘଟଣ ତ ଘଟି ଚାଲିଛି ! ଦେଖୁନୁ ଏ ଜଙ୍ଗଲର ଅବସ୍ଥା ! ମୁଁ ଜାଣିଛି ଏ ଜଙ୍ଗଲ କେତେଘ□ ଥିଲା । ମଣିଷ ଗଛକାଟି ନେଇଛି । ପାଣିପାଗ, ପରିବେଶ ଏସବୁକୁ ପରା ଜଙ୍ଗଲ ପ୍ରଭାବିତ କରେ । ମଣିଷ ଏକଥା ଜାଣି ମଧ୍ୟ ଗଛକଟା ବନ୍ଦ କରୁନି । ଏମିତି ଲାଗି ରହିଲେ ଅବସ୍ଥା କ'ଣ ହେବ ଚିନ୍ତା କଲୁ ? କେତେଟା ବର୍ଷରେ ଜଙ୍ଗଲ ପଦା ହୋଇଯିବ । ଆମ ଭବିଷ୍ୟତ ବଂଶଧର ରହିବେ କେଉଁଠି ? ବ□ିବେ କେମିତି ? ବାଘର ପାଦ ପାଖକୁ ଲାଗିଯାଇ ଲାଞ୍ଜ ହଲାଇ ଶୃଗାଳ କହିଲା, ଏଇ କଥାକୁ ଏତେ ଚିନ୍ତା ? ଆମେ ଏଇଠୁ ଅନ୍ୟ ଜଙ୍ଗଲକୁ ପଳେଇବା । ଆରେ, ତୁ ଏତେ ଚତୁର ହୋଇ ମୂର୍ଖ ଭଳି କ'ଣ କହୁଛୁ ? ମଣିଷ ସବୁଠି ଅଛନ୍ତି । ଆଉ ସବୁ ଜଙ୍ଗଲର ଏହି ଅବସ୍ଥା । ଆମକୁ ଆଉ କେଉଁଠି ବି ଜାଗା ମିଳିବନି । ତେଣୁ ଠିକ୍ କରିଛ, ଆମ ଜଙ୍ଗଲରେ ସବୁଛୁଆ ମାନଙ୍କୁ ଶିକ୍ଷିତ କରିବାକୁ ପଡିବ । ଏଇଠି ଏକ ଆବାସିକ ଶିଶୁ ମନ୍ଦିର କରିବା । ଏଠାରେ ସବୁ ପଶୁମାନଙ୍କ ଛୁଆ ରହି ପାଠ ପଢ଼ିବେ । ଜ୍ଞାନ ବଢ଼ିଲେ ସେଇମାନେ ହିଁ ଜଙ୍ଗଲର ସୁରକ୍ଷା କରିପାରିବେ । ବାଘ କଥା ଶୃଗାଳ ମନକୁ ପାଇଲା । ସେ ଖୁସିରେ ତା ଚାରିପଟେ ଘେରାଏ ନାଚି ଆସିଲା । କହିଲା ଆମ ଭିଟା ମାଟିକୁ ଆମେ ବ□ାଇ ରଖିବା । ଜଙ୍ଗଲ ନଷ୍ଟ ହେବାକୁ ଦେବାନି । ମୁଁ ବୁଲି ବୁଲି ଜଙ୍ଗଲର ସମସ୍ତଙ୍କୁ ଏକଥା ଜଣାଇ ଦେବି । ଶୃଗାଳ ଡେଇଁ ଡେଇଁକା ସେଠାରୁ ଚାଲିଗଲା । ତା' ପରଦିନ ବାଘ ମହାରାଜ ଦେଖିଲେ ତାଙ୍କ ଆଶା ସଫଳ ହୋଇଛି । ଜଙ୍ଗଲ ପଶୁମାନେ ଆବାସିକ ଶିଶୁ ମନ୍ଦିର ପାଇଁ ଘରଟିଏ କରିସାରିଛନ୍ତି । ବାଘ ମହାରାଜା ଶିଶୁ ମନ୍ଦିରର ସଭାପତି, ଶୃଗାଳ ହେଲା ସଂପାଦକ । ଶିକ୍ଷାଦାନ କରିବେ ଗୁରୁଜୀ ଭଲ୍ଲୁକ । ପାଠପଢ଼ା ଆରମ୍ଭ ହେଲା । ପ୍ରଥମେ ଜଙ୍ଗଲର ସୁରକ୍ଷା ବିଷୟକୁ ପଢ଼ାଇଲେ ଗୁରୁଜୀ । ସେ କହିଲେ, "ଜଙ୍ଗଲ ଆମର ସମ୍ପ□ । ଏହା ଆମର ବାସସ୍ଥାନ । ମଣିଷ ଆମ ବାସସ୍ଥାନକୁ ନଷ୍ଟ କରିଚାଲିଛି । ଆମ ପଶୁପକ୍ଷୀଙ୍କ ଜୀବନ ଏବେ ବିପଦରେ । ତେଣୁ ଆମର ପ୍ରଥମ କ□ବ୍ୟ ଜଙ୍ଗଲ ପ୍ରଦେଶର ସୁରକ୍ଷା । ମଣିଷକୁ ଜଙ୍ଗଲ ଭିତରକୁ ପଶିବାକୁ ଦେବାନି ।" ତମ ଭିତରୁ ଜଣେ ଲେଖାଏଁ ପ୍ରତିଦିନ ଜଙ୍ଗଲର ପ୍ରବେଶ ବାଟକୁ ଜଗିବ । କାଲିଠୁ ପାଳିକରି ତମେ ଏକାର୍ଯ୍ୟ କରିବ । ଆମର ସ୍ଲୋଗାନ ଜଙ୍ଗଲ ସୁରକ୍ଷା-ଜୀବନ ରକ୍ଷା । ଗୁରୁଜୀଙ୍କ ସହିତ ଛୁଆମାନେ ସମସ୍ତେ ଏହି ସ୍ଲୋଗାନ ଦେଲେ । ପ୍ରଥମ ଦିନ ପାଳି ପଡିଲା ଠେକୁଆ ଛୁଆର । ଜଙ୍ଗଲର ପ୍ରବେଶ ବାଟରେ ପହରା ଦେଲା । ମଣିଷ ଆସିଲା ଜଙ୍ଗଲ ଭିତରକୁ ଯିବାକୁ । ଠେକୁଆ ଛୁଆ ତାକୁ ଛାଡିଲାନି । କହିଲା, "କୁଆଡେ ତୁ ପଶି ଆସୁଛୁ । ଆଜିଠୁ ତୋ ପାଇଁ ଏ ଜଙ୍ଗଲ ମନା, ତୁ ଫେରିଯା ।" ମଣିଷ କହିଲା, "ଫେରିଯିବି, ଏତେ ବକଟେ ଠେକୁଆ ଛୁଆ ।" ତୋର ଏତେ ସାହସ, ମୋତେ ତୁ ବାରଣ କରୁଛୁ ? ଆରେ ମୁଁ ନିତି ଏଜଙ୍ଗଲରୁ ଗଛ କାଟୁଛି । ଆଜି ତୁ ବାରଣ କରିବାକୁ କିଏ ? ଏତକ କହିସାରିବା ପରେ ମଣିଷର ଠେକୁଆ ଛୁଆକୁ ଧରିନେବାକୁ ଇଛା ହେଲା । ଠେକୁଆ ଛୁଆକୁ ବି ଭୋକ କରୁଥିଲା । ସେ ଖାଦ୍ୟ ଲୋଭରେ ଯାଇ ଜାଲରେ ପଡିଯିବାରୁ ମଣିଷ ତାକୁ ନେଇ ଘରକୁ ଚାଲିଗଲା । ଦ୍ୱିତୀୟ ଦିନ ହରିଣ ଛୁଆର ପାଳି । ସେ ଜଙ୍ଗଲର ପ୍ରବେଶ ବାଟରେ ପହରା ଦେଲା । ସେଦିନ ବି ମଣିଷ ଆସିଲା । ହରିଣ ଛୁଆ ତାକୁ ଛାଡିଲାନି ଜଙ୍ଗଲ ଭିତରକୁ । ମଣିଷ ସେଦିନ ବି କୌତୁକିଆ ଜୀବଟିକୁ ଧରିବା ପାଇଁ ଇଛା କଲା । ସୁସ୍ୱାଦୁ ଖାଦ୍ୟ ରଖି ଜାଲ ବିଛାଇ ଦେଲା । ହରିଣ ଛୁଆ ଖାଦ୍ୟ ଲୋଭରେ ଛନ୍ଦି ହୋଇଗଲା ଜାଲରେ, ମଣିଷ ତାକୁବି

ନେଇଗଲା ଘରକୁ । ତୃତୀୟ ଦିନ ଭାଲୁ ଛୁଆର ପାଳି । ସେ ବି ଜାଲରେ ପଡି ଧରା ହୋଇଗଲା । ଚତୁର୍ଥ ଦିନ ସକାଳୁ ବାଘ ଆସିଲା । ବାଘ ଛୁଆ ତାକୁ ଜଙ୍ଗଲ ଭିତରକୁ ଛାଡିଲାନି । ଉଭୟଙ୍କ ଭିତରେ ଚାଲିଲା  କଥା କଟାକଟି । ମଣିଷ ବାଘ ଛୁଆ ପାଇଁ ଜାଲରେ ସୁଆଦିଆ ଖାଦ୍ୟ ରଖି ବିଛାଇ ଦେଲା । ଖାଦ୍ୟ ଲୋଭରେ ବାଘ ଛୁଆ ଯାଇ ଜାଲରେ ଛନ୍ଦି ହୋଇଗଲା । ତା'ପରେ ମଣିଷ ବାଘ ଛୁଆକୁ ଧରି ନେଲା । ଗୁମ୍ଫା ଭିତରେ ରହି ବାଘ ଏସବୁ ଦେଖୁଥିଲା । କାଳ ବିଳମ୍ବ ନକରି ତା'ଭିତରୁ ବାହାରି ଲମ୍ଫ ଦେଲା ମଣିଷ ଉପରକୁ । ବାଘକୁ ଦେଖି ମଣିଷ ଛାନିଆ । ସେ ବାଘ ଛୁଆକୁ ଛାଡି ଦୌଡି ପଳେଇବାକୁ ଚେଷ୍ଟା କଲାବେଳେ ବାଘ ଧରିନେଲା ତାକୁ । ବାଘ କହିଲା "କୁଆଡେ ପଳେଇବୁ ?" ତୋର ସବୁ ଯୋଜନା ଆଜି ମୁଁ ଜାଣିପାରିଛି । ତୋତେ ମୁଁ ଆଜି ଛାଡିବିନି । କହ, ସେମାନଙ୍କୁ ନେଇ କ'ଣ କରିଛୁ ? ମଣିଷ ଭାବିଲା, ବାଘ ଆଜି ତାକୁ ନିଶ୍ଚୟ ଖାଇବ । ତଥାପି ସାହସ ବାନ୍ଧି କହିଲା, "ବାଘ ମହାରାଜ ମୋର ଭୁଲ୍ ହୋଇଛି । ମୋତେ କ୍ଷମା କରିଦିଅ ।" ବାଘ କହିଲା, "ଯଦି କ୍ଷମା ଚାହୁଁଛୁ ତେବେ ଆମ ପଶୁଛୁଆ ତିନିଟାକୁ ଆଣି ଫେରାଇ ଦେ" । ସେତେବେଳେକୁ ଭଲ୍ଲୁକ ଗୁରୁଜୀ ଓ ଆବାସିକ ବିଦ୍ୟାଳୟର ସମସ୍ତ ପଶୁଛୁଆ ସେଠାରେ ଆସି ପହ□ିଗଲେଣି ।" ମଣିଷ ମନେ ମନେ ସେମାନଙ୍କୁ ଦେଖି ଭାବିଲା, କି ସୁନ୍ଦର ଗୁଲଗୁଲିଆ ପଶୁଛୁଆ ଗୁଡିକ । ସେ ପୁଣି କହିଲା, "ମୁଁ ଆଜି ଠିକ୍ ବୁଝି ପାରିଛି । ପଶୁଛୁଆ ମାନେ ଏଇ ଜଙ୍ଗଲର ଶୋଭା ବଢ଼ାଇବେ । ଏମାନେ ହିଁ ଜଙ୍ଗଲର ସମ୍ପ□ । ଆପଣ ମୋ ସାଙ୍ଗରେ ଆସନ୍ତୁ । ମୁଁ ସେଇ ତିନିଜଣ ଛୁଆଙ୍କୁ ଫେରାଇଦେବି । "ବାଘ ମହାରାଜ ଖୁସି ହୋଇଗଲା । ସମସ୍ତେ ମଣିଷ ଘରକୁ ଯାଇ ଅପହୃତ ତିନି ଛୁଆଙ୍କୁ ନେଇ ଆସିଲେ । ଖୁସିରେ ନାଚି ଉଠିଲେ ସମସ୍ତେ । ପୁଣି ଜଙ୍ଗଲ ଘ□ ଓ ସବୁଜ ହୋଇଗଲା ।

ଆଜିଠାରୁ ଏଜଙ୍ଗଲ କାଟିବା ବନ୍ଦ ହେଲା । ଏକଥା ମୁଁ ଆମ ମଣିଷମାନଙ୍କ ମଧ୍ୟରେ ପ୍ରଚାର କରିବି ଯେ, ଜଙ୍ଗଲ ହିଁ ଜୀବନ ।

✦ ✦ ✦



# ଈର୍ଷା ଧ୍ୱଂସକୁ ଡାକି ଆଣେ

**ଅଭିଶେକ କୁମାର ସାହୁ**
ନବମ ଶ୍ରେଣୀ, ଏକଲବ୍ୟ

**ଗୋ**ଟିଏ ଗ୍ରାମରେ ମାଧବ ଏବଂ କେଶବ ନାମରେ ଦୁଇଜଣ କୁଶଳୀ କୃଷକ ବାସ କରୁଥିଲେ । ମାଧବ ଥିଲା ବୁଦ୍ଧିମାନ ଓ ପରିଶ୍ରମୀ । ସେ ସର୍ବଦା ଆନନ୍ଦିତ ରହୁଥିଲା । କିନ୍ତୁ କେଶବ ଥିଲା ଅଳସୁଆ, ଜଞ୍ଜାଳଗ୍ରସ୍ତ ଏବଂ ଦୁଃଖି । ସେ ମାଧବକୁ ଏତେ ପରିମାଣରେ ଈର୍ଷା କରୁଥିଲା ଯେ, ସେ ମାଧବର ଆନନ୍ଦିତ ଚେହେରା ଦେଖିବା ମାତ୍ରେ କେଶବ ରାଗି ଉଠୁଥିଲା । ମାଧବର ଅଧଃପତନ ପାଇଁ ସେ ଭଗବାନଙ୍କୁ ପ୍ରାର୍ଥନା କରୁଥିଲା ।

ମାଧବ କଠୋର ପରିଶ୍ରମ କରି ଏକଦା ତା'ର ଜମିରେ ଏକ ଉତ୍କୃଷ୍ଟ ଧରଣର ବଡ କଖାରୁଟିଏ ଫଳାଇ ଥିଲା । କଖାରୁଟିର ବାହାର ଅଂଶଟି ଥିଲା ଇନ୍ଦ୍ରଧନୁର ସାତରଙ୍ଗ ଏବଂ କଖାରୁଟି ଅତ୍ୟନ୍ତ ବଡ ଥିଲା । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା କଖାରୁଟି ବଡ ଥିବାରୁ ଏହା ଏକ ରାଜମହଲ ଭଳି ଦୃଶ୍ୟ ମନେ ହେଉଥିଲା ।

ମାଧବ ଅନୁଭବ କଲାଯେ, ଏହି ଆଶ୍ଚର୍ଯ୍ୟ କଖାରୁଟି ରାଜାଙ୍କ ପାଇଁ ଯୋଗ୍ୟ ଉପହାର ହେବ । ଏହା ଭାବି ସେ କଖାରୁଟି ଶଗଡ ଦ୍ୱାରା ନେଇ ରାଜାଙ୍କ ରାଜ ଦରବାରରେ ପହ□ିଲା ଏବଂ ରାଜାଙ୍କ ପାଦ ତଳେ ଭେଟି ଦେଲା । ଏହି ଆଶ୍ଚର୍ଯ୍ୟ କଖାରୁଟି ଦେଖି ରାଜା ଅତ୍ୟନ୍ତ ଆନନ୍ଦିତ ହେଲେ ଏବଂ ଖୁସି ହୋଇ ମାଧବକୁ ଏକ ସୁନ୍ଦର ଘରଟିଏ ଉପହାର ଦେଲେ ।

ଏକଥା ଶୁଣି କେଶବ ମାଧବ ପ୍ରତି ଈର୍ଷାନ୍ୱିତ ହେଲା । ଦିନରାତି ତାକୁ ଆଉ ନିଦ ହେଲା ନାହିଁ । ସେ ଭାବିଲା "ମାଧବ ଯେପରି ରାଜାଙ୍କୁ ଗୋଟିଏ ସାମାନ୍ୟ ଘର ପରି ଦେଖିବାକୁ କଖାରୁଟିଏ ଉପହାର ଦେଇ ଯଦି ଏକ ଘରଟିଏ ପାଇଲା," ତେବେ ମୁଁ ରାଜାଙ୍କୁ ସୁନ୍ଦର ଘରଟିଏ ଦେବି, ସେ ଆନନ୍ଦ ହୋଇ ମୋତେ ହୁଏତ ଦୁଇଟି କିମ୍ବା ତିନୋଟି ଘର ଦେବେ । ଏହା ଭାବି ସେ ତା'ର ସମସ୍ତ ଜମିବାଡି ଓ ଗାଈଗୋରୁ ବିକ୍ରି କରିଦେଲା ଏବଂ ସେହି ଟଙ୍କାରେ ଏକ ସୁନ୍ଦର ଘରଟିଏ ତିଆରି କଲା ଓ ରାଜାଙ୍କୁ ଘରଟିକୁ ଉପହାର ଦେଲା । କେଶବ କେଉଁଥି ପାଇଁ ଉପହାର ଦେଲା ରାଜା ଜାଣିପାରିଲେ ନାହିଁ । ରାଜା ତାଙ୍କର ଚତୁରମନ୍ତ୍ରୀ ସୁବାଷକୁ ଏକଥା ବୁଝିବାକୁ କହିଥିଲେ ଏବଂ କେଶବକୁ ଏକ ଯୋଗ୍ୟ ଉପହାର ଦେବା ପାଇଁ ରାଜା କହିଲେ ।

ଚତୁରମନ୍ତ୍ରୀ ସୁବାଷ କେଶବ ସହିତ କଥା ହୋଇ ଜାଣି ପାରିଲେ, ଯେ ସେ କେବଳ ଈର୍ଷା ପରାୟଣ ହୋଇ କେଶବ ରାଜାଙ୍କୁ ଗୋଟିଏ ଘର ଦେଇଛି । ତେଣୁ ମନ୍ତ୍ରୀ ସୁବାଷ ରାଜାଙ୍କୁ କହିଲେ, ହେ ମହିମା ପୂର୍ବ ଚାଷୀଠାରୁ କଖାରୁ ପାଇ ଆପଣ ତାକୁ ଏକ ସୁନ୍ଦର ଘରଟିଏ ଦେଲେ । ଏହି ଚାଷୀଟି ଆପଣଙ୍କୁ ଗୋଟିଏ ଘର ଦେଇଥିବାରୁ ତାକୁ କଖାରୁଟିଏ ଦେଇ ଦିଅନ୍ତୁ ।

ରାଜାଙ୍କ ଠାରୁ ସାଧାରଣ କଖାରୁଟିଏ ପାଇବାରୁ କେଶବ ହତାଶରେ ଭାଙ୍ଗିପଡିଲା । ସେ ନିଜର ସମ୍ପ□ିକୁ ବିକ୍ରି କରି ଦେଇଥିଲା । ଈର୍ଷାର ବଶବ□ୀ ହୋଇ ସେ ନିଜର ସର୍ବନାଶ କଲା ଓ ଅନ୍ୟମାନଙ୍କ ଆଗରେ ଲଜ୍ଜିତ ଓ ଅପମାନିତ ହୋଇଥିଲା । ଏହାର ମୂଳ କାରଣ ହେଲା ଈର୍ଷା । ତେଣୁ ଈର୍ଷା ହିଁ ଧ୍ୱଂସକୁ ଡାକିଆଣେ ।

✦ ✦ ✦

# ଭଗବାନ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ

**ସତ୍ୟଜିତ୍ ସାମନ୍ତରାୟ**
ନବମ ଶ୍ରେଣୀ, ଧ୍ରୁବ

**ଥ**ରେ ଆକବର ବୀରବଲ ବସି ପଶା ଖେଳୁଥିଲେ । ଏବଂ ଫଳ ଖାଉଥିଲେ । ଆକବର ଫଳ କାଟୁ କାଟୁ ତାଙ୍କ ଆଙ୍ଗୁଠି କଟିଗଲା । ଯାହା ଫଳରେ ଆକବରଙ୍କ ହାତରୁ ରକ୍ତ ବୋହି ଚାଲିଲା ଏବଂ ସେ କନା ଗୁଡାଇ ଦେଲେ । କିନ୍ତୁ ବୀରବଲ ଏହାକୁ ଦେଖି କହିଲେ, ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ । ରାଜା ଖୁବ୍ ରାଗିଯାଇ ଆଦେଶ ଦେଲେ ବୀରବଲଙ୍କୁ ବନ୍ଦୀ ଘରେ ରଖିଦିଅ ।

ତାହା ପରେ ଆକବର ଶୀକାର କରିବାକୁ ଚାଲିଗଲେ । ଗୋଟିଏ ବାଘକୁ ଜଙ୍ଗଲରେ ଦେଖି ତାର ପିଛାକଲେ । ପିଛା କରୁ କରୁ ସେ ବିଶାଳ ଜଙ୍ଗଲ ଭିତରେ ହଜିଗଲେ । ତାଙ୍କ ସୈନ୍ୟ ସାମନ୍ତ ଅନ୍ଧାର ହେବାରୁ ତାଙ୍କୁ ଖୋଜିବାକୁ ଗଲେ । କିନ୍ତୁ କେହି ଆକବରଙ୍କୁ ପାଇଲେନି । ଆକବରଙ୍କୁ ଦେଖି ଜଙ୍ଗଲର ଆଦିବାସୀମାନେ ଧରିନେଲେ ଏବଂ ତାଙ୍କୁ ବନଦେବୀଙ୍କ ନିକଟରେ ବଳିଦେବା ପାଇଁ ଗୋଟିଏ ଗଛରେ ବାନ୍ଧିଦେଲେ ।

କିଛି ସମୟରେ ଆଦିବାସୀଙ୍କ ସର୍ଦ୍ଦାର ଆସିଲେ ଏବଂ ତାଙ୍କୁ ଦେଖିଲେ କହିଲେ, ୟାକୁ ଠିକ୍ ଭାବରେ ଦେଖ । ଯେମିତି ଏହାର ଶରୀରରେ କିଛି ଖୁଣ ନଥିବ । ନହେଲେ ମା'ଦୁର୍ଗା ପ୍ରସନ୍ନ ହେବେ ନାହିଁ । ତା'ପରେ ସିପାହୀ ଶରୀର ଦେଖି ଆଙ୍ଗୁଠି ଖଣ୍ଡିଆ ହୋଇଯାଇଛି ବୋଲି କହିଲେ । ଏ ବଳୀ ପାଇଁ ଯୋଗ୍ୟ ନୁହେଁ, ଯେଉଁଠୁ ଆଣିଥିଲ ସେଇଠି ଛାଡିଦିଅ ବୋଲି ତାଙ୍କ ସର୍ଦ୍ଦାର କହିଲା ।

ରାଜା ନିଜର ସୈନ୍ୟସାମନ୍ତଙ୍କୁ ଦେଖିଲା ମାତ୍ରେ ରାଜ୍ୟକୁ ଫେରିଆସିଲେ ଏବଂ ନିଜ ଭୁଲ ବୁଝି ପାରିଲେ । ତାହା ପରେ ବୀରବଲଙ୍କୁ ବନ୍ଦୀଶାଳାରୁ ଫେରାଇ ଆଣି କହିଲେ, ବୀରବଲ ତମେ ଯାହା କହିଥିଲ ତାହା ଅକ୍ଷରେ ଅକ୍ଷରେ ସତ ।

ତେଣୁ କୁହାଯାଇଛି, ଭଗବାନଙ୍କ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ ।

ଆଦିବାସୀଙ୍କ କବଳରୁ ନିଶ୍ଚିତ ମୃତ୍ୟୁରୁ ଫେରି ରାଜା ଚିନ୍ତାକଲେ, ତାଙ୍କ ହାତ ଆଙ୍ଗୁଳିର କ୍ଷତ ପାଇଁ ସେ ଭଗବାନଙ୍କ ଦୟାରୁ ବ□ିଗଲେ ।

✦ ✦ ✦



# ସଫଳତାର ଚାବିକାଠି-ଆଶା ଓ ବିଶ୍ୱାସ

**ପ୍ରଜ୍ଞା ନିବେଦିତା ସାହୁ**
ଦଶମ ଶ୍ରେଣୀ, ପ୍ରହ୍ଲାଦ

**ଈ**ଶ୍ୱରଙ୍କ ସୃଷ୍ଟିରେ ସବୁଠାରୁ ବୁଦ୍ଧିମାନ ପ୍ରାଣୀ ହେଉଛି ମନୁଷ୍ୟ । ପ୍ରକୃତିର ଶାଶ୍ୱତ ନିୟମ ଅନୁସାରେ ଆନନ୍ଦ ବିଷାଦର ସମ୍ମିଶ୍ରଣରେ ସଂସାର ଭିତରେ ତାକୁ ବ□ିବାକୁ ପଡିଥାଏ । ଯେଉଁ ବ୍ୟକ୍ତି ବିଷାଦମୟ ପରିସ୍ଥିତିରେ ନିଜ ଉପରୁ ସବୁ ଆଶା ଓ ବିଶ୍ୱାସକୁ ହରାଇ ନିରାଶକୁ ନିଜର ମିତ୍ରଭାବ ବାଛିନିଏ, ସେଭଳି ବ୍ୟକ୍ତି ପାଇଁ ଏ ସଂସାରରେ ଶାନ୍ତି ଶୃଙ୍ଖଳାର ସହ ବ□ିବା, ସକରାତ୍ମକ ଚିନ୍ତନକୁ ଅଗ୍ରାଧିକାର ଦେବା ଓ ସଫଳତାର ସହ ଜୀବନ ପଥରେ ଅଗ୍ରସର ହେବା ଅତ୍ୟନ୍ତ କଷ୍ଟକର ହୋଇପଡେ । ତେଣୁ ଜୀବନର ଚଲାପଥରେ ନିରାଶ ଅଭିଶାପ ସଦୃଶ ଯାହା ଜୀବନକୁ ନୀରସ, ନିର୍ଜୀବ ଓ ଉଦ୍ଦୀପନା ହୀନତାରେ ଭରିଦିଏ । ଅପରପକ୍ଷେ, ଜୀବନରେ ଆଶା ଓ ବିଶ୍ୱାସ ସଞ୍ଜିବନୀ ସଦୃଶ । ସ୍ୱପ୍ନ ଓ ଉଦ୍ଦୀପନାହୀନ ଅଶାନ୍ତ ମନରେ ଭରିଦିଏ ପ୍ରତ୍ୟୟର ପରଶ । ଜ୍ୟୋତିର୍ମୟ ହୋଇଉଠେ ଜୀବନ । ଠିକ୍ ଯେପରି ନିଦାଘ ପରେ ବାରିଦର ପ୍ରଥମ ପରଶ । ତାପକ୍ଲିଷ୍ଟ ଧରାକୁ ଶୀତଳ ଓ ସବୁଜମୟ କରିଥାଏ । ମଣିଷର ଜୀବନ ସୁଖ-ଦୁଃଖ, ସମ୍ପଦ-ବିପଦ, ସଫଳତା-ଅସଫଳତାର ସମାହାର । ତେଣୁ କୌଣସି ପ୍ରକାରର ପ୍ରତିକୂଳ ପରସ୍ଥିତିରେ ନିରାଶ ଓ ହତାଶ ନହୋଇ ଦୁଃଖକୁ ଉଲ୍ଲାସର ସହ ହସି ହସି ଗ୍ରହଣ କରିନେବା ଉଚିତ୍ ।

ଯେଉଁ ବ୍ୟକ୍ତି ମନରେ ଜିତିବାରେ ଆଶା ରଖି କଠିନ ପରିଶ୍ରମ କରିଥାଏ, ଅଭାବ ତଥା କୌଣସି ବିପଦ ଆପଦରେ ଭାଙ୍ଗି ନପଡିବାକୁ ବିଶ୍ୱାସ ରଖିଥାଏ, ସେ ଭଳି ବ୍ୟକ୍ତି ଦିନେ ନା ଦିନେ ସଫଳତାର ସ୍ୱାଦ ଚାଖିଥାଏ । ଏ ଜୀବନ ସଂଘର୍ଷମୟ ଏବଂ ଆଶା ଓ ବିଶ୍ୱାସ ଆମକୁ ଏ ସଂଘର୍ଷମୟ ଜୀବନର ବତୀଘର ସଦୃଶ ମାର୍ଗଦର୍ଶନ କରାଇଥାନ୍ତି । ବୁଦ୍ଧିମାନ ଓ ବିବେକ ସମ୍ପନ୍ନ ବ୍ୟକ୍ତି ହୃଦୟରେ ଆଶା ଓ ବିଶ୍ୱାସ ପୋଷଣ କରି ନିର୍ଭୟର ସହ ପ୍ରତିକୂଳ ପରିସ୍ଥିତିକୁ ସାମନା କରିଥାଆନ୍ତି । ଅପର ପକ୍ଷରେ ନିର୍ବୁଦ୍ଧିଆ ବ୍ୟକ୍ତି ପ୍ରତିକୂଳ ପରିସ୍ଥିତିର ସାମନା କରିନପାରି ଚିନ୍ତିତ ଓ ଅବସନ୍ନ ଚି□ରେ ନିରାଶର ଅନ୍ଧକାର ମଧ୍ୟରେ ଘୂରି ବୁଲନ୍ତି ।

ଏ ଭାରତବର୍ଷରେ ବୁଦ୍ଧିବାନ ଓ ବିବେକମାନ ବ୍ୟକ୍ତିତ୍ୱର ଅଭାବ ନାହିଁ । ଏଭଳି ବ୍ୟକ୍ତିତ୍ୱ ଦେଶ ଓ ଜାତିର ଅମୂଲ୍ୟ ରତ୍ନ ସଦୃଶ । ଏହାର ଜ୍ୱଳନ୍ତ ଉଦାହରଣ ରୂପେ ସ୍ୱାମୀ ବିବେକାନନ୍ଦଙ୍କ କର୍ମମୟ ଜୀବନଚର୍ଯ୍ୟା ଆମ ସମ୍ମୁଖରେ ସର୍ବଦା ଉଦ୍‌ଭାସିତ ।

ଏହି ପରିପେକ୍ଷୀରେ ପ୍ରତ୍ୟେକ ଛାତ୍ର-ଛାତ୍ରୀ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ପାଠ କରିବା ନିତାନ୍ତ ଜରୁରୀ । ସେ ତାଙ୍କ ସ୍ୱଳ୍ପ ଜୀବନକାଳରେ ଗଭୀରରୁ ଗଭୀର ବିଷାଦମୟ ପରିସ୍ଥିତିରେ ମଧ୍ୟ ନିରାଶ ହୋଇ ନଥିଲେ ବରଂ ଆହୁରି ଉଜ୍ଜ୍ୱଳ ଓ ଶକ୍ତିମାନ ହୋଇ ଉଠିଥିଲେ । ସେ ସମ୍ପୂର୍ଣ୍ଣ ଭାବରେ ହୃଦୟଙ୍ଗମ କରିପାରିଥିଲେ ଯେ, ଦୁଃଖ ସୁଖ ମନୁଷ୍ୟ ଜୀବନର କଷଟି ପଥର । ତେଣୁ ନିଜର ନିରବିଛିନ୍ନ ଶ୍ରମ ଓ ଐକାନ୍ତିକ ଚେଷ୍ଟା ବଳରେ ସେ ସମଗ୍ର ବିଶ୍ୱବାସୀଙ୍କ ହୃଦୟକୁ ଜୟ କରି ପାରିଥିଲେ । ସେହିପରି ଆମର ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ଲାଲବାହାଦୂର ଶାସ୍ତ୍ରୀ ଜୀବନରେ ଅନେକ ଅଭାବ, ଅନାଟନ ଓ ବିପର୍ଯ୍ୟୟ ମଧ୍ୟରେ ଗତି କରି ମଧ୍ୟ କେବେବି ଭାଙ୍ଗି ପଡି ନଥିଲେ । ଆଶା ଓ ବିଶ୍ୱାସର ଅନ୍ୟତମ ପ୍ରତୀକ ହେଉଛନ୍ତି ଆମର ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ ଅବଦୁଲ କଲାମ୍ । ନିଜର ନିରବିଛିନ୍ନ ଚେଷ୍ଟା ଓ ସାଧନା ବଳରେ ଦେଶର ଶ୍ରେଷ୍ଠତମ ଆସନର ଅଧିକାରୀ ହୋଇ ପାରିଥିଲେ । ଏଣୁ ଆଶା ଓ ବିଶ୍ୱାସ ଜୀବନର ସମସ୍ତ ସଫଳତାର ଚାବିକାଠି । ପ୍ରତ୍ୟେକ ମନୁଷ୍ୟ ଅଖଣ୍ଡ ଶକ୍ତିର ଭଣ୍ଡାର ଏବଂ ତା ହୃଦୟ ଆଶା ଓ ବିଶ୍ୱାସର ଗନ୍ତାଘର । ତେଣୁ ନକରାତ୍ମକ ଚିନ୍ତାଧାରାରୁ ନିଜକୁ ଦୂରେଇ ରଖି ହୃଦୟରେ ସକରାତ୍ମକ ଚିନ୍ତାଧାରାକୁ ଉଜ୍ଜୀବିତ କରିବାକୁ ହେବ ଏବଂ ନିଜକୁ ନୈରାଶ୍ୟଠାରୁ ଦୂରରେ ଯିବାକୁ ପଡିବ । ତେବେ ଯାଇ ହୃଦୟରେ ଆଶାର ପୁଷ୍ପ ଆପେ ଆପେ ପ୍ରସ୍ଫୁଟିତ ହେବ ।

✦ ✦ ✦



# ପବିତ୍ର ସମ୍ପର୍କ

ସାବରୀ ସଲୋନି ପଣ୍ଡା
ଚତୁର୍ଥ ପ୍ରହ୍ଲାଦ

**ରା**ମବାବୁ ଜଣେ ଶିଳ୍ପପତି । ପତ୍ନୀ ତୁଳସୀ ଓ କନ୍ୟା ପୁଷ୍ପାକୁ ନେଇ ସେମାନଙ୍କ ସଂସାର । ପୁଷ୍ପା ଛଅ ସାତ ବରଷର । ଖୁସି ମିଜାଜର ପିଲା । ସବୁବେଳେ ମୁଖ ମଣ୍ଡଳରେ ହସର ଜୁଆର । କିନ୍ତୁ ଆଜି ତା'ର ମନ ଭାରି ଦୁଃଖ । ବିଦ୍ୟାଳୟରୁ ଫେରିଲା ବେଳରୁ ତା' ମୁଖ ମଣ୍ଡଳରେ ଖେଳିଯାଇଛି ଦୁଃଖ ତଥା ଅବସାଦର କଳା ବାଦଲ । ମାଆ ତା'ର ପଚାରି ପଚାରି ଥକି ଗଲେଣି । କିନ୍ତୁ ପୁଷ୍ପା ନୀରବ । ଚୁପ୍‌ଚାପ ଖାଇପିଇ ସେ ପଢ଼ାଘରକୁ ଚାଲିଗଲା । ହେଲେ ପାଠ ପଢ଼ାରେ ତା'ର ମନ ଲାଗିଲାନି ।

ଆସନ୍ତା କାଲି ରାକ୍ଷୀ ପୂର୍ଣ୍ଣିମା । ସମସ୍ତେ କେତେ ଖୁସିରେ ନିଜ ନିଜ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧିବେ, ପିଠା ଓ ମିଠା ଖାଇ ମଜା କରିବେ । ପୁଣି ବିଦ୍ୟାଳୟରେ ରାକ୍ଷୀପୂର୍ଣ୍ଣିମା ଅବସରରେ ସମସ୍ତେ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧିବା ସହିତ ନିଜସ୍ୱ ଦୃଷ୍ଟିରେ ଭାଇମାନଙ୍କ ପାଇଁ ଶୁଭେଚ୍ଛା ବା□ା ବିଷୟରେ ବକ୍ତବ୍ୟ ଉପସ୍ଥାପନା କରିବେ । ସେ କାହାକୁ ସେହି ମମତାଭରା ରାକ୍ଷୀ ବାନ୍ଧିବ ? ତା'ର ନିଜର ଭାଇ ନାହିଁ । ଏକଥା ଭାବି ଭାବି ସେ ଦୁଃଖରେ ଶୋଇଗଲା ।

ପରଦିନ ସକାଳୁ ଉଠି ସେ ବିଦ୍ୟାଳୟ ଯିବା ପାଇଁ ପ୍ରସ୍ତୁତ ହେଉଥିଲା । ଘରଠାରୁ ଅଳ୍ପଦୂର ଗଲା ପରେ ରାସ୍ତାକଡରେ ସାତ ଆଠ ବରଷର ପୁଅଟିଏ ଚିରା ଓ ମଇଳା ସାର୍ଟ ପିନ୍ଧି ଲୋକାମାନଙ୍କ ଜୋତା ପଲିସ୍ କରୁଥିଲା । ଅନ୍ୟ ମନସ୍କ ଭାବରେ ସେ ଚିନ୍ତା କରିବାକୁ ଲାଗିଲା, ପିଲାଟି ସ୍କୁଲ ନଯାଇ ଜୋତା ପଲିସ୍ କରୁଛି କାହିଁକି ? ତା' ଭଉଣୀ କ'ଣ ତାକୁ ରାକ୍ଷୀ ପିନ୍ଧାଇ ନାହିଁ । ତା' ସାଙ୍ଗ ଟିଟିଲ୍ ତ କହୁଥିଲା ତା ଭାଇ ତାକୁ ଛାଡି କୁଆଡେ ବି ଯାଆନ୍ତି ନାହିଁ । ଦୁଇ ଭାଇ ଭଉଣୀ ସାଙ୍ଗ ହୋଇ ପିଠା ଓ ମିଠା ଖାଇ ଖୁବ୍ ମଜା କରନ୍ତି । କିନ୍ତୁ ଏପିଲାଟି ଏପରି ଅବସ୍ଥାରେ କାହିଁକି ? ଏମିତି ଭାବି ଭାବି ଅନ୍ୟ ମନସ୍କ ଭାବେ ଚାଲୁଚାଲୁ ପଛରୁ ଏକ ସ୍କୁଟର ଆସି ଧକ୍କା ଦେଇ ଚାଲିଗଲା ଓ ସେ ତଳେ ପଡିଗଲା । ତାପରେ.......

ପୁଷ୍ପା ଆଖି ଖୋଲି ଦେଖିଲା ବେଳକୁ ସେ ଥିଲା ଡାକ୍ତରଖାନାର ଶଯ୍ୟାରେ । ପାଖରେ ବସିଛି ସେହି ଜୋତା ପଲିସ୍ କରୁଥିବା ପିଲାଟି । ତା' ମୁଣ୍ଡ ଆଉଁସୁଛି । ସେ ପୁଣି ଆଖି ବୁଜି ଦେଲା । କିଛି ସମୟ ପରେ ଖବର ପାଇ ବ୍ୟସ୍ତ ହୋଇ ରାମବାବୁ ଓ ତୁଳସୀ ଦେବୀ ଡାକ୍ତରଖାନାରେ ପହ□ିଲେ । ସେମାନଙ୍କର ଆଉ ବୁଝିବାକୁ ବାକି ରହିଲା ନାହିଁ ଯେ ଆମ ସମାଜ ଏପରିକି ସେ ନିଜେ ମଧ୍ୟ ଘୃଣା କରୁଥିବା ସେଇ ଅପରିଚ୍ଛନ୍ନ ପିଲାଟି ହିଁ ଝିଅର ଜୀବନ ବ□ାଇଛି । ପୁଷ୍ପା ବିକି ବିକି ହୋଇ କହି ଉଠିଲା ଭା........ଇ ଭା.........ଇ ମୋ ଭାଇ କାହିଁ ? ମୁଁ କାହାକୁ ରାକ୍ଷୀ ବାନ୍ଧିବି ?

ତୁଳସୀ ଦେବୀ ଦୌଡି ଯାଇ ପାଖ ଦୋକନରୁ ରାକ୍ଷୀଟିଏ କିଣି ଆଣି ପୁଷ୍ପା ହାତରେ ଧରାଇ ଦେଲେ ଏବଂ ତା'ର ଜୀବନ ବ□ାଇ ଥିବା ପିଲାଟି ହାତରେ ରାକ୍ଷୀ ବାନ୍ଧିବା ପାଇଁ କହିଲେ । ଏଇ ଯେ ତୋ'ର ଭାଇ । ଆଜିଠାରୁ ଏହି ତୋର ଭାଇ, ସେ ଆମ ଘରେ ରହିବ । ପୁଷ୍ପା ପିଲାଟିକୁ ରାକ୍ଷୀ ବାନ୍ଧି ଖୁସିରେ ଭାଇ ଭାଇ କହି କୁଣ୍ଢାଇ ପକାଇଲା । ସମାଜର ଅବହେଳିତ, ନିଷ୍ପେସିତ ପିଲାଟି ରକ୍ତ ସମ୍ପର୍କରେ ଭାଇ ନହୋଇ ମଧ୍ୟ ମାନବିକତା ତଥା ପରୋପକାରିତାର ଯେଉଁ ଶ୍ରେଷ୍ଠ ନିଦର୍ଶନ ଦେଖାଇଦେଲା ତାହା ଆମ ସମସ୍ତଙ୍କ ପାଇଁ ଅନୁକରଣୀୟ ।

ଆମ ସମାଜର ପ୍ରବହମାନ ପ୍ରଗତିର ସ୍ରୋତରୁ ପଦଚ୍ୟୁତ ନିଷ୍ପେସିତ ଅବହେଳିତ ଅପରିଚ୍ଛନ୍ନ ଶିଶୁମାନଙ୍କୁ ଦରିଦ୍ର ହେଲେ ମଧ୍ୟ ସେମାନଙ୍କ ହୃଦୟରେ ଭରି ରହିଛି ଅନ୍ୟ ପ୍ରତି ସ୍ନେହ, ଶ୍ରଦ୍ଧା, ଭଲ ପାଇବା, ପରୋପକାରିତା, ସତ୍ୟବାଦିତା, ଦୟା, କ୍ଷମା, ମାନବିକତା ପରି ଅନେକ ମହତ ଗୁଣ । ସେମାନଙ୍କୁ ଘୃଣା ନକରି ସେମାନଙ୍କ ମହତ ଗୁଣକୁ ଅନ୍ୱେଷଣ କରି ସଂସ୍କାରକ୍ଷମ କରାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇ ପାରିଲେ ଆମ ସୁନାର ଭାରତ ଗଠନର ସ୍ୱପ୍ନ ସାକାର ହୋଇପାରିବ ।

# ଆଜ୍ଞା ଟିକେ ଶୁଣିବେ କି ?

ଶ୍ରୀମତୀ ରାଜଲକ୍ଷ୍ମୀ ରଥ
ଆଚାର୍ଯ୍ୟା

ଆଜ୍ଞା କହିଲେ, କହିବେ କି ? ଆଜ୍ଞା ଯାହା କହିବି ସତ କହିବି, ସତ କହିବାକୁ ଡରିବି ନାହିଁ ।

କଥାରେ ଅଛି ଅତିଥି ଦେବୋ ଭବ । ପୂର୍ବେ ଘରକୁ ଅତିଥି ଆସିଲେ ଘରେ ଖୁସିର ଗୋଟିଏ ମାହୋଲ ହୋଇଯାଏ । ଘରେ ପିଲାମାନେ ଭାରି ଖୁସି ହୁଅନ୍ତି । କାରଣ ତାଙ୍କୁ ପାଠ ପଢ଼ିବାକୁ ପଡିବନି । ସମୟ ବି ଆନନ୍ଦରେ କଟିଯିବ । କିନ୍ତୁ ଆଜିକାଲି ସହରରେ ପ୍ରାୟ ଏକକ ପରିବାର । କେହି ଯଦି ଆତ୍ମୀୟ ସ୍ୱଜନ ଘରକୁ ଆସନ୍ତି ଦିନେ ଓଳିଏ ରହିଯାଆନ୍ତି । ସେ କେବେ ଯିବେ, ତାର ପ୍ରତୀକ୍ଷାରେ ଗୃହିଣୀଟି ରହିଥାଏ । କାରଣ ତାଙ୍କ ଉପରେ ରନ୍ଧାବଢ଼ାର ଭାର ବଢ଼ିଯାଏ । ଇଆଡେ ପିଲାମାନଙ୍କର ପାଠପଢ଼ା ନଷ୍ଟ । ଏଠି ମୁଁ କହିବାକୁ ବାଧ ହେଉଛି । ଆଗେ କ'ଣ ପିଲା ପାଠ ପଢୁନଥିଲେ ନା ଘରେ ପରିବାରର ସଦସ୍ୟ କମ୍ ଥିଲେ ? କିନ୍ତୁ ସେଥିରେ ଆମର ମାଆମାନେ ଅତିଥି ହୁଅନ୍ତୁ ବା ଆତ୍ମୀୟ ସ୍ୱଜନ ହୁଅନ୍ତୁ, ସେମାନଙ୍କର ଯଥେଷ୍ଟ ଚର୍ଚ୍ଚା କରୁଥିଲେ । କିନ୍ତୁ ଆଜିକାଲି ଏବେ ଆଉ ସେ କଥା ନାହିଁ । ଘରେ ରୋଷେଇ ହେଲା ତ ଭଲ କଥା ନହେଲେ ହୋଟେଲ, ଢ଼ାବା କ'ଣ ନାହିଁ ? ସେଠୁ କିଣା ହୋଇ ଆସିବ ।

ଆମେ ଜାଣିଛୁ ଅତିଥି ପରାୟଣତା ଆମ ଓଡ଼ିଆ ଜାତିର ବୈଶିଷ୍ଟ୍ୟ । କିନ୍ତୁ ଆଜି ଏହା ଦେଖିବା ବିରଳ । କାରଣ ଆଜି କୌଣସି ବିବାହ ଉତ୍ସବ ବା ଜନ୍ମଦିନ ଉତ୍ସବ ହେଉ ଆମେ ଖୋଜି ଲୋଡି କରି ବନ୍ଧୁମାନଙ୍କୁ ସାଙ୍ଗସାଥିଙ୍କ ଘରକୁ ଯାଇ ନିମନ୍ତ୍ରଣ କରିଆସୁ । କିନ୍ତୁ ଉତ୍ସବରେ ଡାକିଥିବା ଅତିଥି ବନ୍ଧୁବାନ୍ଧବ ଖାଇଲେ କି ନାହିଁ ତାକୁ ଦେଖିବାକୁ ବେଳ ନାହିଁ । ସମସ୍ତେ ବ୍ୟସ୍ତ । ନିଜ ବେଶପୋଷାକ ସାଜସଜ୍ଜାରେ । କିଏ ଗଲା, କିଏ ଆସିଲା, କିଏ ଖାଇଲା, କିଏ ଖାଇଲା ନାହିଁ ବିଭିନ୍ନ ପ୍ରକାର ଷ୍ଟଲ ଖୋଲାଯାଇଛି । ଖାମ୍ ଦିଅ, ପ୍ଲେଟ୍ ଧର ବୁଲି ବୁଲି କେଉଁଠି କ'ଣ ଅଛି ଖୋଜି ଲୋଡି ଖାଅ । କିଏ ସେଠି ନଥିବେ କିଛି କହିବା ପାଇଁ । କାହାର କହିବାର ନାହିଁ କି ଦେଖିବାର ନାହିଁ । ଆଜ୍ଞା ସତକଥା କହିବି । ମତେ ଆଦୌ ଏଭଳି ଭୋଜିରେ ଯିବାକୁ ଇଚ୍ଛା ହୁଏ ନାହିଁ କିନ୍ତୁ, ଅବସ୍ଥାକୁ ଦେଖି ନିଜକୁ ବଦଳିବାକୁ ପଡିବ । ଯେତିକି ଅତିଥିଙ୍କ ଚର୍ଚ୍ଚା କରିପାରିବ, ସେତିକି ଡାକିବ । ଯଦି ଠିକ୍ ଭାବରେ ସେମାନଙ୍କ କଥା ବୁଝିପାରିବନି ତେବେ ତାଙ୍କୁ ଡାକିବ କିଆଁ ? ଆଜ୍ଞା ସତକଥା କି ନାହିଁ କହିଲେ ଦେଖି । ଏଇତ ଗଲା ଆଜିର ଅତିଥି ଚର୍ଚ୍ଚା । ଭୋଜି ଭାତ କଥା ।

ଆଜିର ପାଠପଢ଼ା ବ୍ୟବସ୍ଥା ଦେଖିଲେ ମୁଁ ବେଳେ ବେଳେ ଭାବେ ପିଲାଙ୍କ ଭବିଷ୍ୟତ କ'ଣ ହେବ । ପିଲା ଆଜି ନିଜ ମନରୁ କିଛି କରିବା, ଲେଖିବା, କହିବା ଆଦୌ କରି ପାରୁନାହାନ୍ତି । ତାଙ୍କର ଚିନ୍ତନ ଶକ୍ତିକୁ ସଙ୍କୁଚିତ କରି ଦିଆଯାଇଛି । କାରଣ ତାଙ୍କ ପାଖରେ ବିନା ପରିଶ୍ରମରେ ପରୀକ୍ଷାରେ ନମ୍ବର ପାଇବା ପାଇଁ ସବୁ ସାମଗ୍ରୀ ରହିଛି । ଟେଷ୍ଟ ପେପର ପଢ଼, MBD ପଢ଼ ଉ□ର ଲେଖ । ଟିକେ ପ୍ରଶ୍ନ ଏପଟ ସେପଟ ହେଲେ ଉ□ର ଲେଖିବା କଷ୍ଟକର । ନିଜ ମନକୁ ଲେଖିବା, ମନକୁ ପଢ଼ି ବୁଝିବା ପାଇଁ ତାଙ୍କ ପାଖରେ ସମୟ ନାହିଁ କି ସୁଯୋଗ ନାହିଁ । ପିଲାମାନେ ଟିଉସନ, କୋଚିଂରେ ପଶିଲେ । ସ୍ୱାଧ୍ୟାୟ କରିବାକୁ ବେଳ କାହିଁ । ବେଢ଼ଙ୍ଗିଆ ବେଶ ପୋଷାକ ପିନ୍ଧି ରାସ୍ତାରୋକ ଆନ୍ଦୋଳନ କଲା ପରି ଫେଁ ଫେଁ ହେବା ପାଇଁ ସମୟ ରହିଛି । ହଁ ସତକଥା ଆଗରୁ ବେଶ ପୋଷାକ ଅତି ସାଧାରଣ ଥିଲା । କିନ୍ତୁ ଆମ ଦେଶ ପୋଷାକରେ ଏବେ ପାଶ୍ଚାତ୍ୟର ଝଲକ ଦେଖିବାକୁ ମିଳୁଛି । ଶାଢ଼ୀ ଓ ଧୋତି ପିନ୍ଧିବା ଉଠିଗଲାଣି । ଠିକ୍ ଅଛି ପିନ୍ଧ । କିନ୍ତୁ କଥାରେ ଅଛି "ଆପ୍‌ରୁଚି ଖାନା ଓ ପର ରୁଚି ପେହେନା" ନିଜ ରୁଚିରେ ଖାଇବ ଅନ୍ୟ ଆଖିକୁ ଯାହା ଭଲ ଦିଶିବ ତାହା ପିନ୍ଧିବ । ଦୁଇ ଦିନ ତଳେ ଗୋଟିଏ ମଲ୍‌କୁ ଯାଇଥିଲି । ସେଠି ଦୁଇଜଣ ମହିଳା ଠିଆ ହୋଇ ଜିନିଷ ଦେଖୁଥାନ୍ତି । ଦୁଇଜଣ ଲେଗିନସ୍ ପିନ୍ଧିଛନ୍ତି ଉପରେ କୁ□ା । ମୁଁ ପ୍ରଥମେ ଭାବିଲି ଦୁଇଭଉଣୀ ହୋଇଥିବେ କିମ୍ବା ସାଙ୍ଗ କିନ୍ତୁ

ତାଙ୍କ କଥାବା□ାରୁ ଜଣାଗଲାଯେ, ଦୁଇଜଣଙ୍କ ଭିତରୁ ଜଣେ ମାଆ ଅନ୍ୟ ଜଣଙ୍କ ଝିଅ । ଆଜ୍ଞା ମାଆ ସିନା ମାଆ ପରି ରହିଲେ ଭଲ ଲାଗେ । ମାଆର ମର୍ଯ୍ୟଦା ବଡ଼େ । ମାଆ ଯଦି ଭଉଣୀ ପରି ବେଶ ପୋଷାକ ପିନ୍ଧିବେ, ତେବେ ପିଲାମାନେ ମାଆକୁ ମାନିବେ କାହିଁକି ? ମାଆମାନେ ଯେତେବେଳେ ନିଜ ପିଲାମାନଙ୍କୁ ବାହାରକୁ ଛାଡିବେ, ଦେଖିବା କଥା ମୋ ପିଲାଟି ଉଚିତ ପୋଷାକ ପିନ୍ଧିଛିତ, ପୋଷାକଟି ତାକୁ ମାନୁଛିତ, ଅନ୍ୟର ଦୃଷ୍ଟିକଟୁ ହେଉ ନାହିଁତ ? ମୁଁ ଚାରି ପା□ବର୍ଷ ତଳେ ପଶ୍ଚିମବଙ୍ଗର ନଦିଆ ଜିଲ୍ଲାର ଇସକନ୍ ମନ୍ଦିର ଯାଇଥିଲି । ସେଠି ବିଦେଶିନୀ ମାନେ ଆସି ଧୋତି ଫତେଇ ପିନ୍ଧିଛନ୍ତି, ମୁଣ୍ଡରେ ଚନ୍ଦନର ଚିତା କରିଛନ୍ତି । ତୁଳସୀମାଳି ପିନ୍ଧିଛନ୍ତ । ସ୍ତ୍ରୀଲୋକମାନେ ଶାଢ଼ୀ ଚୁଡ଼ି ପିନ୍ଧିଛନ୍ତି । ପିଲାମାନେ ସେଠି ରହି ଗୀତା, ବେଦ ଅଧ୍ୟୟନ କରୁଛନ୍ତି । କିନ୍ତୁ ଆମେ ଭାରତୀୟ, ଆମ ପିଲାମାନଙ୍କୁ ଗୀତା ପଢ଼ିବା ଦୂର କଥା, ଓଡିଆ ଭାଷା ବିଦ୍ୟାଳୟରେ ପଢ଼ାଇବାକୁ ଲାଜ ମାଡୁଛି । ଓଡ଼ିଆ ଆମ ମାତୃଭାଷା । ହିନ୍ଦୀ ଆମର ରାଷ୍ଟ୍ରଭାଷା । ସେ ବିଷୟ ପ୍ରତି କାହାର ରୁଚି ନାହିଁ । ଖାଲି ଇଂରାଜୀ, ଗଣିତ, ବିଜ୍ଞାନ ପଢ଼ିବାରେ ସମୟ ଦେଲେ । ମାତୃଭାଷାକୁ ଯଦି ଆମେ ଗୁରୁତ୍ୱ ଦେବା ନାହିଁ ଆମର ଅନ୍ୟ ବିଷୟରେ ମଧ୍ୟ ଜ୍ଞାନ ଠିକ୍ ଭାବରେ ହେବ ନାହିଁ । ସମସ୍ତେ କ'ଣ ଡାକ୍ତର, ଇଞ୍ଜିନିୟର ହେବେ ? ଜଣେ ସାହିତ୍ୟିକ ହେଲେ କ'ଣ ସେ ସୁନାମ ଅର୍ଜନ କରିବ ନାହିଁ ? ତେଣୁ ଆମକୁ ମାତୃଭାଷା ପ୍ରତି ଦୃଷ୍ଟି ଦେବାକୁ ହେବ । ଯିଏ ମାତୃଭାଷାକୁ ଭଲ ପାଏ ନାହିଁ ନିଜ ମାତୃଭୂମିକୁ ଭଲ ପାଇ ପାରିବ କିପରି ?

ଆଜ୍ଞା ଆମ ଓଡ଼ିଶାର ପ୍ରାୟ ଲୋକ ପାନ ଖାଆନ୍ତି । ପୂର୍ବେ ପାନ ବଟୁଆର ପ୍ରଚଳନ ଥିଲା । ସେତେବେଳେ ଲୋକେ ପାନ ଖାଉଥିଲେ କିନ୍ତୁ ରାସ୍ତାଘାଟ କାନ୍ଥ ପାନଛେପରେ ବୁଡି ଯାଉନଥିଲା । ଏବେ ଏମିତିକି ଜଗନ୍ନାଥଙ୍କ ଫଟୋଥିବା କାନ୍ଥରେ ପାନଛେପ ନପକାଇବା ପାଇଁ ଲଗାଉଛନ୍ତି, ହେଲେ ତାକୁ ମଧ୍ୟ ପାନ ପିକ ପକାଇ ବୁଡାଇ ଦେଉଛନ୍ତି । ଟିକେ ସଙ୍କୋଚ ମଧ୍ୟ କରୁ ନାହାନ୍ତି । ଏଣେ ନବବର୍ଷ ହେଲେ ରାତି ପାହିଲେ ଜଗନ୍ନାଥ ଦର୍ଶନ କରି ଆଶୀର୍ବାଦ ପାଇବା ପାଇଁ ଭିଡ କରନ୍ତି । ମୁଁ ପାଶ୍ଚାତ୍ୟ ଦେଶର ଉଦାହରଣ ଦେବି । ସେମାନେ ନିଜର ରାସ୍ତାଘାଟ, ଯେକୌଣସି ସପିଙ୍ଗମଲ୍, ସବୁ ସ୍ଥାନରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସମସ୍ତେ ତତ୍ପର । କୌଣସି ଯାଗାରେ ଅଳିଆ ଆବର୍ଜନା ପାଇବା ନାହିଁ । ସମସ୍ତେ ଯେପରି ସ୍ୱଚ୍ଛତା ପ୍ରତି ସଚେତନ ଅଟନ୍ତି । ତେଣୁ ତାଙ୍କୁ ରାସ୍ତାଘାଟ ସଦାସର୍ବଦା ଚକାଚକ୍ । ତେଣୁ ଆମେ ଯଦି ସ୍ୱଚ୍ଛତା ପ୍ରତି ସଚେତନ ହେବା ଆମ ଦେଶ ମଧ୍ୟ ପରିଷ୍କାର ପରିଚ୍ଛନ୍ନ ରହିବ ।



**କ୍ଷୀରାବ୍ଧୀ ତନୟା ପ୍ରଧାନ**
**ତୃତୀୟ ଶ୍ରେଣୀ, ଧର୍ମପଦ**

# ମୋ ବିମାନ ଯାତ୍ରା ଅନୁଭୂତି

**ଶ୍ରୀଯୁକ୍ତ ସଂଗ୍ରାମକେଶରୀ ମହାନ୍ତି**
(ଆଚାର୍ଯ୍ୟ)

ପିଲାଦିନେ ଚୌଦ୍ୱାରରେ ବାପା OTMରେ ଚାକିରି କରିଥିବାରୁ ମୁଁ ସେଠାରେ ରହି ପଢୁଥିଲି । ସେଠାରେ ଚାରିବାଟିଆ ଭାରତ ସରକାରଙ୍କ ଦ୍ୱିତୀୟ ବୃହ□ମ ଗୁପ୍ତ ବିମାନଘାଟି ବ୍ରିଟିଶ ଶାସନ ଅମଳରୁ ରହିଆସିଛି । ଏହାକୁ ARC ବା Aeronatic Research centre କୁହାଯାଏ । ମୁଁ ଚାରବାଟିଆ ପାଖରେ ରହୁଥିବାରୁ ଏଠାରୁ ଉଠୁଥିବା, ଉଡୁଥିବା, ପଡୁଥିବା ସମସ୍ତ ପ୍ରକାର ଯୁଦ୍ଧ ବିମାନଗୁଡିକର ଗତିବିଧି ଲକ୍ଷ୍ୟ କରିବାକୁ ମୋତେ ଭାରି ଭଲ ଲାଗେ । ଧିରେ ଧିରେ ମୁଁ ବଡ ହେଲାପରେ ମୋର ବିମାନ ଉଡାଣ ପ୍ରତି ଆଗ୍ରହ ବଢ଼ିଚାଲିଲା । ତେଣୁ ମୁଁ ବଡହେଲେ ଗୋଟିଏ ପାଇଲଟ ହେବାକୁ ଭାରିଇଛା ହେଲା । ଏହା ସହିତ Airforce ରେ ଯୁଦ୍ଧ ଜାହାଜ ଗୁଡିକ ବିଷୟରେ ଅଧିକରୁ ଅଧିକ ଜାଣିବା ପାଇଁ ମଧ୍ୟ ମନରେ ଆଗ୍ରହ ବଢ଼ିଚାଲିଲା । ଗୋଟିଏ ବର୍ଷ A.R.C Birthday ଦିନ ଆମକୁ ଏକ ଅପୂର୍ବ ସୁଯୋଗ ମିଳିଲା । ସେହିବର୍ଷ ଅନ୍ୟବର୍ଷ ପରି ପର୍ବପାଳନ ହେବା ସହିତ OMP ଓ ARC ର staff ମାନଙ୍କ ପରିବାରକୁ A.R.C ଭିତରକୁ ଛଡାଯାଇ, ସେଠାରେ ଥିବା ସମସ୍ତ ପ୍ରକାର ଯୁଦ୍ଧ ଜାହାଜରୁ ଗୋଟିଏ ଲେଖାଁ ପ୍ରଦର୍ଶନ ପାଇଁ ରଖାଯାଇଥିଲା । ଆମର ଜଣେ ବନ୍ଧୁ OMPରେ ଚାକିରୀ କରିଥିବାରୁ ଏବଂ ମୋର ମନରେ ଏହା ପ୍ରତି ପ୍ରବଳ ଆଗ୍ରହ ଥିବା, ସେ ଆଗରୁ ଜାଣିଥିବାରୁ, ମୋତେ ସେ ସାଙ୍ଗରେ ଭିତରକୁ ନେଇଥିଲେ । ଧିରେ ଧିରେ ମୁଁ ବଡ ହେଲାପରେ ଦାରିଦ୍ର୍ୟତା ଯୋଗୁଁ ପାଇଲଟଟିଏ ତ ହୋଇପାରିଲି ନାହିଁ । ବିମାନ ଯାତ୍ରା କରିବା ମଧ୍ୟ ଅସମ୍ଭବ ହୋଇ ପଡିଲା । କିନ୍ତୁ ବିମାନ ଯାତ୍ରା କରିବାର ଉତ୍ସୁକତା ସମସ୍ତ ପରି ମୋ ମନରେ ସଦାସର୍ବଦା ସତେଜ ହୋଇ ରହିଥିଲା । ପ୍ରତ୍ୟେକ ବିମାନ ଉଡାଣକୁ ଦେଖିଲେ ମୋର ମନେ ପଡିଯାଏ ମୋ ପିଲାଦିନର ବିମାନ ଅନୁଭୂତି ଗୁଡିକ ଏବଂ ତାହା ସହିତ ଭାବେ ଯେ କେବେ ମୋର ସୌଭାଗ୍ୟ ଆସିବ ? ଏହି ଉତ୍ସୁକତା ମୋର ଅଧିକରୁ ଅଧିକ ବଢ଼ିବାରେ ଲାଗିଲା । ତେବେ ଗତ ୨୦୧୨ ଜୁନ ମାସରେ ବିମାନରେ ଯାତ୍ରା କରିବାର ସୁଯୋଗ ମୋତେ ମିଳିଲା । ମୁଁ ଏହି ଯାତ୍ରା ଏକ ସଂସ୍ଥା ମାଧ୍ୟମରେ କରିଥିଲି । ତେଣୁ ବହୁତ ଆଗରୁ ମୋତେ ଟଙ୍କା ଜମା କରିବାକୁ ପଡିଥିଲା । ବହୁତ ଶସ୍ତାରେ ଏହି ସଂସ୍ଥା ବିମାନଯାତ୍ରା ସହିତ ତୀର୍ଥଯାତ୍ରା କରାଉଥିବାରୁ ମୋର ଯଦିଓ ଭରସା ନଥିଲା ତଥାପି ସିରିଡି ସାଇ ବାବାଙ୍କର ହୁଏତ ଏହା ପରୋକ୍ଷଭାବରେ ମୋ ପ୍ରତି ଇଙ୍ଗିତ ବା ପ୍ରାର୍ଥନା ପୂରଣର ସୂଚନା ଭାବି ଓ ତାଙ୍କ ଉପରେ ବିଶ୍ୱାସ ରଖି ତିନିମାସ ପୂର୍ବରୁ ମୁଁ ପା□ଜଣଙ୍କ ପାଇଁ ଜଣକା ଚାରିହଜାର ଲେଖାଁ କୋଡିଏ ହଜାର ଟଙ୍କା ଜମା କରିଥିଲି । ସେହି ସଂସ୍ଥା ତାର ପ୍ରତିଶ୍ରୁତି ପାଳନ ପୂର୍ବକ ଆମକୁ ଆଗରୁ ତାରିଖ ଜଣାଇଲେ ବିମାନ ଯାତ୍ରା କରି ତୀର୍ଥଯାତ୍ରାରେ ଯିବାକୁ । ସେଥିପାଇଁ ମୁଁ ଆଗରୁ ପ୍ରସ୍ତୁତ ହୋଇରହିଲି । ଏହି ଦିନ କାର୍ଯ୍ୟ ଦିବସ ଥିବାରୁ ମୁଁ ବିଦ୍ୟାଳୟରୁ ଛୁଟି ନେଇଥିଲି ଚାରିଦିନ ପାଇଁ । ପ୍ରାତଃ ୫.50 ମିରେ ଉଡାଣ ସମୟଥିବାରୁ ସୂଚନା ମୁତାବକ ଆମେ ପ୍ରାତଃ 7.30ମି. ସୁଦ୍ଧା ଭୁବନେଶ୍ୱର ବିମାନବନ୍ଦରରେ ପରିଚୟପତ୍ର ଯା□ କରି ଭିତରକୁ ଛାଡିବା ପରେ ଆମର ଲଗେଜ ଗୁଡିକୁ ମେସିନ ସାହାଯ୍ୟରେ ସ୍କାନିଂ କରାଗଲା ଓ ସେଥିରେ ଯା□ ମୋହର ମରାଗଲା । ନିଜ ପାଖରୁ କିମ୍ବା ଲଗେଜ ଭିତରେ ଥିବା କୌଣସି ପ୍ରକାର ଅସ୍ତ୍ରଭଳି କାର୍ଯ୍ୟ କରୁଥିବା ଯଥା– ବ୍ଲେଡ, ଜିଭଛେଲା, ସ୍କ୍ରୁଡାଇଭର, ଟେଷ୍ଟର ଇତ୍ୟାଦିକୁ ମଧ୍ୟ ସଙ୍ଗରେ ନେବାକୁ ଅନୁମତି ଦିଆଯାଇନଥିଲା । ଏହାପରେ ଆମଟିକେଟକୁ ଯା□ କରାଗଲା ଏବଂ ଆମକୁ ପ୍ରତୀକ୍ଷାଳୟରେ ବସିବା ପାଇଁ କୁହାଗଲା । ଏହି ସବୁକାର୍ଯ୍ୟ 7.30 ରୁ ୫.15ମି. ମଧ୍ୟରେ ସରିଗଲା । ଏହାପରେ ଆମକୁ ବିମାନ ନିକଟକୁ ଇଣ୍ଡିଗୋ କମ୍ପାନିର ଶୀତତାପ ନିୟନ୍ତ୍ରିତ ଏକ ବସରେ ନିଆଗଲା । ଆମେ ବସରୁ ଓହ୍ଲାଇ ବିମାନରେ ପ୍ରବେଶ ନିମନ୍ତେ ସିଡିରେ ଚଢ଼ିଲୁ । ଏହି ସମୟରେ ମୁଁ ବିମାନର ବିଶାଳକାୟ ଶରୀରକୁ ଖୁବ୍ ନିକଟରୁ ଦେଖିବାକୁ ପାଇଲି ଓ ବହୁତ ଖୁସି ଅନୁଭବ କଲି । ତିନି ଚାରୋଟି ଫଟୋ ଉଠାଇଲି । ଯେତେବେଳେ ବିମାନର ପଛଦ୍ୱାରରେ ମୁଁ ପ୍ରବେଶ କଲି ସେଠାରେ ଜଣେ ସୁନ୍ଦରୀ ଏୟାରହୋଷ୍ଟେସ୍ ଛିଡାହୋଇ ଆମକୁ

"Good morning sir, you are most welcome" କହି ଆମକୁ ସ୍ୱାଗତ ଜଣାଇଲେ ଓ ଭିତରକୁ ପଠାଇଲେ । ଭିତରେ ପ୍ରବେଶ କରିବା ପରେ ମୁଁ ବିମାନର ଭିତରେ ଥିବା ବିଶାଳକାୟ ଶରୀରକୁ ଦେଖିପାରିଲି । କାରଣ ଏହାର ଲମ୍ୱ ପ୍ରାୟ ପାଖାପାଖି ଚାରିଗୋଟି ବଡବସ୍ ସହିତ ସମାନ୍ । ଏଥିରେ 180ଜଣ ଯାତ୍ରୀ ଯାତ୍ରା କରିପାରିବେ 30ଗୋଟି ଲାଇନ୍ ଓ ପ୍ରତ୍ୟେକ ଲାଇନରେ 6ଜଣ ଯାତ୍ରୀ ବସନ୍ତି । ବାମ ଓ ଡାହାଣ ମଝିରେ ଆଗକୁ ପଛକୁ ଯିବା ପାଇଁ ବସପରି ବାଟ ରହିଥାଏ । ଯାତ୍ରୀମାନଙ୍କର ବସିବା ସ୍ଥାନ ବାଦ୍ ପଛକୁ ରହିଥାଏ କ୍ୟାବିନ ଓ ଏୟାରହୋଷ୍ଟେସ୍ ମାନଙ୍କର ବସିବା ସ୍ଥାନ ସହିତ ଦୁଇପଟେ ଦୁଇଗୋଟି Toilet । ସେହିପରି ଆଗପଟରେ ମଧ୍ୟ କକ୍ ପିଟ୍ ପାଖରେ ଦୁଇପଟେ ଦୁଇଗୋଟି Toilet । ଯେଉଁ ଯାତ୍ରୀକୁ ଯେଉଁ Toilet ପାଖ ହୋଇଥାଏ ସେଠାକୁ ଯାଇପାରିବେ ନିଜର ସୁବିଧା ଅନୁସାରେ । ଆମେ ବିମାନ ଭିତରେ ପ୍ରବେଶ କରିବା ପରେ ଆମ ଟିକେଟ୍‌କୁ ଦେଖି ବସିବାରେ ଆଉ ଜଣେ ଏୟାର ହୋଷ୍ଟେସ୍ ସାହାଯ୍ୟ କଲେ । ଆମେ ସମସ୍ତେ ବସିବା ପରେ ବିମାନ ଭିତରେ ପ୍ରଚୁର ପରିମାଣରେ Oxygen ଛଡାଗଲା । ତେଣୁ ଏହା ଭିତରେ ପ୍ରାୟ କୁହୁଡିଆ ଦେଖାଗଲା । ସେତେବେଳେ ସମୟ ହୋଇଯାଇଥିଲା ୫.30ମି. ଆମେ ଏହି Travel ସଂସ୍ଥା ତରଫରୁ ୫0ଜଣ ଏକକାଳୀନ ଯାତ୍ରା କରୁଥିବାରୁ ବିମାନର ସମସ୍ତ ସିଟ୍ ପୂରଣ ହୋଇ ଯାଇଥିଲା । ଏହାପରେ ଏୟାର ହୋଷ୍ଟେସ୍ ମାଇକରେ ଘୋଷଣା କଲେ ଯେ ତାଙ୍କ ପ୍ରତି ସମସ୍ତେ ଅନାଇ ମନଦେଇ ଶୁଣନ୍ତୁ । ଆମେ ତାଙ୍କୁ ଅନାଇବାରୁ ସେ ଡେମୋ କରି ଅପାତକାଳରେ କିପରି ଓ କେଉଁଠାରୁ ଆକାଶଛତା କାଢ଼ି ବ୍ୟବହାର କରାଯିବ ଓ କିପରି ଓ କେଉଁଠାରେ ଡେଇଁବାକୁ ପଡିବ, କିପରି ଜଣେ ଅଧିକ ପରିମାଣରେ Oxygen ବ୍ୟବହାର କରିପାରିବ ଇତ୍ୟାଦି । ସେହି ବିମାନରେ ମୋଟରେ ଆଗପାଇଁ 2 ଓ ପଛପାଇଁ 2, ମୋଟ 4 ଜଣ ବିମାନ ପରିଚାରିକା ଥିଲେ । ସେମାନେ ଯାତ୍ରୀ ମାନଙ୍କୁ ଆକୃଷ୍ଟ କରିବାପାଇଁ ବା Indigo ସେବାସହିତ ଯୋଡିହୋଇ ରହିବାପାଇଁ ସେମାନଙ୍କର ଡିୟୁଟି ଠିକ୍ ଭାବରେ କରୁଥାନ୍ତି । ଡେମୋ ପ୍ରଦର୍ଶନ ପରେ ଠିକ୍ ୫.40 ମିରେ ଆମକୁ Belt ବାନ୍ଧିବା ପାଇଁ ସୂଚନା ଦିଆଗଲା । ଏହାପରେ ବିମାନ ରନ୍‌ୱେରେ ଗଡିବାକୁ ଲାଗିଲା ମୁଁ ସେହି ସମୟରେ ଅତ୍ୟନ୍ତ ଉତ୍ସୁକତାର ସହିତ ବିମାନର ପଛଭାଗରେ ଏବଂ ଡାହାଣ କଡ ସିଟରେ ବସି glass window ବାଟେ ହାଣ୍ଡିକାମରେ ବାହାରେ ଥିବା ଦୃଶ୍ୟଗୁଡିକୁ video shooting କଲି । ମୋ ମନରେ ଥିବା ଏତେଦିନର ସ୍ୱପ୍ନ ଓ ଆଶା ଆଜି ସଫଳ ହେଲା ଏବଂ ଆଜି ମୁଁ ମୋ ବିଦ୍ୟାଳୟ ଉପରେ ବିମାନଯାତ୍ରା କରି ମୋ ବିଦ୍ୟାଳୟକୁ ଦେଖିବି । ରନ୍‌ୱେରେ ଦ୍ରୁତଗତିରେ ବିମାନ ଦୌଡିଲା ବେଳେ ମୁଁ ପୋଖରୀପୁଟ ସ୍ଥିତ D.A.V. ସ୍କୁଲକୁ ଭଲଭାବରେ ଦେଖିପାରିଲି ଓ ଠିକ୍ ଏହାର 4ସେକେଣ୍ଡରେ ବିମାନ ଉପରକୁ ଉଠିବା ଆରମ୍ଭ କଲା । ଉପରକୁ ଉଠିବା ସମୟରେ ମୁଁ ଭାବୁଥିଲି ଯେ ବୋଧ ହୁଏ ଗୋଟିଏ ଝଟକା ଲାଗିବ କିନ୍ତୁ ସେପରି କିଛି ମୁଁ ପଛରେ ବସିଥିବାରୁ ଲାଗିଲା ନାହିଁ । ଉଠିବା ପରେ ଯେଉଁ ଦୃଶ୍ୟ ଗୁଡିକୁ ମୁଁ ଦେଖିବାକୁ ପାଇଲି ସେଥିରେ ଆମ ବିଦ୍ୟାଳୟକୁ ଦେଖିପାରିଲି ନାହିଁ । ବୋଧହୁଏ ମୁଁ ବାମପଟେ ବସିଥିଲେ ଦେଖିପାରିଥାନ୍ତି । ତାପରେ ମୁଁ ଦୟାନଦୀ, ପୁରୀ ରୋଡ, ଦୟାନଦୀ ସେତୁ ଇତ୍ୟାଦି ଦେଖିଲି । ଠିକ୍ ତା'ପରେ ବିମାନ ଦକ୍ଷିଣ ମୋଡନେବାର ଅନୁଭବନ ହେଲା । ଏହା ପରେ ପରେ ବିମାନ ପରିଚାରିକା ଏକ ଟ୍ରଲି ମାଧ୍ୟମରେ ବିଭିନ୍ନ ପ୍ରକାର ପାନୀୟ ଯଥା-କଫି, cold drinks ଇତ୍ୟାଦି ବିକ୍ରୟ ମାଧ୍ୟମରେ ପରିବେଷଣ କଲେ । ଯେତେବେଳେ ବିମାନ 30,000 ଫୁଟରେ ଉଡିବା ସମୟରେ ମୁଁ ଭାବବିହ୍ୱଳିତ ଦୃଶ୍ୟମାନ ଦେଖିବାକୁ ପାଇଲି । ମୋର ଧାରଣା ଥିଲା ଯେ ତଳେ ଯେଉଁ ଦୃଶ୍ୟଗୁଡିକ ଦେଖିବାକୁ ମିଳୁଥିଲା, ସେଗୁଡିକ ବସରେ ଯାତ୍ରା କଲାବେଳେ ଗଛଗୁଡିକ ଦ୍ରୁତଗତିରେ ପଛକୁ ଚାଲିଗଲା ପରି ଚାଲିଯାଉଥିବ କିନ୍ତୁ ତାହା ଠିକ୍ ନଥିଲା । ବିମାନ ଯେତେଦ୍ରୁତ ଗତିରେ ଯାଉଥିଲେ ମଧ୍ୟ ସେ ଦୃଶ୍ୟ ଗୁଡିକ ଖୁବ ଧିରେ ଧିରେ ପଛକୁ ଯାଉଥିଲା । ଯେଉଁ ସ୍ଥାନରେ ପ୍ରବଳ ବଉଦ ଥିଲା ଓ ମେଘ ଢ଼ାଙ୍କି ରହିଥିଲା ସେହି ଜାଗାରେ ମୁଁ ଦେଖିଲି ଯେ ବିମାନର ବହୁତ ତଳେ ଖଣ୍ଡ ଖଣ୍ଡ ବଉଦ ଗୁଡିକୁ ବିମାନର ଗତି ପଥରେ ଅନେକ ଜଙ୍ଗଲ ଓ ସମୁଦ୍ର କୂଳ ମଧ୍ୟ ପଡିବା ଦେଖିବାକୁ ପାଇଲି । ବୋଧହୁଏ ଏହା ବଙ୍ଗୋପସାଗର କୂଳରେ ଉଡୁଥିଲା ଏହି ସବୁ ଦୃଶ୍ୟ ଗୁଡିକୁ ମୁଁ ଝରକା ବାଟରେ ସୁଟିଂ କଲି ଲୁକାୟିତ ଭାବରେ । କାରଣ ଏୟାର ହୋଷ୍ଟେସ୍‌ମାନେ ସୁଟିଂ କରିବା ଓ ଫଟୋ ଉଠାଇବାକୁ ଅନୁମତି ଦେଉନଥିଲେ । ଏହାପରେ ମୁଁ ମୋର ଛୋଟ କ୍ୟାମେରା ଓ ହା□କାମକୁ ପକେଟରେ ପୁରାଇ Toilet ଭିତରକୁ ପ୍ରବେଶ କରି ଭିତରୁ ଲକ କରି ସେଠାରେ

